ବର୍ଷ-୨୬, ସଂଖ୍ୟା-୨୭୮
ଭୁବନେଶ୍ୱର
ଅକ୍ଟୋବର, ୧୫, ୨୦୨୬ ଗୁରୁବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 278
Bhubaneswar
October, 15, 2026, Thursday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

କଳିଉଡ଼ରେ ଏଣ୍ଟ୍ରି ମାରିଲେ କୀର୍ତ୍ତି



**କଳିଙ୍ଗନଗରରେ ବୃହତ ଶିଳ୍ପ ସମାରୋହ**

# ଓଡ଼ିଶା ହେବ ଶ୍ରେଷ୍ଠ ମାନୁଫାକ୍ଚରିଂ ହବ୍ : ମୁଖ୍ୟମନ୍ତ୍ରୀ




ଭୁବନେଶ୍ୱର/ଯାଜପୁର, ୧୪।୧୦(ମହାଭାରତ): ରାଜ୍ୟର ଶିଳ୍ପାୟନ ପ୍ରକ୍ରିୟା ଆହୁରି ଗତିଶୀଳ କରି ଆଜି ଯାଜପୁର ଜିଲ୍ଲା କଳିଙ୍ଗନଗର ଠାରେ ଏକ ବୃହତ ଶିଳ୍ପ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ରାଜ୍ୟର ୧୪ଟି ଜିଲ୍ଲାରେ ୩୯,୩୮୩ କୋଟି ଟଙ୍କାର ପୁଞ୍ଜି ନିବେଶରେ ୪୬ଟି ମଧ୍ୟମ ଓ ବୃହତ୍ ଶିଳ୍ପ ପ୍ରକଳ୍ପର ଭୂମିପୂଜନ ଏବଂ ଉଦ୍‌ଘାଟନ କରିଛନ୍ତି। ଏହାଦ୍ୱାରା ୪୨,୫୧୨ଟି ନିଯୁକ୍ତି ସୃଷ୍ଟି ହୋଇଛି।ଏହି ପଦକ୍ଷେପ ରାଜ୍ୟର ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ସହିତ ଯୁବବର୍ଗଙ୍କ ପାଇଁ ବ୍ୟାପକ ରୋଜଗାରର ସୁଯୋଗ ସୃଷ୍ଟି କରିବ।

ଏହି ଅବସରରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜିର ଏହି ଶୁଭ ଦିନରେ ସମଗ୍ର ଓଡିଶାରେ ଯେଉଁ ଶିଳ୍ପ ପ୍ରକଳ୍ପଗୁଡ଼ିକର ଶୁଭାରମ୍ଭ ହେଉଛି, ତାହା ରାଜ୍ୟର ଦ୍ୱିତୀୟ ଶିଳ୍ପ ବିପ୍ଳବର ଏକ ସ୍ୱର୍ଣ୍ଣିମ ଅଧ୍ୟାୟ। ଆମ ସରକାର ଆସିବା ପୂର୍ବରୁ ଶିଳ୍ପ ନିବେଶ କେବଳ ଏକ ସ୍ଲୋଗାନ ଏବଂ ପ୍ରଚାର ପ୍ରସାରର ମାଧ୍ୟମ ହୋଇ ରହିଥିଲା। କିନ୍ତୁ ଆମେ ପ୍ରତିଟି ବୁଝାମଣାପତ୍ର କୁ ବାସ୍ତବ ରୂପ ଦେଇ ଫାକ୍ଟ୍ରି ନିର୍ମାଣ କରି ଉତ୍ପାଦନ ଆରମ୍ଭ କରିଛୁ ଏବଂ ଆମର ଓଡିଆ ପୁଅ-ଝିଅମାନଙ୍କୁ ନିଯୁକ୍ତି ଦେବାରେ ସମର୍ଥ ହୋଇଛୁ।

ସେ ଆହୁରି ମଧ୍ୟ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ 'ପୂର୍ବୋଦୟ' ପରିକଳ୍ପନାର କେନ୍ଦ୍ରରେ ରହିଛି ଓଡିଶା। ଆଗାମୀ ଦଶ ବର୍ଷ ଭିତରେ ରାଜ୍ୟର ଅର୍ଥନୀତିକୁ ୫୦୦ ବିଲିୟନ ଆମେରିକୀୟ ଡଲାରରେ ପହଞ୍ଚାଇବା ପାଇଁ ଆମେ 'ସମୃଦ୍ଧ ଓଡିଶା' ଗଠନର ଲକ୍ଷ୍ୟ ରଖିଛୁ। ନୀତି ଆୟୋଗର ସୂଚକାଙ୍କ ଅନୁସାରେ ଓଡିଶା ବର୍ତ୍ତମାନ ଦେଶରେ ପୁଞ୍ଜି ଆକର୍ଷଣ କ୍ଷେତ୍ରରେ ଦ୍ୱିତୀୟ ସ୍ଥାନ ଅଧିକାର କରିବା ଆମ ସରକାରଙ୍କ ଉପରେ ଶିଳ୍ପ ଜଗତର ଦୃଢ଼ ଆସ୍ଥାର ପ୍ରମାଣ ଦେଉଛି।

ଉଲ୍ଲେଖଯୋଗ୍ୟ ଯେ, ଯାଜପୁରର କଳିଙ୍ଗନଗର ଅଞ୍ଚଳ ଆଜି ରାଜ୍ୟର ଶିଳ୍ପାୟନ ପ୍ରକ୍ରିୟାର ପ୍ରମୁଖ କେନ୍ଦ୍ରବିନ୍ଦୁ ପାଲଟିଛି। ଏହି ସମାରୋହରେ ଜିନ୍ଦଲ ଷ୍ଟେନଲେସ୍ ଲିମିଟେଡ୍ ଗ୍ରୁପ୍‌ର କାର୍ବନ୍ ଷ୍ଟିଲ୍ ଏବଂ ଷ୍ଟେନଲେସ୍ ଷ୍ଟିଲ୍ ପ୍ରକଳ୍ପଗୁଡ଼ିକର ଉଦ୍‌ଘାଟନ ଓ ନୂତନ ପ୍ରକଳ୍ପର ଶୁଭାରମ୍ଭ କରାଯାଇଛି। ସେହିପରି ଟାଟା ଷ୍ଟିଲ୍‌ର ନୂତନ ଡାଉନଷ୍ଟ୍ରିମ୍ ସୁବିଧା, ସ୍ଲରୀ ପାଇପ୍‌ଲାଇନ୍, ଗ୍ରାଇଣ୍ଡିଂ ଏବଂ ଫିଲ୍ଟରେସନ୍ ୟୁନିଟ୍ ଆଦି ପ୍ରକଳ୍ପ ରାଜ୍ୟରେ ହାଇ-ଭାଲ୍ୟୁ ଷ୍ଟିଲ୍ ଉତ୍ପାଦନକୁ ଆହୁରି ମଜବୁତ କରିବ। ଏହାସହିତ ଇଣ୍ଡିଆନ୍ ମେଟାଲ୍ସ ଆଣ୍ଡ ଫେରୋ ଅଲୋୟେଜ୍ ଲିମିଟେଡ୍, ଜଟିଆ ଷ୍ଟିଲ୍ ଲିମିଟେଡ୍, ବିକେ ଉତ୍କଳ ଷ୍ଟିଲ୍ ଏବଂ ଏମ୍. କେ. ଷ୍ଟିଲ୍ ଭଳି ପ୍ରତିଷ୍ଠିତ କମ୍ପାନୀଗୁଡ଼ିକର ପ୍ରକଳ୍ପଗୁଡ଼ିକ ଏହି କ୍ଷେତ୍ରର ଶିଳ୍ପ ଭିତ୍ତିଭୂମିକୁ ଅଧିକ ସୁଦୃଢ଼ କରିବ ବୋଲି ଜଣାପଡିଛି।ଏହି ଶିଳ୍ପ ଗୁଡିକ ରାଜ୍ୟର ୧୪ଟି ଜିଲ୍ଲାରେ ସ୍ଥାପନ କରାଯାଇଛି। ଏଗୁଡିକ ହେଲା- ଅନୁଗୋଳ, ବରଗଡ, ବାଲେଶ୍ୱର, ବୌଦ୍ଧ, କଟକ, ଢେଙ୍କାନାଳ, ଯାଜପୁର, ଜଗତସିଂହପୁର, କେନ୍ଦୁଝର, ଖୋର୍ଦ୍ଧା, ମୟୂରଭଞ୍ଜ, ପୁରୀ, ସମ୍ବଲପୁର ଓ ସୁନ୍ଦରଗଡ।ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ ଶିଳ୍ପ କେବଳ କିଛି ନିର୍ଦ୍ଦିଷ୍ଟ ଜିଲ୍ଲାରେ ସୀମିତ ନ ରହି ରାଜ୍ୟର ପ୍ରାୟ ସବୁ ଅଞ୍ଚଳରେ ସ୍ଥାପିତ ହେବା ଉଚିତ। ଏହି ନୀତିକୁ ଆଧାର କରି କେନ୍ଦୁଝର ଓ ସୁନ୍ଦରଗଡ଼ରେ ଇସ୍ପାତ ଶିଳ୍ପ, ଅନୁଗୋଳ ଓ ଢେଙ୍କାନାଳରେ ଅକ୍ଷୟ ଶକ୍ତି ପ୍ରକଳ୍ପ, ଖୋର୍ଦ୍ଧାରେ ଖାଦ୍ୟ ପ୍ରକ୍ରିୟାକରଣ ଏବଂ ପୁରୀ, କଟକ, ବରଗଡ଼, ବାଲେଶ୍ୱର ଓ ମୟୂରଭଞ୍ଜ ଆଦି ଜିଲ୍ଲାରେ ବିଭିନ୍ନ ପର୍ଯ୍ୟଟନ, ହସ୍ପିଟାଲିଟି ଓ ଅନ୍ୟାନ୍ୟ ଶିଳ୍ପ ପ୍ରକଳ୍ପଗୁଡ଼ିକୁ ସ୍ଥାନ ଦିଆଯାଇଛି। ଦୁଇ ବର୍ଷରୁ କମ୍ ସମୟ ମଧ୍ୟରେ ୧୫୧ ଗୋଟି ପ୍ରକଳ୍ପର ଭୂମିପୂଜନ କିମ୍ବା ଉଦ୍‌ଘାଟନ କରାଯାଇ ୩ ଲକ୍ଷ ୧୧ ହଜାର କୋଟିରୁ ଅଧିକ ପୁଞ୍ଜି ନିବେଶ ହୋଇଥିବାବେଳେ ଏହାଦ୍ୱାରା ୨ ଲକ୍ଷ ୪୦ ହଜାରରୁ ଅଧିକ ଯୁବକଯୁବତୀଙ୍କ ପାଇଁ ନିଯୁକ୍ତିର ପଥ ଉନ୍ମୁକ୍ତ ହୋଇଛି। ଆଜିର ପ୍ରକଳ୍ପକୁ ମିଶାଇଲେ ରାଜ୍ୟରେ ସମୁଦାୟ ୩ ଲକ୍ଷ ୫୦ ହଜାର କୋଟିରୁ ଅଧିକ ଟଙ୍କାର ପ୍ରକଳ୍ପର ଗ୍ରାଉଣ୍ଡିଂ ବା ଶୁଭାରମ୍ଭ ହେଲା।

ରାଜ୍ୟର ଯୁବକଯୁବତୀମାନେ ଯେପରି ବାଧ୍ୟବାଧକତାରେ ବାହାର ରାଜ୍ୟକୁ କାମ ଅନ୍ୱେଷଣରେ ନ ଯାଆନ୍ତି, ସେଥିପାଇଁ ରାଜ୍ୟ ସରକାର ଶ୍ରମିକ ସହଯୋଗୀଶିଳ୍ପ ଯେପରିକି ବୟନ ଓ ପୋଷାକ, ଖାଦ୍ୟ

**୩୯,୩୮୩ କୋଟିର ପୁଞ୍ଜି ନିବେଶରେ ୧୪ ଜିଲ୍ଲାରେ ୪୬ ଶିଳ୍ପ ପ୍ରକଳ୍ପର ଭୂମିପୂଜନ ଏବଂ ଉଦ୍‌ଘାଟନ**

ପ୍ରକ୍ରିୟାକରଣ ଏବଂ ଫାର୍ମାସ୍ୟୁଟିକାଲ୍ସ କ୍ଷେତ୍ରକୁ ଅଧିକ ଗୁରୁତ୍ୱ ଦେଉଛନ୍ତି। ଗତ ବର୍ଷ ଅନୁଷ୍ଠିତ ଟେକ୍ସଟାଇଲ କନ୍‌କ୍ଲେଭ୍ ମାଧ୍ୟମରେ ୫୩ ହଜାର ନିଯୁକ୍ତି ସମ୍ଭାବନା ସୃଷ୍ଟି ହୋଇଥିବାବେଳେ କେନ୍ଦୁଝର, ସମ୍ବଲପୁର, ବଲାଙ୍ଗୀର, ଗଞ୍ଜାମ ଓ ଭଦ୍ରକ ଆଦି ସ୍ଥାନରେ ଟେକ୍ସଟାଇଲ୍ ପାର୍କ ପ୍ରତିଷ୍ଠା କରାଯାଉଛି। ୱାର୍ଲ୍ଡ ସ୍କିଲ୍ ସେଣ୍ଟର ମାଧ୍ୟମରେ ଯୁବବର୍ଗଙ୍କୁ ଅଟୋମେସନ୍, ଅକ୍ଷୟ ଶକ୍ତି, ଇଲେକ୍‌ଟ୍ରୋନିକ୍ସ ଏବଂ ଡିଜିଟାଲ୍ ସେବା ଭଳି ଆଧୁନିକ କ୍ଷେତ୍ରରେ ପ୍ରଶିକ୍ଷଣ ଦିଆଯାଉଛି। ଏହା ସହିତ ବୟନଶିଳ୍ପ, ଇଲେକ୍‌ଟ୍ରୋନିକ୍ସ ଓ ଆଇଟି ସେବା ଭଳି କ୍ଷେତ୍ରରେ ମହିଳାମାନଙ୍କୁ ଅଧିକରୁ ଅଧିକ ନିଯୁକ୍ତି ଦେବା ପାଇଁ ଶିଳ୍ପସଂସ୍ଥାଗୁଡ଼ିକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଜଣାଇଛନ୍ତି। ନିବେଶକମାନଙ୍କୁ ସ୍ୱାଗତ ଜଣାଇ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରକଳ୍ପର ପ୍ରସ୍ତାବ ସମୟଠାରୁ ଗ୍ରାଉଣ୍ଡିଂ ହେବା ପର୍ଯ୍ୟନ୍ତ ପ୍ରୋଜେକ୍ଟ ଲାଇଫ୍ ସାଇକେଲର ପୁରା ସମୟଚକ୍ରରେ ନିବେଶକମାନଙ୍କୁ ଓଡିଶା ସରକାର ସମ୍ପୂର୍ଣ୍ଣ ସହାୟତା ଯୋଗାଇଦେଉଛନ୍ତି। ସିଙ୍ଗଲ ୱିଣ୍ଡୋ ସିଷ୍ଟମ ଏବଂ ନୂତନ ଶିଳ୍ପନୀତି ମାଧ୍ୟମରେ ପ୍ରକଳ୍ପ ଅନୁମୋଦନ ପ୍ରକ୍ରିୟାକୁ ଅଧିକ ସରଳ ଓ ସ୍ୱଚ୍ଛ କରାଯାଇଛି। ଏପର୍ଯ୍ୟନ୍ତ ୧୨.୦୭ ଲକ୍ଷ କୋଟିରୁ ଅଧିକ ପୁଞ୍ଜି ନିବେଶ ସହିତ ୫୬୦ଟି ଶିଳ୍ପ ପ୍ରସ୍ତାବ ଅନୁମୋଦିତ ହୋଇସାରିଛି। ଏହା ମାଧ୍ୟମରେ ପ୍ରାୟ ୭ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି।ବିରୋଧୀମାନଙ୍କ ବିକାଶବିରୋଧୀ କାର୍ଯ୍ୟକଳାପକୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବିରୋଧୀମାନେ ରାଜନୀତିରେ ବ୍ୟସ୍ତ ଥିବାବେଳେ, ଆମ ସରକାର ଓଡ଼ିଶାର ପ୍ରଗତି ଓ ବିକାଶରେ ବ୍ୟସ୍ତ ଅଛନ୍ତି। ସମାରୋହରେ ସମବାୟ, ହସ୍ତତନ୍ତ, ବୟନଶିଳ୍ପ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ଯାଜପୁରର ଭବିଷ୍ୟତ ଓ ଆଞ୍ଚଳିକ ବିକାଶ ଉପରେ ଆଲୋକପାତ କରି କହିଛନ୍ତି ଯେ ଆଗାମୀ ଦିନରେ ଯାଜପୁର ଜିଲ୍ଲାର ଅଭୂତପୂର୍ବ ବିକାଶ ଘଟିବ ଏବଂ ଶିଳ୍ପ ନକ୍ସା ଅଧିକ ସମୃଦ୍ଧ ହେବ। ଏହା ପୂର୍ବରୁ ମୁଖ୍ୟମନ୍ତ୍ରୀ ଶିଳ୍ପପତି ମାନଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ସମସ୍ତ ପ୍ରକଳ୍ପ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ବୈଠକରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ମୁଖ୍ୟମନ୍ତ୍ରୀଙ୍କୁ ଶୁଭାରମ୍ଭ ହେବାକୁ ଥିବା ପ୍ରକଳ୍ପଗୁଡ଼ିକ ବିଷୟରେ ସମ୍ପୂର୍ଣ୍ଣ ବିବରଣୀ ପ୍ରଦାନ କରିଥିଲେ।

ଏହି ସମାରୋହରେ ଯାଜପୁର ସାଂସଦ ଡକ୍ଟର ରବୀନ୍ଦ୍ର ନାରାୟଣ ବେହେରା, କୋରେଇ ବିଧାୟକ ଆକାଶ ଦାସ ନାୟକ, ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ, ବଡଚଣା ବିଧାୟକ ଅମର ନାୟକ, ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ, ଜେଏସଏଲ ଲିମିଟେଡର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଅଭ୍ୟୁଦୟ ଜିନ୍ଦଲ, ଓଗରେଇ ର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରକାନ୍ତ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ସମାରୋହ ଆରମ୍ଭରେ ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ କୁମାର ଶର୍ମା ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଯାଜପୁର ଜିଲ୍ଲାପାଳ ଅମ୍ବର କୁମାର କର ଧନ୍ୟବାଦ ଦେଇଥିଲେ ।

## ରେଳ କର୍ମଚାରୀଙ୍କୁ ୭୮ ଦିନର ବୋନସ

ନୂଆଦିଲ୍ଲୀ,୧୪।୧୦(ମହାଭାରତ): ରେଳ କର୍ମଚାରୀଙ୍କୁ କେନ୍ଦ୍ର ସରକାରଙ୍କ ପୂଜା ଭେଟି। ଏଥର ପୂଜା ପାଇଁ ରେଳ କର୍ମଚାରୀଙ୍କୁ ମିଳିବ ୭୮ ଦିନର ବୋନସ। ରେଳ କର୍ମଚାରୀଙ୍କୁ ୭୮ ଦିନ ପାଇଁ ଉତ୍ପାଦକତା ଆଧାରିତ ବୋନସ ପ୍ରଦାନ କରିବାକୁ



କେନ୍ଦ୍ର କ୍ୟାବିନେଟର ଅନୁମୋଦନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ଆଜି ଏହି ନିଷ୍ପତ୍ତି ହୋଇଛି। ସରକାରଙ୍କ ଏହି ୭୮ ଦିନର ଉତ୍ପାଦକତା ଆଧାରିତ ବୋନସ ବା ପିଏଲବି ନିଷ୍ପତ୍ତିର ଲାଭ ୧୧,୪୦,୭୭୦ ରେଳ କର୍ମଚାରୀଙ୍କୁ ମିଳିବ। ଏଥିପାଇଁ କେନ୍ଦ୍ର କ୍ୟାବିନେଟ୍ ୨୦୦୯.୭୧ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହି ପ୍ରସ୍ତାବ ଉପରେ ଆଜି କ୍ୟାବିନେଟ୍ ମୋହର ମାରିଛି। ପ୍ରତିବର୍ଷ ଦୁର୍ଗା ପୂଜା ବା ଦଶହରା ଛୁଟି ପୂର୍ବରୁ ଯୋଗ୍ୟ ରେଳ କର୍ମଚାରୀଙ୍କୁ ପିଏଲବି ପ୍ରଦାନ କରାଯାଏ। ଚଳିତ ବର୍ଷ ମଧ୍ୟ ପ୍ରାୟ ୧୧.୪୦ ଲକ୍ଷ ଅଣ-ଗେଜେଟେଡ୍ ରେଳ କର୍ମଚାରୀଙ୍କୁ ୭୮ ଦିନର ମଜୁରୀ ସମକକ୍ଷ ପିଏଲବି ପ୍ରଦାନ କରାଯିବ। ବୋନସ କର୍ମଚାରୀମାନଙ୍କୁ ରେଳବାଇର କାର୍ଯ୍ୟଦକ୍ଷତାରେ ଉନ୍ନତି ଆଣିବା ନିମନ୍ତେ ପ୍ରେରଣା ଦେବା ପାଇଁ ଏକ ପ୍ରୋତ୍ସାହନ ଭାବରେ କାର୍ଯ୍ୟ କରେ ବୋଲି ସରକାର କହିଛନ୍ତି। ସରକାର କହିଛନ୍ତି ଯେ ପ୍ରତ୍ୟେକ ଯୋଗ୍ୟ ରେଳ କର୍ମଚାରୀଙ୍କ ପାଇଁ ୭୮ ଦିନର ମଜୁରୀ ସମକକ୍ଷ ପିଏଲବି ବାବଦରେ ସର୍ବାଧିକ ୧୭,୯୫୧ ଟଙ୍କା ମିଳିବ। ଉପରୋକ୍ତ ପରିମାଣର ଅର୍ଥରାଶି ବିଭିନ୍ନ ବର୍ଗର ରେଳ କର୍ମଚାରୀଙ୍କୁ ଦିଆଯିବ।ଟ୍ରାକ୍ ରକ୍ଷଣାବେକ୍ଷଣକାରୀ, ଲୋକୋ ପାଇଲଟ୍, ଟ୍ରେନ୍ ପରିଚାଳକ (ଗାର୍ଡ), ଷ୍ଟେସନ ମାଷ୍ଟର, ସୁପରଭାଇଜର, ଟେକ୍ନିସିଆନ୍, ଟେକ୍ନିସିଆନ୍ ସହାୟକ, ପଏଣ୍ଟସମ୍ୟାନ୍, ମନ୍ତ୍ରୀସ୍ତରୀୟ କର୍ମଚାରୀ ଓ ଅନ୍ୟାନ୍ୟ ଗ୍ରୁପ୍ 'ସି' କର୍ମଚାରୀମାନେ ବୋନସ ପାଇବେ। ୨୦୨୫-୨୬ ବର୍ଷରେ ରେଳବାଇର ପ୍ରଦର୍ଶନ ବହୁତ ଭଲ ଥିଲା। ରେଳବାଇ ୧୬୭୦ ନିୟୁତ ଟନ୍ ରେକର୍ଡ କାର୍ଗୋ ଲୋଡ୍ କରିଥିଲା। ସେହିପରି ପ୍ରାୟ ୭୪୧ କୋଟି ଯାତ୍ରୀ ଟ୍ରେନ ସେବା ଉପଭୋଗ କରିଥିଲେ। ରେଳବାଇ କର୍ମଚାରୀଙ୍କ କାର୍ଯ୍ୟ ଦକ୍ଷତାକୁ ସମ୍ମାନ ଜଣାଇ ସରକାରଙ୍କ ପକ୍ଷରୁ ଏପରି ବୋନସ ସବୁ ବର୍ଷ ଭଳି ଏଥର ମଧ୍ୟ ଘୋଷଣା ହୋଇଛି।

## ଆଜି ଛାତ୍ର ସଂସଦ ନିର୍ବାଚନ, କ୍ୟାମ୍ପସରେ ହିଂସା



ଭୁବନେଶ୍ୱର,୧୪।୧୦(ମହାଭାରତ): ରାତି ପାହିଲେ ଛାତ୍ର ସଂସଦ ନିର୍ବାଚନ। କିନ୍ତୁ ତା' ପୂର୍ବରୁ ରାଜ୍ୟର ବିଭିନ୍ନ କ୍ୟାମ୍ପସରେ ଦେଖିବାକୁ ମିଳିଛି ଖଣ୍ଡଯୁଦ୍ଧ। କେଉଁଠି ମୁହାଁମୁହିଁ ହୋଇଛନ୍ତି ୨ ପ୍ରମୁଖ ଛାତ୍ର ସଂଗଠନ ଏବିଭିପି ଏବଂ ବିସିଜେଡି ତ କେଉଁଠି ପ୍ରାର୍ଥୀଙ୍କୁ ଅପହରଣ କରାଯାଇଥିବା ନେଇ ହୋଇଛି ଅଭିଯୋଗ। କେଉଁଠି କଲେଜ ଅଧ୍ୟକ୍ଷଙ୍କୁ ହତ୍ୟା ଧମକ ଆସିଛି ତ କେଉଁଠି ଶେଷ ମୁହୂର୍ତ୍ତରେ ନିର୍ବାଚନକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ସ୍ଥଗିତ କରାଯାଇଛି। ଏମିତି ବିଭିନ୍ନ ପ୍ରକାର ଚିତ୍ର ଆସିଛି ରାଜ୍ୟର ବିଭିନ୍ନ ସ୍ଥାନରୁ।

ଏସବୁ ଭିତରେ ସବୁ ସୀମା ଟପିଯାଇଥିଲା ଉତ୍କଳ ବିଶ୍ୱବିଦ୍ୟାଳୟର ସଂଘର୍ଷ। ଆଜି ହ୍ୱାଏ ଆଇ ଷ୍ଟାଣ୍ଡ ଫର ମିଟିଂ ପୂର୍ବରୁ ଉତ୍କଳ ବିଶ୍ୱବିଦ୍ୟାଳୟର କନ୍‌ଭେନ୍‌ସନ୍ ହଲ୍ ପାଲଟି ଯାଇଥିଲା ରଣକ୍ଷେତ୍ର। ଉଡିଥିଲା ଚେୟାର। ଯିଏ ଯେମିତି ପାରିଲେ ଭାଙ୍ଗିଥିଲେ ଓ ଫିଙ୍ଗିଥିଲେ। ହାତରେ ଯିଏ ଯାହା ପାଇଲା ଛିନଛତ୍ର କଲା। କାହାର ଓଠ ଖଣ୍ଡିଆ ହେଲା ତ ଆଉ କାହାର ଗୋଡହାତ। ମୁହାଁମୁହିଁ ହୋଇଥିଲେ ଏବିଭିପି ଏବଂ ବିସିଜେଡି କର୍ମୀ। ସାମାନ୍ୟ ବଚସାରୁ ୨ ଗୋଷ୍ଠୀଙ୍କ ସଂଘର୍ଷରେ ରଣକ୍ଷେତ୍ର ପାଲଟିଯାଇଥିଲା ପୂରା କନ୍‌ଭେନ୍‌ସନ୍ ହଲ୍। ଶେଷରେ ପୋଲିସ ଫୋର୍ସ ଧରି ପହଞ୍ଚିଥିଲେ ଡିସିପି ସର୍ବଣା ବିବେକ ଏମ୍। ଆଉ ଷ୍ଟେଜ୍ ଉପରକୁ ଚଢ଼ି ଅଣଛାତ୍ରଙ୍କୁ ହଲ୍ ଭିତରୁ ୧୦ ମିନିଟ୍ ଭିତରେ ବାହାରି ଯିବାକୁ ମାଇକରେ ଚେତାବନୀ ଦେଇଥିଲେ। କିଛି ସମୟ ଭିତରେ ନିଜେ ପୁଲିସ କମିଶନର ବି ପହଞ୍ଚିଥିଲେ। ଶେଷରେ ୩ ଘଣ୍ଟାର କସରତ ପରେ ଶାନ୍ତ ପଡିଥିଲା କ୍ୟାମ୍ପସ। ଅପରାହ୍ନ ପ୍ରାୟ ସାଢେ ଗୋଟାଏରେ ଆରମ୍ଭ ହୋଇଥିଲା ହ୍ୱାଇ ଆଇ ଷ୍ଟାଣ୍ଡ ଫର୍ ମିଟିଂ।

ଛାତ୍ର ସଂସଦ ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ପରଠୁ ହିଁ ବିଭିନ୍ନ ସ୍ଥାନରେ କୁହୁଳୁଥିଲା ଛାତ୍ର ଅସନ୍ତୋଷର ନିଆଁ। ରାଜନୈତିକ ଦଳ ଗୁଡିକର ହସ୍ତକ୍ଷେପ ଯୋଗୁ ବିଭିନ୍ନ କ୍ୟାଂପସରେ ମୁହାଁମୁହିଁ ଅବସ୍ଥାକୁ ଚାଲିଆସିଥିଲେ ଛାତ୍ର ଗୋଷ୍ଠୀ। ଗତକାଲି ରମାଦେବୀ ବିଶ୍ୱବିଦ୍ୟାଳୟର ମୁହାଁମୁହିଁ ହୋଇଥିଲେ ଇଉଠଚ ଓ ଇଉଔଉ ସମର୍ଥିତ ଛାତ୍ରୀ ଗୋଷ୍ଠୀ। ବାଲଟ୍ ପେପର୍ ନମ୍ବର ବଦଳ ନେଇ ବିସିଜେଡିର ଅଭିଯୋଗକୁ ନେଇ ଦେଖାଦେଇଥିଲା ଉତ୍ତେଜନା। ଆଜି କିନ୍ତୁ ଏଠାରେ ସୁରୁଖୁରୁରେ ସରିଥିଲା ହ୍ୱାଇ ଆଇ ଷ୍ଟାଣ୍ଡ ଫର୍ ମିଟିଂ।ଅପରପକ୍ଷରେ ବାରିପଦାରେ ଉପୁଜିଥିଲା ଅଭାବନୀୟ ସ୍ଥିତି। ବାରିପଦା ଉପକଣ୍ଠ ବାଇଗଣ ବାଡିଆ ସ୍ଥିତ ବାବା ବଳିଆ କଲେଜ ସମ୍ମୁଖରେ ହୋଇଥିଲା ବାଡିଆପିଟା, ପଟିତୁଣ୍ଡ, ହୋହଲ୍ଲା। ଯାହାକୁ ଦେଖି ହ୍ୱାଇ ଆଇ ଷ୍ଟାଣ୍ଡ ଫର୍ ମିଟିଂରେ ଯୋଗ ଦେବାକୁ ଆସିଥିବା ଜଣେ ସଭାପତି ପ୍ରାର୍ଥୀ ମୂର୍ଚ୍ଛା ହୋଇଯାଇଥିଲେ। ସୁସ୍ଥ ହେବା ପରେ ସେ ଅଭିଯୋଗ କରିଛନ୍ତି ଯେ ନିର୍ବାଚନରୁ ନଓହରିଲେ ତାଙ୍କୁ ହତ୍ୟା କରାଯିବ ବୋଲି ଧମକ ଦିଆଯାଇଛି। କେବଳ ଭୁବନେଶ୍ୱର କି ବାରିପଦା ନୁହେଁ, ହ୍ୱାଏ ଆଇ ଷ୍ଟାଣ୍ଡ ଫର୍ ମିଟିଂ ସମୟରେ ରାଜ୍ୟବ୍ୟାପୀ ବିଭିନ୍ନ ସ୍ଥାନରେ ଦେଖାଦେଇଥିଲା ଛାତ୍ର ଉତ୍ତେଜନା। ବଲାଙ୍ଗିର ସର୍କିଟ ହାଉସରେ ଇଉଠଚ ଓ ବିଜେଡି ମଧ୍ୟରେ ଉପୁଜିଥିବା ଗଣ୍ଡଗୋଳ ଥାନା ଯାଏ ପହଞ୍ଚିଥିଲା। ବଲାଙ୍ଗିର ପୁଲିସ ରାଜ୍ୟ ଯୁବ ବିଜେଡି କାର୍ଯ୍ୟକାରୀ ସଭାପତି ରାଜେନ୍ଦ୍ର ହୋତା ଓ ଜିଲ୍ଲା ବିଜୁ ଛାତ୍ର ଜନତା ଦଳର ସଭାପତି ସୁମନ ନନ୍ଦଙ୍କୁ ଅଟକ ରଖିଥିଲା। ପରେ ସୁମନ ନନ୍ଦଙ୍କୁ ଗିରଫ କରାଯାଇଥିଲା। ଢେଙ୍କାନାଳ ଓଡାପଡ଼ା କଲେଜରେ ସଭାପତି ପ୍ରାର୍ଥୀ ଟୁନା ରାଉତଙ୍କ ନିଖୋଜ ଅଭିଯୋଗ ହେବା ପରେ ଦେଖାଦେଇଥିଲା ଉତ୍ତେଜନା। ଶେଷରେ କଲେଜକୁ ସାଇନ-ଏ-ଡାଏ ଘୋଷଣା କରିଥିଲେ ପ୍ରିନ୍ସିପାଲ୍। ସେହିପରି ଉଦଳା କଲେଜ, ନୂଆପଡା ନ୍ୟାସନାଲ୍ କଲେଜ, କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟ ପରିସରରେ ବି ଟେନସନ୍ ଦେଖାଦେଇଥିଲା। ଏଭଳି ଛାତ୍ର ଅଶାନ୍ତି ଭିତରେ ଏବେ ଅପେକ୍ଷା ଆସନ୍ତାକାଲିର ମତଦାନକୁ।

### ଶୃଙ୍ଖଳାର ସହ ନିର୍ବାଚନ ପାଇଁ ଆହ୍ୱାନ

ଭୁବନେଶ୍ୱର,୧୪।୧୦(ମହାଭାରତ): ଛାତ୍ର ସଂସଦ ନିର୍ବାଚନ ନେଇ ସରିଲା ପ୍ରଚାର। ଆଜି ହ୍ୱାଏ ଆଇ ଷ୍ଟାଣ୍ଡ ଫର ମିଟିଂ । ଆସନ୍ତାକାଲି ବଛା ହେବେ ଛାତ୍ର ନେତା । ଛାତ୍ର ସଂସଦ ନିର୍ବାଚନ ନେଇ ଅପିଲ୍ କଲେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ । ଶାନ୍ତିଶୃଙ୍ଖଳା ବଜାୟ ରଖିବା ସହ ସବୁ ପ୍ରାର୍ଥୀଙ୍କୁ ଶୁଭେଚ୍ଛା ଜଣାଇଲେ ମନ୍ତ୍ରୀ । ବିନା ହିଂସାରେ ନିର୍ବାଚନ ଶେଷ କରିବାକୁ ନିବେଦନ । ଉଚ୍ଚଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଛାତ୍ର ନେତୃତ୍ୱକୁ ଉପଯୁକ୍ତ ସୁଯୋଗ ଦିଆଯାଇଛି । ଦୀର୍ଘ ବର୍ଷ ଧରି ବନ୍ଦ ରହିଥିବା ଛାତ୍ର ସଂସଦ ନିର୍ବାଚନ ପୁଣିଥରେ ଆରମ୍ଭ କରାଯାଉଛି । ତେଣୁ ଏହି ନିର୍ବାଚନରେ ଯେଉଁମାନେ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି, ସମସ୍ତଙ୍କୁ ଶୁଭେଚ୍ଛା । ଆସନ୍ତାକାଲି ସମାଜ, ରାଜ୍ୟ ଓ ଦେଶକୁ ନେତୃତ୍ୱ ଦେବାରେ ସହାୟକ ହେବ । ତେଣୁ ଯେଉଁ ସବୁ ଶିକ୍ଷାନୁଷ୍ଠାନରେ ନିର୍ବାଚନ ହେଉଛି, ସେଠାକାର ଛାତ୍ରଛାତ୍ରୀ ବିନା ହିଂସାରେ ଗଣତନ୍ତ୍ରର ଏହି ଅନୁଭବରେ ସାମିଲ ହୁଅନ୍ତୁ । ଶାନ୍ତିଓ ଶୃଙ୍ଖଳାର ସହ ନିଜର ମତଦାନ କରନ୍ତୁ । ଆସନ୍ତାକାଲିର ନିର୍ବାଚନକୁ ଦୃଷ୍ଟିରେ ରଖି ପୁଲିସ ଓ ସମ୍ପୃକ୍ତ ବିଭାଗ ପକ୍ଷରୁ ଏକ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା କରାଯାଇଛି । ଏହି କଣ୍ଟ୍ରୋଲ ରୁମ୍ ମାଧ୍ୟମରେ ସମସ୍ତ କଲେଜ ଓ ବିଶ୍ୱବିଦ୍ୟାଳୟର ନିର୍ବାଚନ ପ୍ରକ୍ରିୟା ଉପରେ ନିୟମିତ ନଜର ରଖାଯାଇଛି । ନିର୍ବାଚନ କିପରି ଶାନ୍ତିପୂର୍ଣ୍ଣ, ଶୃଙ୍ଖଳିତ ଓ ସୁବ୍ୟବସ୍ଥିତ ଭାବେ ସମାପ୍ତ ହେବ, ସେଥିପାଇଁ ନିରନ୍ତର ନିରୀକ୍ଷଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି ।

## ଗଞ୍ଜାମରେ ସିରିଜ ଦୁର୍ଘଟଣା, ୨ ମୃତ

ଛତ୍ରପୁର,୧୪।୧୦(ମହାଭାରତ): ଗଞ୍ଜାମ ଜିଲ୍ଲାର ଚମାଖଣ୍ଡି ଛକ ନିକଟ ଜାତୀୟ ରାଜପଥରେ ସିରିଜ ଦୁର୍ଘଟଣା । ଏକ ଟ୍ରକ କାର ଓ ଏକାଧିକ ବାଇକକୁ ଧକ୍କା ଦେଇଛି। ସିରିଜ ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୯ ଜଣ ଗୁରୁତର ହୋଇଛନ୍ତି। ଦୁର୍ଘଟଣା ପରେ ଉତ୍ତେଜନା ଦେଖା ଦେଇଛି। ସ୍ଥାନୀୟ ଲୋକ ରାସ୍ତାରୋକ କରିଛନ୍ତି।ଜାତୀୟ ରାଜପଥରେ ଏକ କାର୍ ପଛରୁ ପିଟିଥିଲା ଟ୍ରକ୍ । ପରେ କାରକୁ ଧକ୍କା ଦେଇ ଏକାଧିକ ବାଇକକୁ ଧକ୍କା ଦେଇଥିଲା। ଏପରିକି ଟ୍ରକ୍ ଚକା ତଳେ ୫ ବାଇକ୍ ଚୁରମାର ହୋଇ ଯାଇଛି । ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଥିଲା ବେଳେ ୯ ଜଣ ଗୁରୁତର ହୋଇଥିଲେ। ଗୁରୁତରଙ୍କୁ ବ୍ରହ୍ମପୁର ବଡ ମେଡିକାଲରେ ଭର୍ତ୍ତି କରାଯାଇଛି । ଏହି ଘଟଣା ପରେ ଉତ୍ତଜନା ଦେଖା ଦେଇଥିଲା। ଘଟଣା ସ୍ଥଳରେ ସ୍ଥାନୀୟ ଲୋକ ରାସ୍ତାରୋକ କରିଛନ୍ତି । ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଯାନବାହନ ଅଟକି ରହିଛି । ଘଟଣା ସ୍ଥଳରେ ଗଞ୍ଜାମ ଏସପି, ଚମାଖଣ୍ଡି ଥାନା ପୋଲିସ ଓ ଛତ୍ରପୁର ଏସଡିପିଓ ପହଞ୍ଚି ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରୁଛନ୍ତି ।

## ନୂଆ ରୂପ ପାଇବ ନିକୋ ପାର୍କ, ଘର କିଣିଲେ ମିଳିବ ୫ ଲକ୍ଷ ରିହାତି

ଭୁବନେଶ୍ୱର,୧୪।୧୦(ମହାଭାରତ): ସହରର ସୌନ୍ଦର୍ଯ୍ୟ ବୃଦ୍ଧି, ସୁଲଭ ଆବାସ ଓ ଟ୍ରାଫିକ୍ ନିୟନ୍ତ୍ରଣ ଆଦି ନିମନ୍ତେ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ (ବିଡିଏ) ଏକାଧିକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେଇଛି। ବିଡିଏ ମଧ୍ୟ ନିଜର କର୍ମଚାରୀଙ୍କ ଭବିଷ୍ୟତ ସୁରକ୍ଷା ପାଇଁ ସେମାନଙ୍କୁ ଅବସରକାଳୀନ ପ୍ରାପ୍ୟ ଦେବାକୁ ଯୋଜନା କରିଛି।

ଆଜି ବିଡିଏର ୧୫୩ତମ ବୋର୍ଡ ବୈଠକ ପରେ ଗଣମାଧ୍ୟମକୁ ସୂଚନା ଦେଇ ରାଜ୍ୟ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର କହିଛନ୍ତି ଯେ, ଦୀର୍ଘବର୍ଷ ଧରି ଅବହେଳିତ ଓ ବିଧ୍ୱସ୍ତ ଅବସ୍ଥାରେ ପଡିରହିଥିବା ରାଜଧାନୀର ସବୁଠୁ ଲୋକପ୍ରିୟ ନିକୋ ପାର୍କର ପୁନରୁଦ୍ଧାର ପାଇଁ ମାଷ୍ଟରପ୍ଲାନ୍ ପ୍ରସ୍ତୁତ ହୋଇଛି । ବିଡିଏର ଏହି ପାର୍କର ନବୀକରଣ କାମକୁ ୩ଟି ପର୍ଯ୍ୟାୟରେ ବିଭକ୍ତ କରାଯାଇଛି ଓ ପ୍ରଶାସନିକ ମଞ୍ଜୁରୀ ପରେ ତୁରନ୍ତ କାର୍ଯ୍ୟ ଆରମ୍ଭ ହେବ। ପାର୍କ ଦେଇ ଯାଉଥିବା ନାଳ ପାଣିକୁ ଆଧୁନିକ ଜ୍ଞାନକୌଶଳରେ ଟ୍ରିଟମେଣ୍ଟ କରି ପୁନଃବ୍ୟବହାର କରାଯିବ। ଏହାସହିତ ବୋଟିଂ ବ୍ୟବସ୍ଥା, ଆକର୍ଷଣୀୟ ୱାଟର ଭ୍ୟୁ, ଓପନ ଜିମ୍, ସଂଗ୍ରହାଳୟ ଓ ପିଲାମାନଙ୍କ ପାଇଁ ମନୋରଞ୍ଜନ ପାର୍କ ନିର୍ମାଣ କରାଯାଇ ନିକୋ ପାର୍କର ପୁରୁଣା ଗୌରବ ଫେରାଇ ଅଣାଯିବ। ସେହିପରି ସହରରେ ବଢୁଥିବା ଯାନବାହନ ଭିଡ ଓ ଟ୍ରାଫିକ୍ ସମସ୍ୟା ଦୂର କରିବା ପାଇଁ ସିଡିପି (ବିସ୍ତୃତ ଉନ୍ନୟନ ପ୍ରକଳ୍ପ) ଅଧୀନରେ ୪ରୁ ୫ଟି ପ୍ରମୁଖ ରାସ୍ତାକୁ ପ୍ରଶସ୍ତ କରିବା ପାଇଁ ନିଷ୍ପତ୍ତି ହୋଇଛି। ସହରର ଯୋଜନାବଦ୍ଧ ବିକାଶ ଓ ସାଧାରଣ ଲୋକଙ୍କୁ ଅଧିକ ସୁବିଧା ଯୋଗାଇବା ପାଇଁ ପ୍ରାୟ ୮ଟି ଟାଉନ୍ ପ୍ଲାନିଂ ସ୍କିମ୍ କାର୍ଯ୍ୟକାରୀ କରାଯାଉଛି ବୋଲି ସେ କହିଛନ୍ତି।ମନ୍ତ୍ରୀ ଶ୍ରୀ ମହାପାତ୍ର ଆହୁରି ମଧ୍ୟ କହିଛନ୍ତି ଯେ, ବିଡିଏ ପକ୍ଷରୁ ନିର୍ମିତ 'ଏକାମ୍ର ରେସିଡେନ୍ସି' ଆବାସିକ ପ୍ରକଳ୍ପର ଗ୍ରାହକମାନଙ୍କୁ ଆଶ୍ୱସ୍ତି ଦେବା ପାଇଁ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ଏହି ଆବାସ ପ୍ରକଳ୍ପ ପାଇଁ ଆବେଦନକାରୀଙ୍କୁ ୨ ଲକ୍ଷ ୧୦ ହଜାର ଟଙ୍କା ଜମା କରିବାକୁ ପଡୁଥିଲା। ସେଥିରୁ ୨ ଲକ୍ଷ ଟଙ୍କା ଫେରସ୍ତଯୋଗ୍ୟ ଓ ୧୦ ହଜାର ଟଙ୍କା ଅଣଫେରସ୍ତଯୋଗ୍ୟ ରହିଥିଲା। କିନ୍ତୁ ଏବେ ସେହି ୧୦ହଜାର ଟଙ୍କାକୁ ମଧ୍ୟ ସମ୍ପୂର୍ଣ୍ଣ ଫେରସ୍ତ ପାଇଁ ନିଷ୍ପତ୍ତି ହୋଇଛି।କେବଳ ସେତିକି ନୁହେଁ, ସେଠାରେ ଘର କିଣିବା ଉପରେ ୫ ପ୍ରତିଶତ ଜିଏସଟି ଓ ୫ ପ୍ରତିଶତ ଷ୍ଟାମ୍ପ ଡ୍ୟୁଟି ମଧ୍ୟ ଛାଡ କରାଯିବ। ଯାହାଫଳରେ ଗ୍ରାହକଙ୍କୁ ପ୍ରାୟ ୫ଲକ୍ଷ ଟଙ୍କାର ସିଧାସଳଖ ରିହାତି ମଧ୍ୟ ମିଳିବ। ଏସବୁ ସୁବିଧା ସମେତ ପ୍ରଥମବର୍ଷ ପାଇଁ ବିଡିଏ ପକ୍ଷରୁ ମାଗଣା ରକ୍ଷଣାବେକ୍ଷଣ (ଫ୍ରି ମେଣ୍ଟେନାନ୍ସ) ସୁବିଧା ମିଳିବ ଓ ଏହି ଘରଗୁଡିକୁ ଫ୍ରି-ହୋଲ୍ଡ ଭିତ୍ତିରେ ଯୋଗାଇ ଦିଆଯିବ। ଯାହାଫଳରେ ପରବର୍ତ୍ତୀ ସମୟରେ ମାଲିକମାନେ ଘର ବିକ୍ରି କଲେ ବିଡିଏରୁ ଅନୁମତି ନେବାର କୌଣସି ଆବଶ୍ୟକତା ପଡିବ ନାହିଁ। ପ୍ରଥମ ଏକବର୍ଷ ପାଇଁ ବିଡିଏ ପକ୍ଷରୁ ସମ୍ପୂର୍ଣ୍ଣ ମାଗଣାରେ ରକ୍ଷଣାବେକ୍ଷଣ ସୁବିଧା ଯୋଗାଇ ଦିଆଯିବ ଓ ଏହି ସମସ୍ତ ଘର 'ଫ୍ରି-ହୋଲ୍ଡ' ଭିତ୍ତିରେ ହସ୍ତାନ୍ତର ହେବ, ଯାହାଦ୍ୱାରା ଭବିଷ୍ୟତରେ ମାଲିକମାନେ ଘର ବିକ୍ରି କଲେ ବିଡିଏରୁ ଆଉ କୌଣସି ଅନୁମତି ପତ୍ର ନେବାର ଆବଶ୍ୟକତା ରହିବ ନାହିଁ । ଏହି ଆବାସିକ ପ୍ରକଳ୍ପର ଅଧିକାଂଶ ସ୍ଥାନ ଭେଣ୍ଟିଲେସନ୍, ପାର୍କ, ପାର୍କିଂ, ଜିମ୍ ଓ ଅନ୍ୟାନ୍ୟ ସୁବିଧା ପାଇଁ ଖାଲି ରଖାଯାଇଛି। ଏହି ଆବାସିକ ପ୍ରକଳ୍ପ ନିକଟରେ ଡିଏଭି ସ୍କୁଲ୍, ସମ୍ ହସ୍ପିଟାଲ୍, ଏମସ୍, ଆଇଜିଆଇସି ହସ୍ପିଟାଲ୍, ଆନନ୍ଦବନ, କଳିଙ୍ଗନଗର ବିଡିଏ ଚିଲଡ୍ରେନ୍ସ ପାର୍କ ଓ ସାମ୍ନାରେ କ୍ରୁଟ୍ ବସ୍ ଯାତାୟାତ ସୁବିଧା ଉପଲବ୍ଧ ରହିଛି ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି।

## ଶାନ୍ତିପ୍ରିୟ ଓଡ଼ିଶାରେ ଅରାଜକତା ଓ ହିଂସାର କୌଣସି ସ୍ଥାନ ନାହିଁ : ନବୀନ

ଭୁବନେଶ୍ୱର,୧୪।୧୦(ମହାଭାରତ): ସତ୍ୟବାଦୀ ବ୍ଲକ କାର୍ଯ୍ୟାଳୟରେ ଘଟିଥିବା ହିଂସାକାଣ୍ଡ ଘଟଣାକୁ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଦୃଢ ନିନ୍ଦା କରିଛନ୍ତି। ଅରାଜକତାର ସୀମା ଟପିଛି ବୋଲି ସେ କହିଛନ୍ତି।ବ୍ଲକ କାର୍ଯ୍ୟାଳୟରେ ପଶି ବିଜେପି କର୍ମୀମାନେ ଘଟାଇଥିବା ହିଂସାକାଣ୍ଡ ଓଡ଼ିଶାବାସୀଙ୍କୁ ବିଚଳିତ କରିଛି ବୋଲି ସେ କହିଛନ୍ତି। ଏପରି ଅରାଜକତାକୁ ସରକାର କାହିଁକି ବାରମ୍ବାର ପ୍ରଶ୍ରୟ ଦେଉଛନ୍ତି । ଅରାଜକତା ପାଇଁ ଓଡିଶା ଏବେ ବିଶ୍ୱ ଦରବାରରେ ନିନ୍ଦିତ ହେଉଛି ବୋଲି ନବୀନ କହିଛନ୍ତି।ବିଜେପି ସରକାର ସମୟରେ ଭୁବନେଶ୍ୱରର ବିଏମସି କାର୍ଯ୍ୟାଳୟଠୁ ନେଇ କେନ୍ଦ୍ରାପଡ଼ାର ପଟ୍ଟାମୁଣ୍ଡାଇ, ଆଠଗଡ଼ ଓ ଜଟଣୀରେ ସରକାରୀ କାର୍ଯ୍ୟାଳୟ ଭିତରେ ପଶି ବିଜେପି କର୍ମୀମାନେ ଘଟାଇଥିବା କାଣ୍ଡକୁ ଓଡ଼ିଶାବାସୀ ଭୁଲି ନାହାନ୍ତି। ହେଲେ ସରକାର କ'ଣ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେଲେ ବୋଲି ନବୀନ କହିଛନ୍ତି। ଓଡ଼ିଶାରେ ଅରାଜକତା ଓ ହିଂସାର କୌଣସି ସ୍ଥାନ ନାହିଁ। ଓଡ଼ିଶାବାସୀ ନିଶ୍ଚୟ ଏହାର ଉଚିତ୍ ଜବାବ ଦେବେ ବୋଲି ନବୀନ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ ଉଲ୍ଲେଖ କରିଛନ୍ତି।

# ଜୀବନ-ମନ୍ତ୍ର: ନବଦୁର୍ଗା; କୁଷ୍ମାଣ୍ଡା



ଆଶ୍ୱିନ ଶୁକ୍ଳ ପ୍ରତିପଦ ଠାରୁ ନବମୀ ପର୍ଯ୍ୟନ୍ତ ନଅଦିନ ଧରି ପୂଜିତା ଦୁର୍ଗାଙ୍କର ବିଭିନ୍ନ ସ୍ୱରୂପ ମଧ୍ୟରୁ, ଚତୁର୍ଥ ଦିନର ଉପାସ୍ୟା ହେଉଛନ୍ତି କୁଷ୍ମାଣ୍ଡା। ପୌରାଣିକ ପ୍ରସଙ୍ଗ ଅନୁସାରେ, ସୃଷ୍ଟିର ଆରମ୍ଭ ସମୟରେ ଚାରିଆଡ଼ ଘନ ଅନ୍ଧକାରରେ ବୁଡ଼ିରହିଥିଲା। ସେତେବେଳେ ମା' କୁଷ୍ମାଣ୍ଡା ନିଜର ମନ୍ଦହାସ୍ୟ ଦ୍ୱାରା ବ୍ରହ୍ମାଣ୍ଡର ସର୍ଜନା କରିଥିଲେ। ଏହି କାରଣରୁ ତାଙ୍କୁ ବ୍ରହ୍ମାଣ୍ଡର ଆଦି ସୃଷ୍ଟିକର୍ତ୍ତ୍ରୀ ତଥା ଆଦିଶକ୍ତି କୁହାଯାଏ।ସଂସ୍କୃତ ଶବ୍ଦ 'କୁଷ୍ମାଣ୍ଡା'ର ଅର୍ଥ କହେ- 'କୁ'ର ଅର୍ଥ କ୍ଷୁଦ୍ର ଓ 'ଉଷ୍ମା'ର ଅର୍ଥ ଉଷ୍ମତା ବା ଶକ୍ତି। 'ଅଣ୍ଡ'ର ଅର୍ଥ ମହାଜାଗତିକ ଅଣ୍ଡ। ମାତ୍ର କୁଷ୍ମାଣ୍ଡାର ଅନ୍ୟ ଏକ ଅର୍ଥ ପାଣିକଖାରୁ। ଏହାର ଆକାର ଅଣ୍ଡତୁଲ୍ୟ। ସେହିଥିରୁ ହୋଇଛି 'କୁଷ୍ମାଣ୍ଡା'। ଏଣୁ କୁଷ୍ମାଣ୍ଡା ଶବ୍ଦକୁ ବ୍ରହ୍ମାଣ୍ଡ ସହିତ ସଂଯୁକ୍ତ କରି ବ୍ୟାଖ୍ୟା କରାଯାଏ। କାରଣ, ଏକ ମହାଜାଗତିକ ଅଣ୍ଡରୁ ଏହି ସୃଷ୍ଟିର ସର୍ଜନା ହୋଇଥିଲା। ଅନ୍ୟ ତାତ୍ତ୍ୱିକ ଓ ଆଧାତ୍ମିକ ମତ ଅନୁସାରେ, ମା' କୁଷ୍ମାଣ୍ଡା ସୂର୍ଯ୍ୟମଣ୍ଡଳର ଅଧିଷ୍ଠାତ୍ରୀ ଦେବୀ। ସେ ସୂର୍ଯ୍ୟମଣ୍ଡଳ ମଧ୍ୟରେ ଅବସ୍ଥାନ କରନ୍ତି ଏବଂ ସମଗ୍ର ସୃଷ୍ଟିକୁ ଶକ୍ତି ଓ ଜ୍ୟୋତି ପ୍ରଦାନ କରିଥାନ୍ତି। ମା' କୁଷ୍ମାଣ୍ଡା ଅଷ୍ଟଭୁଜା ବା ଦଶଭୁଜା। ସେ ତାଙ୍କର ହସ୍ତରେ ତ୍ରିଶୂଳ, ଚକ୍ର, ତରବାରି, ଅଙ୍କୁଶ, ଗଦା, ଧନୁ, ବାଣ, ଅମୃତକୁମ୍ଭ, ରକ୍ତପାତ୍ର ଓ କମଣ୍ଡଳୁ ଆଦି ଧାରଣ କରିଥାନ୍ତି। ସେ ବ୍ୟାଘ୍ର ବା ସିଂହବାହିନୀ। ତାଙ୍କର ଦିବ୍ୟସ୍ୱରୂପ ଶକ୍ତି, ସାହସ, ଜ୍ଞାନ ଓ ଜୀବନଦାୟିନୀ ଉର୍ଜାର ପ୍ରତୀକ ବୋଲି ଗ୍ରହଣ କରାଯାଏ। ଏଣୁ ନବରାତ୍ରି ଅବସରରେ ମା' କୁଷ୍ମାଣ୍ଡାଙ୍କର ଆରାଧନା ଆମକୁ ବିଶ୍ୱାସ ଦିଏ, ଯେ ଅନ୍ଧକାର ମଧ୍ୟରୁ ଆଲୋକ, ନିରାଶା ମଧ୍ୟରୁ ଆଶା ଏବଂ ସମ୍ଭାବନାହୀନତା ମଧ୍ୟରୁ ଅନନ୍ତ ସମ୍ଭାବନା ଜନ୍ମ ନେଇପାରେ। ଏଣୁ ମା' କୁଷ୍ମାଣ୍ଡା ଶକ୍ତିର ଦେବୀ ଏବଂ ସେ ମଧ୍ୟ ସୃଷ୍ଟି, ଜ୍ୟୋତି ଓ ଜୀବନର ଅନନ୍ତ ସମ୍ଭାବନାର ଦେବୀ।ମା' କୁଷ୍ମାଣ୍ଡାଙ୍କ ସହିତ ସଂପୃକ୍ତ ଉଦ୍ଭିଦ (ଲତା) ହେଉଛି କୁଷ୍ମାଣ୍ଡ ବା ପାଣିକଖାରୁ। ଏହା ଆମର ଏକ ପ୍ରିୟ ଓ ପାରମ୍ପରିକ ଆହାର। ଏହା ମଧ୍ୟ ଏକ ଔଷଧୀୟ ଗୁଣ ଥିବା ଫଳ। ଏଥିରେ ଥିବା ଜଳୀୟ ଉପାଦାନ ଓ ଆହାରକ ତନ୍ତୁ ଶରୀରରେ ପାଚନକ୍ରିୟା ଓ ଅନ୍ତସ୍ୱାସ୍ଥ୍ୟର ଅଭିବୃଦ୍ଧି କରେ। ବୈଜ୍ଞାନିକ ଗବେଷଣା ଏଥିରେ ଫ୍ଲାଭୋନଏଡ୍, ଫେନୋଲିକ୍ ଯୌଗିକ ଓ ଅନ୍ୟାନ୍ୟ ଜୈବପ୍ରତୋଦକ ଉପାଦାନର ଚିହ୍ନଟ କରିଛନ୍ତି। ଏହାର ମଧ୍ୟ ଅନେକ 'ଆଣ୍ଟି-ଅକ୍ସିଡାଣ୍ଟ' ଗୁଣ ରହିଛି।ମାତ୍ର ପାରମ୍ପରିକ ବିଶ୍ୱାସ ଅନୁସାରେ, ମା'ଙ୍କୁ ଭକ୍ତିର ସହିତ ପୂଜା କଲେ ସ୍ୱାସ୍ଥ୍ୟ, ସମୃଦ୍ଧି, ସୁଖ ଓ ଆଧାତ୍ମିକ ଶକ୍ତି ଲାଭ ହୁଏ।



## ଖାଆନ୍ତୁ ପଦ୍ମନାଡ଼



ପଦ୍ମ ଫୁଲ ସମସ୍ତଙ୍କର ପସନ୍ଦ । ପଦ୍ମ ଫୁଲ ମାଆ ଲକ୍ଷ୍ମୀଙ୍କ ପାଖରେ ଲାଗେ ଏବଂ ପୂଜା ପର୍ବାଣୀରେ ଲାଗେ । ପୂଜା ପାଇଁ ଫୁଲକୁ ରଖି ଆମେ ପଦ୍ମର ନାଡ ଫିଙ୍ଗି ଦେଉ । ହେଲେ ଆପଣ ଜାଣନ୍ତି କି ଶରୀର ପାଇଁ ଏହି ନାଡ କେତେ ଜରୁରୀ । ପଦ୍ମର ନାଡ ଔଷଧ ପରି କାମ କରେ ।ଖାଆନ୍ତୁ ପଦ୍ମନାଡ଼ ଶରୀରରେ ବୃଦ୍ଧି ପାଉଥିବା ଓଜନକୁ କମାଏ। ପଦ୍ମନାଡ ଅଧିକ ସମୟ ଯାଏଁ ଭୋକ କରାଏ ନାହିଁ, ପେଟ ପୂରା ରଖିଥାଏ ତେଣୁ ଅଧିକ ଖାଇବାର ଆବଶ୍ୟକ ପଡେନି ତେଣୁ ଓଜନ ବଢିବାର ଆଶଙ୍କା ନଥାଏ ।ପଦ୍ମନାଡ ଶରୀରରେ ପାଚନ ପ୍ରକ୍ରିୟାକୁ ଭଲ ରଖିଥାଏ । ଏଥିରେ ଥିବା ଫାଇବର କୋଷ୍ଠକାଠିନ୍ୟ ଏବଂ ପେଟଫୁଲା ସମସ୍ୟାରୁ ମୁକ୍ତି ଦିଏ ।ପଦ୍ମନାଡ ନିୟମିତ ଖାଇବା ଦ୍ୱାରା ଶରୀରରେ ରକ୍ତର ଅଭାବ ଦୂର ହୁଏ । ବ୍ଲଡରେ ସୁଗାର ସହ କୋଲେଷ୍ଟ୍ରଲକୁ ନିୟନ୍ତ୍ରଣ ରଖେ ପଦ୍ମନାଡ । ଲିଭର, କିଡନୀ ସମସ୍ୟାର ଔଷଧ ରୂପେ ପଦ୍ମନାଡକୁ ସେବନ କରିହେବ।

## ସାକ୍ଷାତ ଓ ଜାଗ୍ରତ ଦେବତା ହନୁମାନ



ହନୁମାନଜୀଙ୍କ ଉପାସନା ଦ୍ୱାରା ସୁଖ, ଶାନ୍ତି ଓ ଆରୋଗ୍ୟ ଲାଭ ହୋଇଥାଏ। ଏହା ଦ୍ୱାରା ହନୁମାନଙ୍କ ଭକ୍ତଙ୍କୁ ମଧ୍ୟ ସମସ୍ୟା ଦେଖାଯାଇ ନ ଥାଏ। ଧର୍ମଶାସ୍ତ୍ରର ମାନ୍ୟତା ଅନୁଯାୟୀ ଏହି କଳିଯୁଗରେ ଶ୍ରୀରାମଭକ୍ତ ହନୁମାନ ଏପରି ଜଣେ ସାକ୍ଷାତ ଓ ଜାଗ୍ରତ ଦେବତା ଅଟନ୍ତି ଯିଏ କି ଟିକିଏ ପୂଜାରେ ବହୁତ ଶୀଘ୍ର ପ୍ରସନ୍ନ ହୋଇଥାନ୍ତି ଓ ଭକ୍ତଙ୍କ କଷ୍ଟକୁ ମଧ୍ୟ ନିବାରଣ କରିଥାନ୍ତି। ହନୁମାନଙ୍କର ପ୍ରିୟ ପୂଜା ସାମଗ୍ରୀ ସହିତ ଜଡ଼ିତ ପ୍ରତିକାର କରି ଆପଣ ସବୁପ୍ରକାର କଷ୍ଟରୁ ମୁକ୍ତି ପାଇପାରିବେ।

ମଇଦା ଦୀପ: ଯଦି ଆପଣ ଆର୍ଥିକ ସଂକଟରେ ତଥା ଋଣ, କରଜରେ ଗତି କରୁଛନ୍ତି ତେବେ ଆପଣ ମଇଦାରେ ତିଆରି ଚାରିପାଖିଆ ଦୀପରେ ଜସ୍ମିନ ତେଲ ଢାଳି ଏହାକୁ ଏକ ବାଦାମ ପତ୍ର ଉପରେ ରଖି ଜଳାନ୍ତୁ। ଏହିଭଳି ୫ ଟି ପତ୍ରରେ ୫ଟି ଦୀପକୁ ରଖି ହନୁମାନଙ୍କ ମନ୍ଦିରକୁ ନେଇ ଜାଳନ୍ତୁ। ଅତି କମରେ ଏହାକୁ ୧୧ ମଙ୍ଗଳବାର ପାଇଁ କରନ୍ତୁ। ଶନିବାରକୁ ହନୁମାନ ମନ୍ଦିରକୁ ଯାଇ ହନୁମାନଜୀଙ୍କୁ ଏହି ମଇଦା ଦୀପ ଲଗାଇବା ଦ୍ୱାରା ଶନିର କୋପ ଦୃଷ୍ଟିରୁ ଆପଣ ଦୂରେଇ ରହିବେ।

ସିନ୍ଦୁର ଚଢାନ୍ତୁ: ମଙ୍ଗଳବାର ଓ ଶନିବାର ଦିନ ହନୁମାନଜୀଙ୍କୁ ଘିଅ ସହିତ ସିନ୍ଦୁର ଅର୍ପଣ କରିବା ଦ୍ୱାରା ଭଗବାନ ଶ୍ରୀରାମଙ୍କ କୃପା ପ୍ରାପ୍ତ ହବା ସହି ଆପଣଙ୍କର ବିଗିଡ଼ିଥିବା କାର୍ଯ୍ୟ ମଧ୍ୟ ପୂରଣ ହୋଇଥାଏ। ମଙ୍ଗଳବାର ଦିନ ବ୍ରତ ରଖି ସିନ୍ଦୂର ଦ୍ୱାରା ହନୁମାନଙ୍କୁ ପୂଜା କରିବା ଏବଂ ହନୁମାନଙ୍କ ଚାଳିସା ପାଠ କରିବା ଦ୍ୱାରା ମଙ୍ଗଳ ଦୋଷ ଶାନ୍ତ ହୋଇଥାଏ। ସିନ୍ଦୂର ଲଗାଇବା ଦ୍ୱାରା ମନରେ ଏକାଗ୍ରତା ମଧ୍ୟ ବୃଦ୍ଧି ଓ ଦୂରଦୃଷ୍ଟି ବଢିଥାଏ। ଏହାଦ୍ୱାରା ମଧ୍ୟ ଜୀବନରେ ସୌଭାଗ୍ୟ ପ୍ରାପ୍ତି ହୋଇଥାଏ। ଯେଉଁ ବ୍ୟକ୍ତି ହନୁମାନଙ୍କୁ ଶନିବାର ସିନ୍ଦୂର ଅର୍ପଣ କରିଥାନ୍ତି, ତାଙ୍କର ସବୁ ମନସ୍କାମନା ମଧ୍ୟ ପୂରା ହୋଇଥାଏ।

ପତାକା ଉତ୍ତୋଳନ କର: ହନୁମାନ ମନ୍ଦିରରେ ପତାକା ଦା କରିବା ଦ୍ୱାରା ସର୍ବ ମନସ୍କାମନା ପୂର୍ଣ୍ଣ ହୋଇଥାଏ। କୌଣସି କାର୍ଯ୍ୟରେ ସଫଳତା ପ୍ରାପ୍ତି ପାଇଁ ଅଥବା ଶତ୍ରୁମାନଙ୍କ ଠାରୁ ବିଜୟ ଲାଭ ପାଇଁ ହନୁମାନଙ୍କ ଲାଲ କିମ୍ବା ସାଫ୍ରନ ରଙ୍ଗର ପତାକା ଅର୍ପଣ କରାଯାଇଥାଏ। ପତାକା ଉତ୍ତୋଳନ କରୁଥିବା ବ୍ୟକ୍ତିର ମଧ୍ୟ ମାନ ସମ୍ମାନ ବଢିଥାଏ ଓ ତାଙ୍କୁ ପ୍ରତ୍ୟେକ କାର୍ଯ୍ୟରେ ମଧ୍ୟ ପଦୋନ୍ନତି ପାଆନ୍ତି। ରାମ ନାମ ଲେଖା ଯାଇଥିବା ତ୍ରିକୋଣୀୟ ଝଣ୍ଡା ସମସ୍ତ ପ୍ରକାର ସମ୍ପତ୍ତି ସମ୍ବନ୍ଧୀୟ ସମସ୍ୟାରୁ ଦୂର କରିଥାଏ।

# କଟକର ଅଧୀଷ୍ଠାତ୍ରୀ ଦେବୀ ମା' କଟକ ଚଣ୍ଡୀ...........



କଟକର ଅଧୀଷ୍ଠାତ୍ରୀ ଦେବୀ ହେଉଛନ୍ତି ମା' କଟକ ଚଣ୍ଡୀ । ତାଙ୍କୁ ନେଇ କଟକ ସହର ପରିଚିତ। ଏହି ସହରର ଶେଖ ବଜାରରେ ରହିଛି ମା'ଙ୍କର ଏହି ମନ୍ଦିର । ମା'ଙ୍କ ମନ୍ଦିର ନିର୍ମାଣ ପଛର କିମ୍ବଦନ୍ତୀ ଓ ମା' କିପରି ଅର୍ବିଭାବ ହୋଇଥିଲେ ଏହାକୁ ନେଇ ବିଭିନ୍ନ କାହାଣୀ ଶୁଣିବାକୁ ମିଳେ।କିଏ କୁହନ୍ତି ମରହଟ୍ଟା ଶାସନ କାଳରେ ମା' ବାରବାଟୀ ଦୁର୍ଗ ମଧ୍ୟରେ ପୂଜା ପାଉଥିଲେ । ଶୋଡୋଶ ଶତାବ୍ଦୀରେ କଳାପାହାଡର ଆକ୍ରମଣ ବେଳେ ମା' ନିଜ ସ୍ଥାନରୁ ହଟି ଦୁର୍ଗର ଦକ୍ଷିଣ ପାଶ୍ୱର୍ରେ ରହିଥିଲେ । କିଛି ସ୍ଥାନୀୟ ଲୋକ କୁହନ୍ତି ବହୁ ବର୍ଷ ପୂର୍ବେ ବାରବାଟୀ ଦୁର୍ଗର ଜଙ୍ଗଲ ଅଞ୍ଚଳକୁ ଗାଈ ଚରାଇବାକୁ ଯାଉଥିଲେ ଶେଖ ବଜାର ଅଞ୍ଚଳର ଗଉଡ଼ ପୁଅ ମାନେ । ଦିନେ ଜଣେ ଗଉଡ଼ ଦୁର୍ଗ ଉପରେ ବସିଥିବା ବେଳେ ତାଙ୍କ ଶରୀରରେ ଏକ ଅପୂର୍ବ ଶୀହରଣ ଖେଳି ଯାଇଥିଲା । ସେଦିନ ରାତିରେ ଗଉଡ଼ ପୁଅକୁ ମା' ସ୍ୱପ୍ନରେ କହିଥିଲେ ସେହି ଦୁର୍ଗର ପଥର ତଳେ ମା' ରହିଛନ୍ତି । ସେ ଭକ୍ତ ଜଣକ ମନ୍ଦିର ପୂଜକକୁ ଜଣାଇଥିଲେ ଓ ପୂଜକ ଜଣକ ରାଜାଙ୍କୁ ଜଣାଇ ଥିଲେ । ସେତେବେଳର କନିକା ରାଜା ସେହି ଦୁର୍ଗରସ୍ଥାନ ଖୋଳାଇବାରୁ ମା' ଙ୍କ ମୂର୍ତ୍ତି ବାହାରିଥିଲା । ସେଠୁ ମା' ଗଉଡ଼ ମାନଙ୍କ ମୁଣ୍ଡରେ ବସି ଆସିଥିଲେ । ଆସୁଥିବା ସମୟରେ ମା'ଏବେକାର ଚଣ୍ଡୀ ଛକ ନିକଟରେ ଅଟକି ଯାଇଥିଲେ। ସେଠାରୁ ମା' ଙ୍କୁ ନେବାକୁ ଆଉ ସମ୍ଭବପର ହୋଇପାରିନଥିଲା ।ତେଣୁ ସେହି ଛକ ନିକଟରେ ଥିବା ବଉଳ ଗଛ ମୂଳରେ ମା'ଙ୍କ ମୂର୍ତ୍ତି ସ୍ଥାପନ ହେଲା ।ସେହିକାଳରୁ ମା' ଏହି ସ୍ଥାନରେ ପୂଜା ପାଇ ଆସୁଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟ କଥା ହେଉଛି ମା' ଙ୍କୁ ଦୁର୍ଗରୁ ଖୋଳାଯାଇ ବାହାର କରିବା ପୂର୍ବରୁ ସେହି ସ୍ଥାନରୁ ପ୍ରାୟ ୪୨ ବସ୍ତା ନାଲି ସିନ୍ଦୁର ବାହାରିଥିଲା । ଏହି ମନ୍ଦିରକୁ ପ୍ରତ୍ୟେକ ଦିନ ଅନେକ ଭକ୍ତ ମା'ଙ୍କ ଦର୍ଶନ ପାଇଁ ଆସିଥାନ୍ତି । ଦୁର୍ଗାପୂଜା ସମୟରେ ମା' ଙ୍କ ଷୋହଳ ଦିନାତ୍ମକ ପୂଜା ଓ ଶୋଡ଼ଶ ବେଶ ଏହି ମନ୍ଦିରର ଏକ ବିଶେଷତା ଅଟେ ।

## ଭୋଜନ ଆରମ୍ଭରେ ରାଗ, ଶେଷରେ ମିଠା ଖାଇବାର ଫାଇଦା

ପ୍ରାଚୀନକାଳରେ ଲୋକମାନେ ଖାଦ୍ୟ ଖାଇବା ପରେ ନିଶ୍ଚିତ ମିଠା ଖାଇଥାନ୍ତି । ହିନ୍ଦୁ ଶାସ୍ତ୍ର ଏବଂ ଆୟୁର୍ବେଦ ଶାସ୍ତ୍ରରେ ମଧ୍ୟ ଏହାର ଉଲ୍ଲେଖ ରହିଛି । ମିଠା ଖାଇବା ବିଷୟରେ ତ ଆପଣମାନେ ଜାଣିଥିବେ କିନ୍ତୁ ଖୁବ୍ କମ ଲୋକ ଜାଣିଥିବେ ଖାଇବା ପୂର୍ବରୁ ରାଗ



କାହିଁକି ଖିଆଯାଏ । ତେବେ ଜାଣନ୍ତୁ କ'ଣ ରହିଛି ଏହାର କାରଣ ।

ରାଗ ଖାଇବାର କାରଣ : ଖାଇବା ପୂର୍ବରୁ ରାଗ ଖାଇବା ଦ୍ୱାରା ପାଚନ ତନ୍ତ୍ର ସକ୍ରିୟ ହୋଇଥାଏ । ବିଶେଷଜ୍ଞଙ୍କ ଅନୁଯାୟୀ ଯେତେବେଳେ ଆପଣ ଚରଖା ଖାଇଥାନ୍ତି ଏହା ଆପଣଙ୍କ ଶରୀରରେ ପାଚକ ରସ ଏବଂ ଏସିଡି ଜାରି କରିଥାଏ, ଯାହା ପାଚନ ପ୍ରକ୍ରିୟା ବୃଦ୍ଧି କରିଥାଏ । ଏହାଦ୍ୱାରା ଆପଣଙ୍କ ଶରୀରରେ ପାଚନ ପ୍ରକ୍ରିୟା ସଠିକ୍ ରୂପେ କାମ କରିଥାଏ । ଆୟୁର୍ବେଦ ଅନୁଯାୟୀ ଖାଇବା ଆରମ୍ଭରେ ରାଗ ଖାଇବା ଦ୍ୱାରା ଭୋଜନ ଶେଷ ହେବା ପରେ ପେଟରେ ପାଚନ ତତ୍ତ୍ୱ ତଥା ଅମ୍ଳ ସକ୍ରିୟ ହୋଇଥାଏ ।

ମିଠା ଖାଇବାର କାରଣ : ମିଠାରେ କାର୍ବୋହାଇଡ୍ରେଡ ରହିଥାଏ, ଯାହା ପାଚନ ପ୍ରକ୍ରିୟାକୁ କମାଇଦେଇଥାଏ । ଏହି କାରଣରୁ ଖାଇବା ପରେ ମିଠା ଖାଇବା ଦ୍ୱାରା ପାଚନ ପ୍ରକ୍ରିୟା ଠିକ୍ ହୋଇଥାଏ ।

ମିଠା ଖାଇବା ଦ୍ୱାରା ସେରୋଟୋନିନ ନାମକ ହର୍ମୋନର ସ୍ତର ବଢିଥାଏ । ଏହା ନ୍ୟୁରୋଟ୍ରାନ୍ସମିଟରର କାମ କରିଥାଏ, ଯାହା ଦ୍ୱାରା ମିଠା ଖାଇବା। ପରେ ଆପଣଙ୍କୁ ଖୁସି ଅନୁଭବ ହୋଇଥାଏ । ବାସ୍ତବରେ ମିଠା ସେବନ କରିବା ଦ୍ୱାରା ଏମିନୋ ଏସିଡ୍ ଟ୍ରିପ୍ଟୋଫେନର ଅବଶୋଷଣକୁ ବଢାଇଥାଏ ।



# ଅଣ୍ଡାଦିଆ କୁକୁଡ଼ାପାଳନ ଯୋଜନାର ଶୁଭାରମ୍ଭ

**ଭୁବନେଶ୍ୱର,୧୪।୧୦ (ମହାଭାରତ):** ସ୍ଥାନୀୟ ପ୍ରାଣିଚିକିତ୍ସକ ପ୍ରଶିକ୍ଷଣ ପ୍ରତିଷ୍ଠାନଠାରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ଦ୍ୱାରା ବିଶ୍ୱ ଅଣ୍ଡା ଦିବସ-୨୦୨୬ ପାଳିତ ହୋଇଯାଇଛି । ଏହି ଅବସରରେ ମତ୍ସ୍ୟ ଓ ପ୍ରାଣିସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ ଅଣ୍ଡା ଉତ୍ପାଦନ କ୍ଷେତ୍ରରେ ନୂତନ ଯୋଜନା 'ବ୍ୟବସାୟିକ ଅଣ୍ଡାଦିଆ କୁକୁଡ଼ାପାଳନ ଯୋଜନା'ର ଶୁଭାରମ୍ଭ କରିଥିଲେ । ଓଡ଼ିଶା ଭିଜନ-୨୦୩୬କୁ ଆଖି ଆଗରେ ରଖି ରାଜ୍ୟରେ ୨୦୩୬ ମସିହା ସୁଦ୍ଧା ବାର୍ଷିକ ଏକ ହଜାର କୋଟି ଅଣ୍ଡା ଉତ୍ପାଦନର ଲକ୍ଷ୍ୟ ରଖାଯାଇଛି । ଏହି ଲକ୍ଷ୍ୟ ପୂରଣ ଦିଗରେ 'ବ୍ୟବସାୟିକ ଅଣ୍ଡାଦିଆ କୁକୁଡ଼ାପାଳନ ଯୋଜନା' ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଅଭିହିତ ହେବ ବୋଲି ମନ୍ତ୍ରୀ ମତ ରଖିଥିଲେ ।

ଯୋଜନା ବିଷୟରେ ଆଲୋଚନା କରିବାକୁ ଯାଇ ମନ୍ତ୍ରୀ କହିଛନ୍ତି ଯେ ରାଜ୍ୟରେ ଅଣ୍ଡାର ଆବଶ୍ୟକତା ପୂରଣ କରିବା ସହ ପୋଲଟ୍ରି କ୍ଷେତ୍ରରେ ଉଦ୍ୟମିତାକୁ ପ୍ରୋତ୍ସାହିତ କରିବା ପାଇଁ ନୂତନ ଭାବେ ରାଜ୍ୟ ସରକାର 'କମର୍ସିଆଲ୍ ଲେୟାର ଫାର୍ମିଂ ଯୋଜନା'ର ଆରମ୍ଭ କରିଛନ୍ତି । ଏହି ଯୋଜନା ଅଧୀନରେ ୨୫,୦୦୦ ରୁ ଅଧିକ କ୍ଷମତାବିଶିଷ୍ଟ ଆଧୁନିକ ସ୍ୱୟଂଚାଳିତ କମର୍ସିଆଲ୍ ଲେୟାର/ପୁଲେଟ୍ ଫାର୍ମ ପ୍ରତିଷ୍ଠା ପାଇଁ ରିହାତି ଯୋଗାଇ ଦିଆଯିବ । ସର୍ବାଧିକ ୧୦ କୋଟି ଟଙ୍କା ପର୍ଯ୍ୟନ୍ତ ରିହାତି ପ୍ରଦାନ ସହ ବ୍ୟାଙ୍କ ଋଣ କ୍ଷେତ୍ରରେ ଉଦ୍ୟୋଗୀଙ୍କ ସୁଧ ଭାର କମାଇବା ପାଇଁ 'ମିରର ଆକାଉଂଟ' ମାଧ୍ୟମରେ ଅଗ୍ରିମ ସବସିଡି ମଧ୍ୟ ପ୍ରଦାନ କରାଯିବ ।




ମନ୍ତ୍ରୀ ଶ୍ରୀ ମଲ୍ଲିକ ନିଜ ବକ୍ତବ୍ୟରେ ରାଜ୍ୟରେ ଅଣ୍ଡା ଉତ୍ପାଦନର ବର୍ତ୍ତମାନ ସ୍ଥିତି ଓ ଅଣ୍ଡା ଉତ୍ପାଦନ ବୃଦ୍ଧି ବିଷୟରେ ତଥ୍ୟ ରଖି କହିଛନ୍ତି ଯେ ଆମ ରାଜ୍ୟରେ ଏବେ ଦୈନିକ ପ୍ରାୟ ୧ କୋଟି ୧୨ ଲକ୍ଷ ଅଣ୍ଡା ଉତ୍ପାଦିତ ହେଉଛି । ଏ ମଧ୍ୟରେ ରାଜ୍ୟର ୧୮୯ ଟି ବ୍ୟବସାୟିକ ଲେୟର ଫାର୍ମ, ଅର୍ଦ୍ଧବ୍ୟବସାୟିକ ଲେୟର ଫାର୍ମ ଓ ବାଡି ଅଗଣାରେ କୁକୁଡ଼ା ପାଳନରୁ ଉତ୍ପାଦିତ ଅଣ୍ଡା ସନ୍ନିବେଶିତ । ଏ ସମସ୍ତ ପ୍ରକାରର ଅଣ୍ଡାଦିଆ କୁକୁଡ଼ା ପାଳନ ପାଇଁ ରାଜ୍ୟ ସରକାର ସହାୟତା ପ୍ରଦାନ କରୁଛନ୍ତି । ପ୍ରାଣିସମ୍ପଦ ସମୃଦ୍ଧି ଯୋଜନାରେ ୨୦୨୬-୨୭ ଆର୍ଥିକ ବର୍ଷରେ ୪୩,୦୦୦ ହିତାଧିକାରୀଙ୍କୁ ବାଡି ଅଗଣାରେ କୁକୁଡ଼ାପାଳନ ପାଇଁ ଶତ ପ୍ରତିଶତ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି । ସେହିପରି ବତକ ପାଳନ ପାଇଁ ୨ ଲକ୍ଷ ୬୪ ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଅର୍ଦ୍ଧ ବ୍ୟବସାୟିକ ଲେୟର ଫାର୍ମ ନିମନ୍ତେ ହଜାରେ ଅଣ୍ଡାଦିଆ କୁକୁଡ଼ାରୁ ଆରମ୍ଭ କରି ୪ ହଜାର ଅଣ୍ଡାଦିଆ କୁକୁଡ଼ା ଫାର୍ମ ପ୍ରତିଷ୍ଠା ପାଇଁ ସରକାରଙ୍କ ତରଫରୁ ୫୦ ରୁ ୬୦ ପ୍ରତିଶତ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ଏହି ସହାୟତା ସର୍ବାଧିକ ୧୯ ଲକ୍ଷ ୭୪ ହଜାର ଟଙ୍କାର ରହିଛି । ବଡ ଧରଣର ଲେୟର ଫାର୍ମ ପ୍ରତିଷ୍ଠା ପାଇଁ ଉଦ୍‌ଯୋଗୀମାନଙ୍କୁ ମୁଖ୍ୟମନ୍ତ୍ରୀ କୃଷି ଉଦ୍‌ଯୋଗ ଯୋଜନାରେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହୟତା ଯୋଗାଇ ଦିଆଯାଉଛି ଏବଂ ଏବେ ୨୫,୦୦୦ ରୁ ଅଧିକ କ୍ଷମତା ବିଶିଷ୍ଟ ଆଧୁନିକ ସ୍ୱୟଂଚାଳିତ କମର୍ସିଆଲ୍ ଲେୟାର/ପୁଲେଟ୍ ଫାର୍ମ ପ୍ରତିଷ୍ଠା ପାଇଁ ସର୍ବାଧିକ ୧୦ କୋଟି ଟଙ୍କା ପର୍ଯନ୍ତ ଆର୍ଥିକ ସହାୟତା ଯୋଗାଇ ଦିଆଯିବ । ଏ ସମସ୍ତ ଯୋଜନାର ରୂପାୟନକୁ ଦୃଷ୍ଟିରେ ରଖି ରାଜ୍ୟରେ ଅଣ୍ଡା ଉତ୍ପାଦନରେ ଆଶାଜନକ ବୃଦ୍ଧି ଘଟିବ ବୋଲି ମନ୍ତ୍ରୀ ମତ ପ୍ରକାଶ କରିଛନ୍ତି ।

ଆମ ରାଜ୍ୟରେ ଏବେ ମୁଣ୍ଡପିଛା ଅଣ୍ଡାର ଉପଲବ୍ଧତା ବାର୍ଷିକ ୮୭ ଟି ଅଣ୍ଡା ଥିବାବେଳେ ଭାରତ ବର୍ଷରେ ଏହି ସଂଖ୍ୟା ୧୦୬ ରହିଛି ।

# ବିଧାନସଭାରେ ପଣ୍ଡିତ ଗୋପବନ୍ଧୁଙ୍କୁ ଶ୍ରଦ୍ଧାସୁମନ

**ଭୁବନେଶ୍ୱର,୧୪।୧୦ (ମହାଭାରତ):** ମାନବସେବାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିବା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସ ନିରାଶ୍ରୟ ଓ ନିଃସହାୟ ବ୍ୟକ୍ତିମାନଙ୍କର ସେବାକରି ନିଜର ସେବା ମନୋବୃତିକୁ ଯେଉଁଳି ଚରିତାର୍ଥ କରିଥିଲେ, ସେଭଳି ଯୁବସମାଜକୁ ଆଦର୍ଶ ମାର୍ଗରେ ଗଢ଼ିତୋଳିବା ପାଇଁ ସର୍ବଦା ତତ୍ପର ଥିଲେ । ବନ୍ୟା, ବାତ୍ୟା, ମରୁଡ଼ି, ଦୁର୍ବିପାକରେ ପ୍ରପୀଡ଼ିତ ଜନତାଙ୍କୁ ନିଃସ୍ୱାର୍ଥ ସେବା, ସାହାଯ୍ୟ ଓ ସହାନୁଭୂତି ଯୋଗାଇଦେଇ ପଣ୍ଡିତ ଗୋପବନ୍ଧୁ ମାନବୀୟ ଗୁଣ ଏବଂ ଚିନ୍ତା-ଚେତନାରେ ଉତ୍କଳୀୟ ଭାବନା ରଖି ଜାତୀୟତାର ଉଦାହରଣ ସୃଷ୍ଟି କରିଯାଇଛନ୍ତି । ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୯ତମ ଜୟନ୍ତୀ ପାଳନ ଅବସରରେ ଶୁକ୍ରବାର ବିଧାନସଭା ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ,



ବିଧାୟକ ବାବୁ ସିଂ ଓ ଛବି ମଲ୍ଲିକ, ପୂର୍ବତନ ମନ୍ତ୍ରୀ ଅରବିନ୍ଦ ଢାଲି, ପୂର୍ବତନ ବିଧାୟକ ପଦ୍ମଚରଣ ନାୟକ ଓ ଶ୍ରୀ ପ୍ରିୟଦର୍ଶୀ ମିଶ୍ର, ଉତ୍କଳ ସମ୍ମିଳନୀର କାର୍ଯ୍ୟକର୍ତା, ପୂଜ୍ୟପୂଜା ସଂସଦର ବରିଷ୍ଠ ସଦସ୍ୟ, ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ସଞ୍ଜୟ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତଥିଲେ ।

# ଉତ୍ତର ନିର୍ବାଚନ ମଣ୍ଡଳୀରେ ଜନସମ୍ପର୍କ ପଦଯାତ୍ରା

**ଭୁବନେଶ୍ୱର,୧୪।୧୦ (ମହାଭାରତ):** ଭୁବନେଶ୍ୱର ଉତ୍ତର ନିର୍ବାଚନ ମଣ୍ଡଳୀରେ ବିଜୁ ଜନତା ଦଳର ଜନ ସମ୍ପର୍କ ପଦଯାତ୍ରା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀରେ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଥିଲେ ଯେ ବିଜେଡି ସେବାରେ ବିଶ୍ୱାସ କରେ । ବିକାଶରେ ବିଶ୍ୱାସ କରେ । ବିଜେଡି ସରକାର ସମୟରେ ଦ୍ରୁତ ବିକାଶ ପାଇଁ ଓଡିଶା ସାରା ଦେଶରେ ଏକ ମଡେଲ ରାଜ୍ୟ ହୋଇ ପାରିଥିଲା ବୋଲି ପ୍ରକାଶ କରିବା ସହ ଏ ଅପାରଗ ସରକାର,ଡବଲ ଇଞ୍ଜିନ ସରକାର, ଅଢେଇ ବର୍ଷରେ ଓଡିଶାର ଛବିକୁ ପୁରା ମଳିନ କରି ସାରିଲେଣି ବୋଲି ଶ୍ରୀ ପଟ୍ଟନାୟକ କ୍ଷୋଭ ପ୍ରକାଶ କରିଥିଲେ । ପଦଯାତ୍ରା ସମୟରେ ଡବଲ ଇଞ୍ଜିନ ସରକାରର ବିଫଳତାକୁ ପ୍ରତି ଘରେ ଘରେ ପହଞ୍ଚାଇ ଲୋକଙ୍କୁ ସଚେତନ କରିବାକୁ ପରାମର୍ଶ ଦେଇଥିଲେ । ପ୍ରାରମ୍ଭରେ ଶ୍ରୀ ପଟ୍ଟନାୟକ ଉତ୍କଳମଣି



ପଣ୍ଡିତ ଗୋପବନ୍ଧୁ ଦାସ ଓ ବିଜୁ ବାବୁଙ୍କ ଫୋଟୋ ଚିତ୍ରରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ଶ୍ରୀ ଅଶୋକ ପଣ୍ଡା , ବିଧାୟକ ସୁଶାନ୍ତ ରାଉତ, ବିଧାୟକ ଅନନ୍ତ ନାରାୟଣ ଜେନା , ମେୟର ସୁଲୋଚନା ଦାସ ଓ ଶ୍ରୀ ମନ୍ମଥ ରାଉତରାୟ ଉଦବୋଧନ ଦେଇ ରାଜ୍ୟ ସରକାରଙ୍କ ଲୋକ ବିରୋଧୀ ନୀତିର ତୀବ୍ର ସମାଲୋଚନା କରିଥିଲେ ।

# ସୂଚନା ସେବା ଅଧିକାରୀମାନଙ୍କ ଦିଗଦର୍ଶନ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୧୪।୧୦ (ମହାଭାରତ):** ଡିଜିଟାଲ୍ ଯୁଗର ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାରୀ ସୂଚନା ଓ ସଂଚାର ପାଇଁ ଏକ ପ୍ରଭାବଶାଳୀ ସୋସିଆଲ ମିଡିଆ ନୀତି ପ୍ରଣୟନ କରାଯିବ । ଜିଲ୍ଲାଠାରୁ ଆରମ୍ଭ କରି ରାଜ୍ୟ ମୁଖ୍ୟାଳୟ ପର୍ଯ୍ୟନ୍ତ ସୂଚନା ଓ ଲୋକସମ୍ପର୍କ ବିଭାଗରେ ଏକ ନିରବଚ୍ଛିନ୍ନ ଡିଜିଟାଲ୍ ସୂଚନା ଓ ଯୋଗାଯୋଗ ବ୍ୟବସ୍ଥା ଗଠନ କରାଯିବ ଏବଂ ଡିଜିଟାଲ୍ ମାଧ୍ୟମରେ ମିଥ୍ୟା ତଥ୍ୟ ତଥା ଗୁଜବର ମୁକାବିଲା ପାଇଁ ଏକ କଡ଼ାକଡ଼ି ତଥ୍ୟ ଯାଂଚ ବ୍ୟବସ୍ଥା କାର୍ଯ୍ୟକାରୀ ହେବ ବୋଲି ଆଜି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ କହିଛନ୍ତି । ଲୋକସେବା ଭବନ କନଭେନସନ୍ ସେଂଟର ଠାରେ ସୂଚନା ସେବା ଅଧିକାରୀଙ୍କ ପାଇଁ ଆୟୋଜିତ ଏକ କାର୍ଯ୍ୟକ୍ରମରେ 'ସାମାଜିକ ଗଣମାଧ୍ୟମର ଉଦୀୟମାନ ଧାରା' ସମ୍ପର୍କରେ ଦିଗ୍‌ଦର୍ଶନ ଦେଇ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି । ଆଜିର ଯୁବ ବର୍ଗ ପାରମ୍ପରିକ ଗଣମାଧ୍ୟମଠାରୁ ବହୁ ଆଗରେ ରହି ସାମାଜିକ ଗଣମାଧ୍ୟମ ଏବଂ କୃତ୍ରିମ ବୁଦ୍ଧିମତା ପ୍ଲାଟଫର୍ମର ବ୍ୟାପକ ବ୍ୟବହାର କରୁଛନ୍ତି । ତେଣୁ ସରକାରୀ ସଂଚାର ବା ଯୋଗାଯୋଗ ପାଇଁ ଆମକୁ ମଧ୍ୟ ସାମ୍ପ୍ରତିକ ସମୟର ଏହି ଅତ୍ୟାଧୁନିକ ଟ୍ରେଣ୍ଡ୍ ?ଗୁଡ଼ିକୁ ଆପଣାଇବାକୁ ପଡ଼ିବ ବୋଲି ସୂଚନାସେବା ଅଧିକାରୀମାନଙ୍କୁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି ।




ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ସାମାଜିକ ଗଣମାଧ୍ୟମ ସମ୍ପର୍କରେ ବିସ୍ତୃତ ଭାବେ ଆଲୋଚନା କରି କହିଛନ୍ତି ଯେ ବର୍ତ୍ତମାନର ସମୟ କେବଳ ପାରମ୍ପରିକ ପ୍ରିଂଟ ବା ଇଲେକ୍ଟ୍ରୋନିକ୍ସ ମିଡିଆର ସମୟ ନୁହେଁ, ବରଂ ସୋସିଆଲ ମିଡିଆ ଏବଂ କ୍ରିଏଟର ଇକୋନୋମିର ଯୁଗ । ପ୍ରତ୍ୟେକ ନାଗରିକଙ୍କ ହାତରେ ଥିବା ମୋବାଇଲ୍ ଫୋନ୍ ଆଜି ଏକାଧାରରେ ଖବରକାଗଜ, ଟେଲିଭିଜନ, ରେଡିଓ ଏବଂ ଏକାଧିକ ଯୋଗାଯୋଗର ମାଧ୍ୟମ ପାଲଟିଛି । ତେଣୁ ସରକାରୀ ଅଧିକାରୀମାନଙ୍କୁ କେବଳ ପ୍ରେସ୍ ରିଲିଜ୍ ଜାରି କରିବାରେ ସୀମିତ ନ ରହି ଜଣେ ଦକ୍ଷ କମ୍ୟୁନିକେସନ ପ୍ରଫେସ୍‌ନାଲ୍ ଭାବେ ନିଜର ଦାୟିତ୍ୱ ନିର୍ବାହ କରିବାକୁ ପଡ଼ିବ । ସୋସିଆଲ ମିଡିଆ ମନିଟରିଂ ଏବଂ ସୋସିଆଲ ଲିଆସନିଙ୍ଗ୍ ଜରିଆରେ ଜନସାଧାରଣଙ୍କ ମତାମତ ଓ ସମସ୍ୟାଗୁଡ଼ିକୁ ତ୍ୱରିତ ଭାବେ ଗ୍ରହଣ କରିବାକୁ ସେ ଗୁରୁତ୍ୱାରୋପ କରିଛନ୍ତି । ଖବର ପରିବେଷଣ ଏବଂ ସରକାରୀ ଯୋଗାଯୋଗର ମୂଳସ୍ତମ୍ଭ ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମର ଯୋଗାଯୋଗ ଶୈଳୀ ସବୁବେଳେ ତିନୋଟି ପ୍ରମୁଖ ନୀତି ଉପରେ ପର୍ଯ୍ୟବେସିତ ହେବା ଉଚିତ୍-ସେଗୁଡ଼ିକ ହେଲା ତଥ୍ୟଗତ ସଠିକତା, ସମୟୋପଯୋଗୀ ଦ୍ରୁତତା ଏବଂ ସରଳତା । ସରକାରୀ ତଥ୍ୟ କିମ୍ବା ପରିସଂଖ୍ୟାନରେ କୌଣସି ଭୁଲ୍ ଗ୍ରହଣୀୟ ନୁହେଁ । ଡିଜିଟାଲ ଯୁଗରେ ସୂଚନା ପ୍ରଦାନରେ ବିଳମ୍ବ ହେଲେ ଏକ ସୂଚନା ଶୂନ୍ୟତା ସୃଷ୍ଟି ହୁଏ, ଯାହାର ସୁଯୋଗ ନେଇ ଅନେକ ସମୟରେ କିଛି ଲୋକ ଭୁଲ୍ ଓ ବିଭ୍ରାନ୍ତିକର ସୂଚନା ପ୍ରଦାନ କରିଥାନ୍ତି । ତେଣୁ ସଠିକ୍ ସୂଚନାକୁ ଦ୍ରୁତ ଗତିରେ ଏବଂ ସାଧାରଣ ଲୋକ ବୁଝିପାରିବା ଭଳି ସରଳ ଭାଷାରେ ଲୋକଙ୍କ ନିକଟରେ ପହଂଚାଇବାକୁ ହେବ । ଏହି ସନ୍ଦର୍ଭରେ ମୁଖ୍ୟମନ୍ତ୍ରୀ କାହାଣୀ କହିବା ଶୈଳୀ ବା ଷ୍ଟୋରିଟେଲିଂ ଉପରେ ବିଶେଷ ଜୋର୍ ଦେଇଛନ୍ତି । କେବଳ ଶୁଷ୍କ ପରିସଂଖ୍ୟାନ ବା ତଥ୍ୟ ଦେବା ପରିବର୍ତେ ସରକାରୀ ଯୋଜନାଗୁଡ଼ିକ କିପରି ଜଣେ ସାଧାରଣ ନାଗରିକଙ୍କ ଜୀବନରେ ପରିବର୍ତନ ଆଣୁଛି, ତାହାର ମାନବୀୟ କାହାଣୀ ଲୋକଙ୍କ ସାମ୍ନାକୁ ଆଣିପାରିଲେ ଏହା ପ୍ରଭାବଶାଳୀ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

# ପଂଚସଖା ଶିକ୍ଷା ସେତୁର କାର୍ଯ୍ୟନିର୍ବାହୀ ପରିଷଦ ବୈଠକ

**ଭୁବନେଶ୍ୱର,୧୪।୧୦ (ମହାଭାରତ):** ପୁରାତନ ଛାତ୍ରଛାତ୍ରୀଙ୍କ ସକ୍ରିୟ ଅଂଶଗ୍ରହଣ ଓ ସାମୂହିକ ସହଯୋଗ ମାଧ୍ୟମରେ ବିଦ୍ୟାଳୟଗୁଡ଼ିକର ଭିତିଭୂମିର ବିକାଶ ସହ ଶିକ୍ଷାର ଗୁଣାତ୍ମକ ଉନ୍ନତିକୁ ଅଧିକ ଗତିଶୀଳ କରିବା ଲକ୍ଷ୍ୟରେ ପଂଚସଖା ଶିକ୍ଷା ସେତୁର ଷଷ୍ଠ କାର୍ଯ୍ୟନିର୍ବାହୀ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ରାଜ୍ୟର ୨୯ଟି ଜିଲ୍ଲାରେ ବିଭିନ୍ନ ବିଦ୍ୟାଳୟର ଉନ୍ନତି ପାଇଁ ମୋଟ ୭. ୭୩ କୋଟି ଟଙ୍କାର ପ୍ରକଳ୍ପକୁ ମଞ୍ଜୁରି ମିଳିଛି । ବିଦ୍ୟାଳୟ ସହ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ପର୍କକୁ ସୁଦୃଢ଼ କରିବା ସହ ସେମାନଙ୍କ ଅବଦାନକୁ ବିଦ୍ୟାଳୟର ବିକାଶରେ ବିନିଯୋଗ କରିବା ଦିଗରେ ପଂଚସଖା ଶିକ୍ଷା ସେତୁ ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହୋଇପାରିଛି । ପୁରାତନ ଛାତ୍ରଛାତ୍ରୀଙ୍କ ସମେତ ଅଭିଭାବକ, ବିଦ୍ୟାଳୟ ପରିଚାଳନା କମିଟି, ବୁଦ୍ଧିଜୀବୀ ଓ ବିଭିନ୍ନ ଅନୁଷ୍ଠାନର ସହଯୋଗରେ ବିଦ୍ୟାଳୟ ଗୁଡ଼ିକରେ ଆବଶ୍ୟକ ଭିତିଭୂମିର ବିକାଶ ହେବା ସହ ଶିକ୍ଷଣ ପରିବେଶକୁ ଅଧିକ ସୁଦୃଢ଼ କରିବାର ପ୍ରୟାସ ଜାରି ରହିଛି । ଚଳିତ ବୈଠକରେ ବିଦ୍ୟାଳୟଗୁଡ଼ିକର ଉନ୍ନତି ପାଇଁ ପୁରାତନ ଛାତ୍ରଛାତ୍ରୀ, ଅଭିଭାବକ, ପରିଚାଳନା କମିଟି ସଦସ୍ୟ ଓ ସ୍ଥାନୀୟ ବ୍ୟକ୍ତିବିଶେଷ ଏବଂ ଅନୁଷ୍ଠାନ ପକ୍ଷରୁ ମୋଟ ୨ କୋଟି ୫୬ ଲକ୍ଷ ୯୦ ହଜାର ୮୧୦ ଟଙ୍କାର ଆର୍ଥିକ ଅବଦାନ ମିଳିଛି । ଏହି ଅବଦାନ ସହ ପଞ୍ଚସଖା ଶିକ୍ଷା ସେତୁ ପକ୍ଷରୁ ଦୁଇଗୁଣା ଅନୁଦାନକୁ ମିଶାଇ ମୋଟ ୭ କୋଟି ୭୩ ଲକ୍ଷ ୭୨ ହଜାର ୪୩୦ ଟଙ୍କାର ପ୍ରକଳ୍ପଗୁଡ଼ିକୁ ଅନୁମୋଦନ କରାଯାଇଛି । ଏହାଦ୍ୱାରା ସମାଜର ସାମୂହିକ ସହଯୋଗକୁ ଶିକ୍ଷାର ବିକାଶରେ ଉପଯୋଗ କରାଯାଇ ବିଦ୍ୟାଳୟ ଗୁଡ଼ିକର ବିକାଶ ହୋଇପାରିବ । ମଞ୍ଜୁରିପ୍ରାପ୍ତ ପ୍ରକଳ୍ପଗୁଡ଼ିକ ମାଧ୍ୟମରେ ବିଦ୍ୟାଳୟର ଶ୍ରେଣୀଗୃହ ମରାମତି, ପାନୀୟ ଜଳ ବ୍ୟବସ୍ଥାର ଉନ୍ନତି, ପାଚେରି ନିର୍ମାଣ, ବିଦ୍ୟାଳୟ ପରିସରର ସୌନ୍ଦର୍ଯ୍ୟକରଣ, ଫାଟକ ନିର୍ମାଣ, ସାଇକେଲ ଷ୍ଟାଣ୍ଡ ସ୍ଥାପନ ଏବଂ ଅନ୍ୟାନ୍ୟ ଆବଶ୍ୟକ ଭିତିଭୂମିର ରକ୍ଷଣାବେକ୍ଷଣ କରାଯିବ । ଏହି ପଦକ୍ଷେପଗୁଡ଼ିକ ବିଦ୍ୟାଳୟ ପରିବେଶକୁ ଅଧିକ ସୁରକ୍ଷିତ, ସୁନ୍ଦର ଓ ଶିକ୍ଷା ଅନୁକୂଳ କରିବା ସହ ଛାତ୍ରଛାତ୍ରୀଙ୍କ ପାଇଁ ଉନ୍ନତ ଶିକ୍ଷଣ ପରିବେଶ ସୃଷ୍ଟି କରିବ । ଚଳିତ ପର୍ଯ୍ୟାୟରେ ଗଞ୍ଜାମ, ପୁରୀ, ଖୋର୍ଦ୍ଧା, ଯାଜପୁର ଓ କଟକ ଜିଲ୍ଲାରୁ ସର୍ବାଧିକ ଆର୍ଥିକ ଅବଦାନ ମିଳିଛି । ଏହା ବିଦ୍ୟାଳୟର ବିକାଶ ପ୍ରତି ପୁରାତନ ଛାତ୍ରଛାତ୍ରୀ ଓ ବିଭିନ୍ନ ଅନୁଷ୍ଠାନଗୁଡିକର ଆଗ୍ରହ, ଦାୟିତ୍ୱବୋଧ ଏବଂ ସହଭାଗିତାକୁ ପ୍ରତିଫଳିତ କରୁଛି । ବୈଠକରେ ପରିଷଦର ଅଧ୍ୟକ୍ଷ ତଥା ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ଆୟୁକ୍ତ ତଥା ଶାସନ ସଚିବ ଡ. ଏନ୍. ତିରୁମାଲା ନାୟକ ଅଧ୍ୟକ୍ଷତା କରିଥିଲେ । ସେ ବିଦ୍ୟାଳୟ ସହ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ପର୍କକୁ ଅଧିକ ମଜବୁତ କରିବା ଏବଂ ବିଦ୍ୟାଳୟର ସାମଗ୍ରିକ ବିକାଶରେ ସେମାନଙ୍କ ଅଂଶଗ୍ରହଣ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ ।

ପୁରାତନ ଛାତ୍ରଛାତ୍ରୀଙ୍କ ଅଂଶଗ୍ରହଣକୁ ଅଧିକ ବ୍ୟାପକ ଓ ପ୍ରଭାବଶାଳୀ କରିବା ପାଇଁ ଚଳିତ ବୈଠକରେ ଦୁଇଟି ନୂତନ କାର୍ଯ୍ୟକ୍ରମ 'ଆଲୁମ୍ନି ପଡକାଷ୍ଟ' ଓ 'ଡିଷ୍ଟ୍ରିକ୍ଟ ସ୍ପଟଲାଇଟ୍' ଆରମ୍ଭ କରିବା ସମ୍ପର୍କରେ ଆଲୋଚନା କରାଯାଇଥିଲା । ଆଲୁମ୍ନି ପଡକାଷ୍ଟ କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ସଫଳତା ହାସଲ କରିଥିବା ପୁରାତନ ଛାତ୍ରଛାତ୍ରୀଙ୍କ ସହ ଆଲୋଚନା କରାଯିବ । ସେମାନଙ୍କ ଶିକ୍ଷାଜୀବନୀ, ସଂଘର୍ଷ, ଅନୁଭୂତି ଓ ସଫଳତାର କାହାଣୀ ଅନ୍ୟ ପୁରାତନ ଛାତ୍ରଛାତ୍ରୀଙ୍କୁ ନିଜ ଶିକ୍ଷାନୁଷ୍ଠାନର ବିକାଶ ପାଇଁ ଆଗେଇ ଆସିବାକୁ ପ୍ରେରିତ କରିବ । ଏଥିସହ ବର୍ତ୍ତମାନ ବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀମାନେ ସଫଳ ବ୍ୟକ୍ତିତ୍ୱଙ୍କ ଅନୁଭବରୁ ଶିକ୍ଷା ଗ୍ରହଣ କରିବା ସହ ନିଜ ଭବିଷ୍ୟତ ଗଠନ ପାଇଁ ଉପଯୁକ୍ତ ମାର୍ଗଦର୍ଶନ ମଧ୍ୟ ପାଇପାରିବେ । ବୈଠକରେ ପଂଚସଖା ଶିକ୍ଷା ସେତୁର ସଦସ୍ୟ ସଚିବ ତଥା ଓସେପାର ଭାରପ୍ରାପ୍ତ ରାଜ୍ୟ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀମତୀ ସଙ୍ଗୀତା ବେହେରାଙ୍କ ସମେତ ପରିଷଦର ଅନ୍ୟାନ୍ୟ ସଦସ୍ୟ ଉପସ୍ଥିତ ଥିଲେ ।

# ଅଗଣତାନ୍ତ୍ରିକ ଉପାୟରେ ଛାତ୍ର ସଂସଦ ନିର୍ବାଚନ ଜିତିବାକୁ ଚେଷ୍ଟା କରୁଛି ବିଜେପି

**ଭୁବନେଶ୍ୱର,୧୪।୧୦ (ମହାଭାରତ):** ଦେଶରେ ଗଣତନ୍ତ୍ରକୁ ବିଜେପି ହତ୍ୟା କରୁଥିବା ବେଳେ ଏବେ କ୍ୟାମ୍ପସ ରାଜନୀତିରେ ବିଜେପି ଗଣତନ୍ତ୍ରକୁ ହତ୍ୟା କରୁଥିବାରୁ କଡ଼ା ସମାଲୋଚନା କରିଛି ବିଜେଡି ।

ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ବରିଷ୍ଠ ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର କହିଥିଲେ ଯେ ୩ଟି ବିଶ୍ୱବିଦ୍ୟାଳୟ ଓ ଅନ୍ୟ କଲେଜ ମାନଙ୍କରେ ଏବିଭିପି ପ୍ରାର୍ଥୀ ମାନେ ନିର୍ବାଚନ ଜିତିପାରିବେ ନାହିଁ ବୋଲି ସେଠାରେ ସରକାର ନିର୍ବାଚନ କରାଉ ନାହାନ୍ତି । ଛାତ୍ର ସଂସଦ ନିର୍ବାଚନରେ ନଗର ଉନ୍ନୟନ ମନ୍ତ୍ରୀ କଲେଜ ଅଧ୍ୟକ୍ଷ ଓ ଭିସି ମାନଙ୍କୁ ଡାକି ରିଭ୍ୟୁ ନାଁରେ ଏବିଭିପି ଛାତ୍ର ସଂଗଠନ କିଭଳି ଜିତିବ ସେଥିପାଇଁ ତାଙ୍କୁ ତାଗିଦ କରୁଥିବାର ଫଟୋ ସୋସିଆଲ ମିଡିଆରେ ଘୁରି ବୁଲୁଛି । ସେହିଭଳି ଚିକିଟି ବିଧାୟକ ପାତ୍ରପୁର ବ୍ଲକ ଅଫିସରେ ସବୁ କଲେଜର କର୍ମଚାରୀ ମାନଙ୍କୁ ବୈଠକ କରାଇବା ପାଇଁ ଚିଠି କରାଯାଉଛି । କିଛିଦିନ ତଳେ ଡିଜି ଏକ ବୈଠକରେ କଲେଜ ମାନଙ୍କରେ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ଜିଲ୍ଲାର ଆରକ୍ଷୀ ଅଧିକ୍ଷକ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯେଉଁ କଲେଜ ମାନଙ୍କରେ ଏବିଭିପି ପ୍ରାର୍ଥୀ ଜିତିପାରିବେ ନାହିଁ ବୋଲି ଅନୁଭବ କରୁଛନ୍ତି, ସେହି ସ୍ଥାନ ମାନଙ୍କରେ ପୋଲିସ୍ ସହଯୋଗରେ ଏବିଭିପିର ସମର୍ଥିତ ଅଣଛାତ୍ର ମାନେ କଲେଜ ଭିତରେ ପ୍ରବେଶ କରି ବୋମା ପକାଇ ହିଂସାକାଣ୍ଡ ସୃଷ୍ଟି କରି କଲେଜ ନିର୍ବାଚନକୁ ବନ୍ଦ କରୁଛନ୍ତି । ବିଜୁ ଯୁବ ଜନତା ଦଳ ସଭାପତି ଚିନ୍ମୟ ସାହୁ କହିଥିଲେ ଯେ, ସରକାର ଯଦି ଛାତ୍ର ସଂସଦ ନିର୍ବାଚନ କରାଇବାର ଥିଲା, କାହିଁକି ଏକାଡେମିକ କ୍ୟାଲେଣ୍ଡରରେ ଆଗୁଆ ସୂଚନା ଦେଲେ ନାହିଁ । ଆଡ୍‌ମିଶନ ପ୍ରକ୍ରିୟା ଶେଷ ହୋଇନଥିବା ବେଳେ ସରକାର ତରବରିଆ ଭାବେ ଛାତ୍ର ସଂସଦ ନିର୍ବାଚନ ନେଇ ବିଜ୍ଞପ୍ତି ପ୍ରକାଶ କଲେ । ସରକାରୀ ଦଳର ମନ୍ତ୍ରୀ ମାନେ ଯେଉଁଭଳି ସିଧାସଳଖ ଛାତ୍ର ସଂସଦ ନିର୍ବାଚନରେ ହସ୍ତକ୍ଷେପ କରି ଚାପ ପକାଉଛନ୍ତି । ଆଜି ସମଗ୍ର ଓଡ଼ିଶାରେ ୨୦୬ଟି କଲେଜରେ କ'ଣ ପାଇଁ ନିର୍ବାଚନ ବନ୍ଦ ହୋଇଛି, ଉଚ୍ଚଶିକ୍ଷା ମନ୍ତ୍ରୀ ତାହାର ଜବାବ ଦିଅନ୍ତୁ ।

# ଆକୃଷ୍ଟ କରୁଛି ବିପର୍ଯ୍ୟୟ ପରିଚାଳନା ମଡେଲ

**ଭୁବନେଶ୍ୱର,୧୪।୧୦ (ମହାଭାରତ):** ରାଜ୍ୟ ଓ ରାଜ୍ୟ ବାହାରୁ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଅଧ୍ୟୟନ କରୁଥବା ଛାତ୍ର ଛାତ୍ରୀ ମାନଙ୍କୁ ଆକୃଷ୍ଟ କରିଛି ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା ମଡେଲ୍ । ଓଡ଼ିଶାର ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷଙ୍କ (ଓଏସଏଡ଼ିଏମ ) ତତ୍ୱାବଧାନରେ ବିପର୍ଯ୍ୟୟ ପରିଚାଳନାର ବିଭିନ୍ନ କାର୍ଯ୍ୟ ର ଅନୁଭବରୁ ଶିକ୍ଷା ଲାଭ କରିବା ନିମନ୍ତେ ଶୁକ୍ରବାର ଭୁବନେଶ୍ୱର ସ୍ଥିତ ଜାଭିୟର ମ୍ୟାନେଜମେଂଟ ବିଶ୍ୱବିଦ୍ୟାଳୟର ଚାଳିଶ ଜଣ ଛାତ୍ର ଛାତ୍ରୀ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତୃପକ୍ଷଙ୍କ (ଓଏସଏଡ଼ିଏମ ) କାର୍ଯ୍ୟାଳୟକୁ ଗସ୍ତ କରିଛନ୍ତି ।

ଏହି ପରିଦର୍ଶନ ସମୟରେ ଓସଡମାର ଉପଦେଷ୍ଟା ଡ. କମଳ ଲୋଚନ ମିଶ୍ର, ୧୯୯୯ ମସିହାର ମହାବାତ୍ୟା ପରଠାରୁ ବିଗତ ୨୫ ବର୍ଷ ମଧ୍ୟରେ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶାର ସଫଳ ଯାତ୍ରା ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କ ସହ ଆଲୋଚନା କରିଥିଲେ । ଏଥିସହିତ ବିପର୍ଯ୍ୟୟର ପ୍ରାକ୍-ସୂଚନା , ପୂର୍ବପ୍ରସ୍ତୁତି , ସ୍ଥାନାନ୍ତରଣ , ସମୁଦାୟ-ଆଧାରିତ ବିପର୍ଯ୍ୟୟ ପ୍ରସ୍ତୁତି ଏବଂ ଆଧୁନିକ ବୈଷୟିକ ଜ୍ଞାନ ଓ ତଥ୍ୟ-ଆଧାରିତ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓସଡମାର ଅଭିଜ୍ଞତା ସମ୍ପର୍କରେ ବିସ୍ତୃତ ବିବରଣୀ ପ୍ରଦାନ କରିଥିଲେ । ବିଶେଷକରି ବାତ୍ୟା, ବନ୍ୟା ଭଳି ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡ଼ିଶା ଗ୍ରହଣ କରିଥିବା ପ୍ରସ୍ତୁତିମୂଳକ ପଦକ୍ଷେପ, ଆଗୁଆ ସତର୍କ ସୂଚନା ବ୍ୟବସ୍ଥା, ଜନସାଧାରଣଙ୍କ ସ୍ଥାନାନ୍ତରଣ ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସମ୍ପର୍କରେ ସରକାରଙ୍କର ତରଫରୁ ନିଆଯାଉ ଥିବା ବିଭିନ୍ନ ପଦକ୍ଷେପ ଉପରେ ସେ ଛାତ୍ରଛାତ୍ରୀମାନଙ୍କୁ ବିସ୍ତୃତ ଭାବରେ ବୁଝାଇ ଥିଲେ । ଏଥି ସହିତ ଶ୍ରୀଯୁକ୍ତ ମିଶ୍ର ନିଜ ବକ୍ତବ୍ୟରେ ଛାତ୍ର ଛାତ୍ରୀ ମାନଙ୍କୁ ଉଦବୋଧନ ଦେଇ କହିଲେ ଯେ ବିପର୍ଯ୍ୟୟ ପରିଚାଳନା କେବଳ ପୁସ୍ତକୀୟ ଜ୍ଞାନ ନୁହେଁ ବରଂ ପ୍ରକୃତ ପରିସ୍ଥିତିକୁ ସାମ୍ନା କରିବା ସହିତ ବିପର୍ଯ୍ୟୟ ପରିଚାଳନାର ଅଭିଜ୍ଞତା ଓ ଭୁଲ୍ ରୁ ଶିଖିବା ହେଉଛି ଜୀବନର ଏକ ମାଇଲ ଖୁଂଟ । ଛାତ୍ର ଛାତ୍ରୀ ମାନେ ବିପର୍ଯ୍ୟୟ ପରିଚାଳନା ର ବିଭିନ୍ନ ଦିଗ ଉପରେ ନିଜର ସନ୍ଦର୍ଭ ପ୍ରସ୍ତୁତି କରିବା ସହିତ ନୂତନ ବୈଜ୍ଞାନିକ ଜ୍ଞାନ କୌଶଳକୁ ବିପର୍ଯ୍ୟୟ ପରିଚାଳନା ଦିଗରେ ଅଧିକରୁ ଅଧିକ ଅଧ୍ୟୟନ କରିବା ନିତ୍ୟାନ୍ତ ଜରୁରୀ ବୋଲି ପରାମର୍ଶ ଦେଇଥିଲେ ।

# ଶିଶୁ ଓ ଗର୍ଭବତୀ ମା'ଙ୍କ ଯତ୍ନ ନେବା ସାମାଜିକ ଦାୟିତ୍ୱ

**ଭୁବନେଶ୍ୱର,୧୪।୧୦ (ମହାଭାରତ):** ନବଜାତ ଶିଶୁ ଓ ଗର୍ଭବତୀ ମା'ଙ୍କ ସୁସ୍ଥ ଶରୀର ପାଇଁ ଯତ୍ନ ନେବା ପ୍ରତ୍ୟେକ ନାଗରିକଙ୍କ ସାମାଜିକ ଦାୟିତ୍ୱ ବୋଲି ଶୁକ୍ରବାର ସମ୍ବଲପୁର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ କୁଚିଣ୍ଡା ଗସ୍ତ ଅବସରରେ'ସେବା ସଂକଳ୍ପ ଅଭିଯାନ' ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ କହିଛନ୍ତି ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ।

ଶ୍ରୀ ପ୍ରଧାନ ଆଜି କୁଚିଣ୍ଡା ଠାରେ ନବନିର୍ମିତ 'ଅଡିଟୋରିୟମ୍ ଏବଂ ସାଂସ୍କୃତିକ କେନ୍ଦ୍ର' ସହ ଅନ୍ୟାନ୍ୟ ବିକାଶମୂଳକ କାର୍ଯ୍ୟର ଉଦ୍ ?ଘାଟନ କରିଥିଲେ । ସାଂସ୍କୃତିକ କେନ୍ଦ୍ର ସହ ସହରର ସ୍ୱଚ୍ଛତା ଓ ପରିମଳ ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଏହି ଜନହିତକର ପ୍ରକଳ୍ପଗୁଡ଼ିକ କୁଚିଣ୍ଡାକୁ ଏକ ନୂତନ ପରିଚୟ ପ୍ରଦାନ କରିବ ବୋଲି ସେ



ପ୍ରକାଶ କରିଥିଲେ । ଏହାପରେ ସାଂସଦ ଶ୍ରୀ ପ୍ରଧାନ କୁଚିଣ୍ଡା ସ୍ଥିତ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରି ଶିଶୁମାନଙ୍କ ଗହଣରେ କିଛି ସମୟ ଅତିବାହିତ କରିବା ସହ ସେମାନଙ୍କ ସ୍ୱାସ୍ଥ୍ୟ ଓ ପୋଷଣ ସମ୍ପର୍କରେ ପଚାରି ବୁଝିଥିଲେ । 'ସେବା ସଂକଳ୍ପ ଅଭିଯାନ' ଅନ୍ତର୍ଗତ 'ଆଙ୍ଗନ ମିଳନ' ଉତ୍ସବରେ ଅଙ୍ଗନବାଡ଼ି, ଆଶା କର୍ମୀ, ସ୍ଥାନୀୟ ମା'ମାନେ ଓ ବିଭିନ୍ନ ଯୋଜନାର ହିତାଧିକାରୀଙ୍କ ସହ ସେ ସିଧାସଳଖ ଭାବ ବିନିମୟ କରିଥିଲେ । ଶିଶୁଙ୍କ ମାନସିକ ଓ ଶାରୀରିକ ବିକାଶ ସହ ସେମାନଙ୍କ ପୋଷଣ ଏବଂ ସ୍ୱାସ୍ଥ୍ୟ ସୁନିଶ୍ଚିତ କରିବାରେ ଆମର ଅଙ୍ଗନବାଡ଼ି ଓ ଆଶା କର୍ମୀଙ୍କ ନିଷ୍ଠାପର ସେବାକୁ ଉଚ୍ଚ ପ୍ରଶଂସା କରିଥିଲେ ଶ୍ରୀ ପ୍ରଧାନ । ଆୟୋଜିତ ସଭାକୁ ସମ୍ବୋଧିତ କରି ଶ୍ରୀ ପ୍ରଧାନ କହିଥିଲେ ଯେ, ପୋଷଣ ମାଧ୍ୟମରେ ସୁସ୍ଥ ପରିବାର, ସ୍ୱଚ୍ଛତା ମାଧ୍ୟମରେ ସୁସ୍ଥ ପରିବେଶ ଏବଂ ନିଶାମୁକ୍ତ ସମାଜ ମାଧ୍ୟମରେ ସୁରକ୍ଷିତ ଭବିଷ୍ୟତ, ଏହି ତିନୋଟି ସଂକଳ୍ପକୁ ଆମକୁ ପ୍ରତ୍ୟେକ ଓଡ଼ିଆଙ୍କ ହୃଦୟରେ ଜାଗ୍ରତ କରିବାକୁ ହେବ । ଏହି ସଂକଳ୍ପଗୁଡ଼ିକୁ ଏକ ବିଶାଳ ଜନଆନ୍ଦୋଳନରେ ପରିଣତ କଲେ ହିଁ 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ସ୍ୱପ୍ନ ପୂରଣ ହୋଇପାରିବ । କୁଚିଣ୍ଡାରେ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ସହ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତିକରଣ ଏବଂ ଉତ୍ତମ ରାସ୍ତାଘାଟ ନିର୍ମାଣ କରି କୁଚିଣ୍ଡାର ସର୍ବାଙ୍ଗୀନ ବିକାଶ ପାଇଁ ଡବଲ ଇଞ୍ଜିନ ସରକାର ବଦ୍ଧପରିକର ବୋଲି ସେ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ପଞ୍ଚାୟତିରାଜ ମନ୍ତ୍ରୀ ରବି ନାରାୟଣ ନାଏକ ପ୍ରମୁଖ ଉପସ୍ଥିତ ଥିଲେ ।

# କଂଗ୍ରେସ ବିରୋଧରେ ରାୟ

ରାଜ୍ୟବାସୀ କେବଳ ପରିବର୍ତ୍ତନ ସପକ୍ଷରେ ରାୟ ଦେଇନଥିଲେ, ନବୀନ ସରକାରଙ୍କ ବିରୋଧରେ ସ୍ପଷ୍ଟ ରାୟ ଦେଇଥିଲେ। ନବୀନ ବାବୁଙ୍କୁ ଓଡ଼ିଶାବାସୀ ଭଲ ପାଆନ୍ତି ଏବଂ ଏବେ ବି ଭଲ ପାଉଛନ୍ତି। କିନ୍ତୁ ତାଙ୍କ ଦଳର କିଛି ନେତା, ମନ୍ତ୍ରୀ ଓ ବିଧାୟକଙ୍କ କାର୍ଯ୍ୟରେ ଜନତା ସନ୍ତୁଷ୍ଟ ନଥିଲେ। ଦ୍ୱିତୀୟରେ ନବୀନ ବାବୁ ଅନ୍ୟ ଜଣେ ଅଣ ଓଡ଼ିଆଙ୍କ ଦ୍ୱାରା ପରିଚାଳିତ ହେବା ଏବଂ ତାଙ୍କ ଇଚ୍ଛାରେ ରାଜ୍ୟ ଶାସନ ପରିଚାଳିତ ହେବାକୁ ଓଡ଼ିଶାର ସାଧାରଣ ଜନତା ଗ୍ରହଣ କରିପାରିଲେ ନାହିଁ। ବିଜେଡି ଜିତିଲେ ନବୀନ ବାବୁ ନୁହଁନ୍ତି, ସେହି ଅଣଓଡ଼ିଆ ପୂର୍ବତନ ଆଇଏଏସ ଅଫିସର ଜଣକ ସର୍ବକ୍ଷମତା ପ୍ରାପ୍ତ ହୋଇ ଓଡ଼ିଶାରେ ରାଜ କରିବେ ବୋଲି ଲୋକେ ଅନୁଭବ କରି ଏହା ବିରୋଧରେ ରାୟ ଦେଲେ। ଲୋକେ ଦେଖିଲେ ନବୀନ ବାବୁ କିଛି ବୁଝୁ ନାହାଁନ୍ତି, କିଛି ଜାଣୁ ନାହାଁନ୍ତି। କେବଳ ଏକ କଣ୍ଢେଇ ଭଳି ସେ କାମ କରୁଛନ୍ତି। ଏଭଳି ଜଣେ ବ୍ୟକ୍ତି ଓଡ଼ିଶାର ମୁଖ୍ୟମନ୍ତ୍ରୀ ପଦରେ ରହିବା ଅନୁଚିତ ବୋଲି ରାଜ୍ୟବାସୀ ବିଚାର କଲେ ଏବଂ ସଠିକ ନିଷ୍ପତ୍ତି ନେଲେ। ୨୦୨୪ ନିର୍ବାଚନରେ ରାଜ୍ୟବାସୀ ସେମାନଙ୍କ ପରିପକ୍ୱତା ପ୍ରଦର୍ଶିତ କଲେ। ସବୁଠାରୁ ଉଲ୍ଲେଖନୀୟ ବିଷୟ ଥିଲା ରାଜ୍ୟର ୨୧ ଲୋକସଭା ଆସନ ମଧ୍ୟରୁ ୨୦ଟିରେ ବିଜେପି ଜିତିବା। ବିଜେଡି ଗୋଟିଏ ହେଲେ ଲୋକସଭା ଆସନ ଜିତିପାରିଲା ନାହିଁ। ଏହାର କାରଣ ହେଲା ଲୋକେ ଲୋକସଭା ଆସନ ପାଇଁ ବିଜେଡି ପ୍ରାର୍ଥୀଙ୍କୁ ଭୋଟ ଦେବା ଏକ ବ୍ୟର୍ଥ ଉଦ୍ୟମ ବୋଲି ଭାବିଲେ। ଲୋକେ ଲୋକସଭା ନିର୍ବାଚନରେ ଭୋଟ ଦେବା ବେଳେ ଚିନ୍ତା କରନ୍ତି କିଏ କେନ୍ଦ୍ରରେ ସରକାର ଗଠନବ, କିଏ ପ୍ରଧାନମନ୍ତ୍ରୀ ହେବ। ସେଥିପାଇଁ ଦୁଇଜଣ ପ୍ରାର୍ଥୀ ଥିଲେ। ଜଣେ ହେଲେ ନରେନ୍ଦ୍ର ମୋଦି ଏବଂ ଅନ୍ୟଜଣକ ହେଲେ ରାହୁଲ ଗାନ୍ଧି। ଲୋକେ ମୋଦିଙ୍କୁ ପ୍ରଧାନମନ୍ତ୍ରୀ ଭାବେ ବାଛିଲେ। ସେଠାରେ ସେମାନେ ବିଜେଡିକୁ ଭୋଟ ଦେଇ ନିଜର ମତାଧିକାରକୁ ନଷ୍ଟ କରିବା ଲାଗି ଚାହିଁଲେ ନାହିଁ। ବିଜେଡିକୁ ଭୋଟ ଦେଲେ କିଏ ପ୍ରଧାନମନ୍ତ୍ରୀ ହେବ, କିଏ କେନ୍ଦ୍ରରେ ସରକାର ଗଠନ କରିବ ସେ ସମ୍ପର୍କରେ ଲୋକେ ଅନ୍ଧାରରେ ଥିଲେ। ବିଜେଡି ଏକ ଆଞ୍ଚଳିକ ଦଳ। ଏହି ଦଳ ରାଜ୍ୟର ସମସ୍ତ ୨୧ ଆସନ ଜିତିଲେ ବି ଏହା କେନ୍ଦ୍ରରେ ସରକାର ଗଠନ କରିପାରିବ ନାହିଁ। ଦ୍ୱିତୀୟରେ ବିଜେଡି ପ୍ରଥମେ ଏନଡିଏରେ ଥିଲା। ଲୋକେ ଏନଡିଏକୁ ସରକାର ଗଠନର ସୁଯୋଗ ଦେବାକୁ ବିଜୁ ଜନତା ଦଳକୁ ଭୋଟ ଦେଉଥିଲେ। କିନ୍ତୁ ନବୀନ ବାବୁ ଏନଡିଏରୁ ଦୁରେଇ ସମଦୂରତା ନୀତି ଅବଲମ୍ବନ କଲେ। ଏହାକୁ ଓଡ଼ିଶାବାସୀ ନାପସନ୍ଦ କରି ଅଗ୍ରାହ୍ୟ କଲେ। ସମଦୂରତା ନୀତି ଏବେ କିଛି ମାନେ ନାହିଁ। ଦେଶରେ ଏକ ସ୍ଥିର ଏବଂ ସ୍ଥାୟୀ ସରକାର ଗଠନ କରିବାକୁ ପଡ଼ିବ। ଯଦି ସବୁ ଦଳ ପରସ୍ପରଠାରୁ ସମଦୂରତା ନୀତି ଅବଲମ୍ବନ କରବେ ତେବେ କିଏ ସରକାର ଗଠନ କରିବ? ଓଡ଼ିଶାବାସୀ କଂଗ୍ରେସ ବିରୋଧରେ ରାୟ ଦେଲେ। ଏହା ସ୍ୱାଭାବିକ ଭାବେ ବିଜୁ ଜନତା ଦଳ ବିପକ୍ଷରେ ମଧ୍ୟ ଗଲା। ୨୦୨୪ ନିର୍ବାଚନରେ ବିଜେଡି ପରାଜିତ ହେବାର ଏହା ଥିଲା ପ୍ରମୁଖ କାରଣ। କିନ୍ତୁ ନିର୍ବାଚନରେ ପରାଜୟ ସତ୍ତ୍ୱେ ବିଜେଡି କିଛି ଶିକ୍ଷାଗ୍ରହଣ କଲା ନାହିଁ। ବରଂ ଏହା ଅଧିକ ଦ୍ୱନ୍ଦ୍ୱ ଭିତରକୁ ଠେଲି ହୋଇଯାଇଛି। ନିର୍ବାଚନରେ ପରାଜୟ ପରେ ବିଜେଡିରେ ଏକ ପ୍ରକାର ବିଦ୍ରୋହ ପରିସ୍ଥିତି ସୃଷ୍ଟି ହୋଇଛି। ଅନେକ ପ୍ରମୁଖ ନେତା ଓ କର୍ମୀ ଦଳ ଛାଡ଼ିଛନ୍ତି। କିଛି ନେତାଙ୍କୁ ଦଳରୁ ବହିଷ୍କାର କରାଯାଇଛି। ବିଜେଡିର ଅନେକ ପ୍ରତିଷ୍ଠାତା ସଭ୍ୟ ଏବଂ ଅନେକ ଅଣକଂଗ୍ରେସ ନେତା ଦଳରେ ଆଉ ନାହାଁନ୍ତି। ଯେଉଁ କଂଗ୍ରେସ ବିରୋଧରେ ବିଜେଡି ଗଠିତ ହୋଇଥିଲା, ସେହି ଦଳର ଅନେକ ନେତା ଏବେ ବିଜେଡିର ନେତା ସାଜିଛନ୍ତି। ଯେଉଁମାନେ ବିଜୁ ପଟ୍ଟନାୟକଙ୍କୁ ବିରୋଧ କରୁଥିଲେ, ସମାଲୋଚନା କରୁଥିଲେ, ତାଙ୍କ ପରାଜୟ ପାଇଁ କମା କରୁଥିଲେ, ସେମାନେ ଏବେ ବିଜେଡିରେ ଆଶ୍ରୟ ନେଇଛନ୍ତି। ସେମାନଙ୍କୁ ଆଶ୍ରୟ ଦେବା ନବୀନ ବାବୁଙ୍କର ଭୁଲ। ଏହା ହିଁ ବିଜେଡିର ପତନ ପାଇଁ ଦାୟୀ ହୋଇପାରେ।

# କୃଷ୍ଣ ହେଲେ କୃଷ୍ଣ ବୁଝି ହେବ

॥ ହେମନ୍ତ କୁମାର ପରିଡ଼ା ॥

> “ ଶ୍ରୀକୃଷ୍ଣଙ୍କ ଜନ୍ମ ଦିନକୁ ଜନ୍ମାଷ୍ଟମୀ ବୋଲି କୁହାଯାଏ। ଏହି ଆଠ ସଂଖ୍ୟା ସହିତ ଶ୍ରୀକୃଷ୍ଣଙ୍କର ଘନିଷ୍ଠ ସମ୍ପର୍କ ଥିବା ଅନୁଭୂତ ହୁଏ। ସେ ହେଲେ ମା ଦେବକୀଙ୍କ ଅଷ୍ଟମ ଗର୍ଭର ସନ୍ତାନ। କୁରୁକ୍ଷେତ୍ର ମହାସମରରେ ୧୮ ଅକ୍ଷୌହିଣୀ ସେନାଙ୍କ ଗହଣରେ ସେ ୧୮ ଦିନ ଧରି ଯୁଦ୍ଧ ଚଳାଇ ଥିଲେ। ସେ ସଖା ଅର୍ଜ୍ଜୁନଙ୍କୁ ଯୁଦ୍ଧ କ୍ଷେତ୍ରରେ ୧୮ ଅଧ୍ୟାୟ ବିଶିଷ୍ଟ ଗୀତା ଜ୍ଞାନ ଶୁଣାଇଥିଲେ। ୧୦୮ ହେଉଛି ଆଧ୍ୟାତ୍ମିକ ଜଗତର ଏକ ପ୍ରମୁଖ ସଂଖ୍ୟା। ଆଧ୍ୟାତ୍ମିକ ସାଧନା ପାଇଁ ୧୦୮ଥର ମାଳା ଜପ କରିବାକୁ କୁହାଯାଇଥାଏ। ଜପ ଆଧ୍ୟାତ୍ମିକ ଜୀବନର ଏକ ପ୍ରମୁଖ ସାଧନା। ଏହା ପରିପୂର୍ଣ୍ଣ ଜୀବନ ପାଇଁ ମାର୍ଗ ଦର୍ଶକା ଅଟେ। ଶ୍ରୀକୃଷ୍ଣଙ୍କର ଏହା ଶାଶ୍ୱତ ସନ୍ଦେଶ ଅଟେ।

ଭଗବାନ ସଚ୍ଚିଦାନନ୍ଦ ଯେତେବେଳେ ତାଙ୍କର ଲୀଳା କରିବା ପାଇଁ ଇଛା ଉତ୍ପନ୍ନ ହୁଏ ସେତେବେଳେ ସେ ସ୍ୱୟଂ ଜୀବ ରୂପରେ ଶରୀର ଧାରଣ କରିଥାଆନ୍ତି। ଲୀଳା ପାଇଁ ଲୀଳାସଙ୍ଗୀ ମାନଙ୍କର ଆବଶ୍ୟକତା ପଡ଼େ। ତେଣୁ ସେ ସାଥିରେ ଲୀଳା ସଙ୍ଗୀ ମାନଙ୍କୁ ନେଇ ଲୀଳା କରିବା ପାଇଁ ଆସିଥାଆନ୍ତି। ଏହି ଧରଣୀ ବକ୍ଷରେ ସେ ଅନେକବାର ଅବତାର ନେଇଛନ୍ତି। ଦ୍ୱାପର ଯୁଗର ଶେଷ ଭାଗରେ ଭଗବାନ ସ୍ୱୟଂ ଅବତାର ନେଇ ପ୍ରେମ ପୁରୁଷ ଶ୍ରୀକୃଷ୍ଣ ରୂପରେ ବିଶେଷ ଲୀଳା ପ୍ରକଟ କରିଥିଲେ। ସେ ଲୀଳା ଯେତିକି ମାର୍ମିକ ସେତିକି ଚିତାକର୍ଷକ। ପରିପୂର୍ଣ୍ଣତାର ପରିଭାଷା ଭଗବାନ ଶ୍ରୀକୃଷ୍ଣ ଲୀଳା ପୁରୁଷୋତ୍ତମ ଭାବରେ ପ୍ରସିଦ୍ଧ। ସେ ସ୍ୱୟଂ ସ୍ୱତନ୍ତ୍ର ପରିପୂର୍ଣ୍ଣ ଅଟନ୍ତି।

ଯେଉଁ ଦିନ ସେ ଆବିର୍ଭାବ ହୋଇଥିଲେ – ସେ ଦିନ ଥିଲା ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥି। ବର୍ଷା ମୁଖର ଘନ ଅନ୍ଧାର ରାତି। ମଥୁରା ଅଧିପତି ଦୁଷ୍ଟ କଂସ ରାଜାର ବନ୍ଦୀଶାଳାରେ ବସୁଦେବଙ୍କ ପତ୍ନୀ ମାତା ଦେବକୀଙ୍କ ଗର୍ଭରୁ ପରମ ପୁରୁଷ ପରମାତ୍ମା ସାକାର ରୂପରେ ସମ୍ଭୁତ ହୋଇଥିଲେ। ତାହା ସାରା ପୃଥିବୀ ପାଇଁ ପରମ ପବିତ୍ର ମୁହୂର୍ତ୍ତ ଥିଲା । ତାଙ୍କ ଜନ୍ମ ସମୟରେ ଅନେକ ଅଦ୍ଭୁତ ଓ ଅଲୌକିକ ଘଟଣାମାନ ଘଟିଲା। ବନ୍ଦୀ ପିତା ମାତାଙ୍କ ବେଡ଼ି ଖୋଲିଗଲା। ବନ୍ଦୀଗୃହ ଦିବ୍ୟ ଆଲୋକରେ ଉଦଭାସିତ ହୋଇ ଉଠିଲା। ଭଗବାନ ଆବିର୍ଭାବ ହୋଇ କହିଲେ ମୋତେ ନେଇ ଗୋପ ପୁରରେ ନନ୍ଦରାଜାଙ୍କ ରାଣୀ ଯଶୋଦାଙ୍କ କୋଳରେ ଛାଡ଼ି ଦେବ ଏବଂ ତାଙ୍କ ସଦ୍ୟଜାତ କନ୍ୟାକୁ ନେଇ ଆସିବ। ତାହାଥିଲା ଅପୂର୍ବ ସଂଯୋଗ। ବିଚିତ୍ର ଭାବରେ ସମସ୍ତ ବ୍ୟବସ୍ଥା ହୋଇଗଲା। ବନ୍ଦୀଶାଳାର ଦ୍ୱାର ଛାଏଁ ଛାଏଁ ଖୋଲିଗଲା। ଦ୍ୱାର ରକ୍ଷକ ଭାବେ ନିଯୁକ୍ତ କଂସଙ୍କ ପିତା ଉଗ୍ରସେନ ବ୍ୟତୀତ ସମସ୍ତ ପ୍ରହରୀ ଥିଲେ ନିଦ୍ରା ଗ୍ରସ୍ତ। ବନ୍ଦୀଶାଳରୁ ପ୍ରଭୁଙ୍କ ଯାତ୍ରା ଆରମ୍ଭ ହେଲା। ଲୋକ ସଂଗ୍ରହର ଯାତ୍ରା, ଲୀଳା ପ୍ରକଟର ଯାତ୍ରା, ପ୍ରେମ ବିତରଣର ଯାତ୍ରା। କଂସ ବନ୍ଦୀଶାଳାରୁ ବାସୁଦେବ କୃଷ୍ଣଙ୍କର ଏହି ଜୀବନ ଯାତ୍ରା ଆରମ୍ଭ।

ଦ୍ୱାର ଦେଶରେ ଭେଟ ହେଲେ ଉଗ୍ରସେନ। ପିତା ବାସୁଦେବ ସଦ୍ୟଜାତ ସନ୍ତାନକୁ ଶିର ଉପରେ ଧାରଣ କରିଛନ୍ତି। ସେହି ଝୁଡ଼ି ଭିତରୁ ଶ୍ରୀକୃଷ୍ଣ ଉଗ୍ରସେନଙ୍କୁ ଚତୁର୍ଭୁଜ ନାରାୟଣ ରୂପରେ ଦର୍ଶନ ଦେଲେ। ପଛରେ ବାସୁକି ନାଗ ଛତ୍ରୀ ଭାବରେ ଫଣା ଟେକି ବର୍ଷା ଦାଉରୁ ପ୍ରଭୁଙ୍କୁ ରକ୍ଷା କରୁଛନ୍ତି। ଉଗ୍ରସେନ ପ୍ରଭୁଙ୍କୁ ଦର୍ଶନ କରି କୃତକୃତ୍ୟ ହୋଇଗଲେ ଓ ପାଦ ତଳେ ପ୍ରଣାମ କରି ପଥ ଛାଡ଼ିଦେଲେ। ବିଜୁଳି ରାସ୍ତା ଦେଖାଇଲା। ଭରା ଯମୁନାର ଜଳ ଦୁଇ ଭାଗ ହୋଇ ନଦୀପାରି ହେବା ପାଇଁ ରାସ୍ତା ଦେଇଦେଲା। ବସୁଦେବ ପୁତ୍ରକୁ ନେଇ ନନ୍ଦରାଜାଙ୍କ ଘରେ ପହଞ୍ଚିଗଲେ। ଦେଖିଲେ ସମସ୍ତେ ସୁପ୍ତ। ନନ୍ଦ ରାଣୀ ଯଶୋଦ ସଦ୍ୟ କନ୍ୟାଟିଏ ପ୍ରସବ କରି ଅଚେତ। ବସୁଦେବ ଯଶୋଦାଙ୍କ କୋଳରେ ପୁତ୍ରକୁ ଥୋଇ ଦେଇ ତାଙ୍କ କନ୍ୟାକୁ ଧରି ମଥୁରା ଫେରି ଆସିଲେ। ଏକ ଅଦେଖା ଇଙ୍ଗିତରେ ସତେ ଅବା ସବୁକାର୍ଯ୍ୟ ସଠିକ ଭାବେ ସଙ୍ଗଠିତ ହୋଇଗଲା। ସେ କନ୍ୟା ଥିଲେ ସ୍ୱୟଂ ଯୋଗମାୟା। ଯୋଗେଶ୍ୱର କୃଷ୍ଣଙ୍କ ଲୀଳା ସଙ୍ଗୀ ଭାବେ ଯୋଗିନୀ ଯୋଗମାୟା ତାଙ୍କ ନିର୍ଦ୍ଦେଶରେ ଯାଇ ଯଶୋଦାଙ୍କ ଗର୍ଭରେ ଜନ୍ମ ଗ୍ରହଣ କରିଥିଲେ। ଭାଦ୍ରବ କୃଷ୍ଣ ଅଷ୍ଟମୀ ଏକାଧାରାରେ ଯୋଗେଶ୍ୱର ଶ୍ରୀକୃଷ୍ଣ ଓ ଯୋଗମାୟାଙ୍କ ଜନ୍ମଦିନ ଅଟେ।

କୃଷ୍ଣଙ୍କୁ ନେଇ ସନାତନ ଶାସ୍ତ୍ର ପୁରାଣ ବହୁ ଭାବେ ଋଦ୍ଧିମନ୍ତ। କୃଷ୍ଣ କିଏ? ଶାସ୍ତ୍ରରେ କୁହାଯାଇଛି – ‘କର୍ଷତି ଇତି କୃଷ୍ଣ’। ଯାହାଙ୍କ ଆକର୍ଷଣରେ ସାରା ସୃଷ୍ଟି ଆକର୍ଷିତ ସେ ହେଲେ କୃଷ୍ଣ। ବ୍ୟବହାର ଜଗତରେ ଶ୍ରୀକୃଷ୍ଣଙ୍କ ଚରିତ୍ରର ଅନୁଶୀଳନ ଅଦ୍ଭୁତ ହିଁ ଅଦ୍ଭୁତ ଅଟେ। ସୃଷ୍ଟିକୁ ପ୍ରେମର ପ୍ଲାବନରେ ଅବଗାହିତ କରିବା ପାଇଁ ଭଗବାନ ଶ୍ରୀକୃଷ୍ଣ ରୂପରେ ଅବତୀର୍ଣ୍ଣ ହୋଇଥିଲେ। ପ୍ରେମ ଶିକ୍ଷାର ଦୀକ୍ଷା ଧାରଣ କରି ତାଙ୍କର ଧରାବତରଣ। ସେ ଏକମାତ୍ର ଦେବତା ଯାହାଙ୍କୁ ଦେଖିଲେ ଶ୍ରଦ୍ଧା ପ୍ରେମରେ ହୃଦୟରୁ ଝରିଆସେ ‘ତୁ’ ‘ତୋର’ ‘ଆରେ ଧନରେ’ ଭଳି ସବୁଠାରୁ ଆପଣାର ଶବ୍ଦ। ସେହିଥି ପାଇଁ ସେ ପ୍ରେମର ଠାକୁର କାହ୍ନା, କାହ୍ନୁ କାଳିଆ ଏହିଭଳି କେତେ କଣ ହୃଦୟ ଭରା ସମ୍ବୋଧନ। ତାଙ୍କ ଲୀଳାକ୍ଷେତ୍ର ବୃନ୍ଦାବନ ପ୍ରେମଭୂମି ଭାବରେ ସମସ୍ତଙ୍କର ପ୍ରିୟ। ସେ ପ୍ରେମ ଭୂମିରେ ପାଦ ଦେଲେ ହୃଦୟ ପ୍ରେମପୂର୍ଣ୍ଣ ହୋଇଯାଏ। ସେହି ଭୂମିରେ ଭକ୍ତିମାତାଙ୍କ ସହିତ ଜ୍ଞାନ ବୈରାଗ୍ୟ ପୁତ୍ରରୂପ ହୋଇ ଲୀଳା କରୁଛନ୍ତି। ସେ ଭୂମିରେ ନିବାସ ପାଇଁ ବଡ଼ ବଡ଼ ଦେବତାମାନେ ମଧ୍ୟ ମନ ବଳାଇ ଥାଆନ୍ତି।

ଶ୍ରୀକୃଷ୍ଣଙ୍କ ଜନ୍ମ ଦିନକୁ ଜନ୍ମାଷ୍ଟମୀ ବୋଲି କୁହାଯାଏ। ଏହି ଆଠ ସଂଖ୍ୟା ସହିତ ଶ୍ରୀକୃଷ୍ଣଙ୍କର ଘନିଷ୍ଠ ସମ୍ପର୍କ ଥିବା ଅନୁଭୂତ ହୁଏ। ସେ ହେଲେ ମା ଦେବକୀଙ୍କ ଅଷ୍ଟମ ଗର୍ଭର ସନ୍ତାନ। କୁରୁକ୍ଷେତ୍ର ମହାସମରରେ ୧୮ ଅକ୍ଷୌହିଣୀ ସେନାଙ୍କ ଗହଣରେ ସେ ୧୮ ଦିନ ଧରି ଯୁଦ୍ଧ ଚଳାଇ ଥିଲେ। ସେ ସଖା ଅର୍ଜ୍ଜୁନଙ୍କୁ ଯୁଦ୍ଧ କ୍ଷେତ୍ରରେ ୧୮ ଅଧ୍ୟାୟ ବିଶିଷ୍ଟ ଗୀତା ଜ୍ଞାନ ଶୁଣାଇଥିଲେ। ୧୦୮ ହେଉଛି ଆଧ୍ୟାତ୍ମିକ ଜଗତର ଏକ ପ୍ରମୁଖ ସଂଖ୍ୟା। ଆଧ୍ୟାତ୍ମିକ ସାଧନା ପାଇଁ ୧୦୮ଥର ମାଳା ଜପ କରିବାକୁ କୁହାଯାଇଥାଏ। ଜପ ଆଧ୍ୟାତ୍ମିକ ଜୀବନର ଏକ ପ୍ରମୁଖ ସାଧନା। ଏହା ପରିପୂର୍ଣ୍ଣ ଜୀବନ ପାଇଁ ମାର୍ଗ ଦର୍ଶକା ଅଟେ। ଶ୍ରୀକୃଷ୍ଣଙ୍କର ଏହା ଶାଶ୍ୱତ ସନ୍ଦେଶ ଅଟେ। ଶ୍ରୀକୃଷ୍ଣଙ୍କୁ ବନ୍ଦନା କରି ଆମେ କହିଥାଉ ‘କୃଷ୍ଣସ୍ତୁ ଭଗବାନ ସ୍ୱୟଂ’। କିନ୍ତୁ ମାନବୀୟ ଦୃଷ୍ଟିକୋଣରୁ କୃଷ୍ଣଙ୍କ ଜୀବନର ପର୍ଯ୍ୟାଲୋଚନା କଲେ ଜଣାଯାଏ ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ଯେତେ ଯେତେ ଦୁଃଖ ତାଙ୍କ ଜୀବନ ଦେଇ ବହି ଯାଇଛି ତାହା ପ୍ରତ୍ୟେକ ମଣିଷକୁ ବ୍ୟଥିତ କରିବ। ଲାଗିବ ସତେ ଅବା ଯନ୍ତ୍ରଣାର ଅନ୍ୟନାମ ହେଉଛନ୍ତି କୃଷ୍ଣ। ଜନ୍ମ ହେଲେ ବନ୍ଦୀଶାଳାରେ। ଜନ୍ମ ହେଉ ହେଉ ପିତାମାତାଙ୍କ ଠାରୁ ବିଚ୍ଛେଦ। କେତେ କେତେ ଘାତ ପ୍ରତିଘାତ, ପ୍ରତିମୁହୂର୍ତ୍ତରେ ତାଙ୍କ ଜୀବନ ପ୍ରତି ବିପଦ। ସେ ଯେତେବେଳେ ମାତ୍ର ତିନି ଦିନର ଶିଶୁ ସେତେବେଳେ ପୁତନାର ଭୟ, ସ୍ତନରେ ବିଷ ଦେଇ ଶିଶୁ ହତ୍ୟାର ଉଦ୍ୟମ, ସେବେ ଠାରୁ ଭୟଙ୍କର ରାକ୍ଷସ ରାକ୍ଷସୀ ମାନଙ୍କ ଆକ୍ରମଣ ଲାଗି ରହିଲା। କିଶୋର ବେଳେ ଖେଳ ସାଥିଙ୍କ ଠାରୁ ବିଚ୍ଛେଦ, ପ୍ରିୟ ପିତା ମାତାଙ୍କ ଠାରୁ ବିଚ୍ଛେଦ। ଜରାସନ୍ଧ ଭୟରେ ଆପଣା ରାଜ୍ୟ ତ୍ୟାଗକରି ସମୁଦ୍ର ଭିତରେ ରାଜଧାନୀ ସ୍ଥାପନା। ଘର ସଂସାର କରି ବିରାଟ ଯାଦବ ବଂଶ ପ୍ରତିଷ୍ଠା କଲେ। ସମୟ କ୍ରମେ ନିଜ ହାତରେ ପ୍ରତିଷ୍ଠିତ ଆପଣା ପରିବାରଙ୍କୁ ଧ୍ୱଂସ କରିଦେଇ ନିଜେ ମଧ୍ୟ ଜରା ଶବର ହାତରେ ନିହତ ହୋଇଗଲେ। ଧର୍ମ ରକ୍ଷା ପାଇଁ କର୍ତ୍ତବ୍ୟ କରିବାରେ ସେ ସଦା ତତ୍ପର। ସର୍ବ ସମର୍ଥ ହୋଇ ମଧ୍ୟ ବେଳେ ବେଳେ ଅସହାୟତାର ଅଭିନୟ କରିଥାନ୍ତି। ଧର୍ମରକ୍ଷା, ସତ୍ୟ ପ୍ରତିଷ୍ଠା ସହିତ ସମାଜ ସୁରକ୍ଷା ପାଇଁ ଅନେକ ସମୟରେ ସେ ଅସହାୟତାର ସମ୍ମୁଖୀନ ହୋଇଛନ୍ତି। ଅଭିଶାପର ଶିକାର ହୋଇଛନ୍ତି, ସବୁ ଅଭିଶାପକୁ ସ୍ୱୀକାର ମଧ୍ୟ କରିଛନ୍ତି। ହସି ହସି ସବୁ ବିଷକୁ ଗ୍ରହଣ କରି ନେଇଛନ୍ତି। ସେ କାହାର ନୁହଁନ୍ତି, ପୁଣି ସମସ୍ତଙ୍କର। ଯେଉଁଠି ସତ୍ୟ, ଯେଉଁଠି ନ୍ୟାୟ, ଯେଉଁଠି ଶରଳତା, ନିଷ୍କପଟତା ସେ ସେଇଠି, ସେହିମାନଙ୍କ ପାଖରେ ସେ ସର୍ବଦା ରହିଛନ୍ତି। ଅନ୍ୟାୟ ପାଖରେ ନ୍ୟାୟର ଧର୍ମ ଧାରଣ କରି ସେ ଉଭା ହୋଇଛନ୍ତି। କାମନା, ଶୂନ୍ୟ ନିସ୍ପୃହ ନିରହଙ୍କାରୀ ଯୋଗୀ ସମ୍ପୂର୍ଣ୍ଣ ନିରପେକ୍ଷ ସମସ୍ତ ଐଶ୍ୱର୍ଯ୍ୟର ସେ ଅଧିକାରୀ। ଷଡ଼ ଐଶ୍ୱର୍ଯ୍ୟର ଅଧିକାରୀ ହୋଇଥିବାରୁ ସେ ସ୍ୱୟଂ ଭଗବାନ। ସୌନ୍ଦର୍ଯ୍ୟ, ମାଧୁର୍ଯ୍ୟ, ତ୍ୟାଗ, ତିତିକ୍ଷା ସେ ପ୍ରତିଭୂ ଅଟନ୍ତି। ସମସ୍ତ ଐଶ୍ୱର୍ଯ୍ୟ ଭିତରେ ଥାଇ ମଧ୍ୟ ସେ ଅତ୍ୟନ୍ତ ଅସଙ୍ଗ ନିସଙ୍ଗ। ପିତା, ପୁତ୍ର, ପରିବାର ବନ୍ଧୁ ପରିଜନ ସେ ସବୁ କାହାର ନୁହଁନ୍ତି। ତାଙ୍କର ପ୍ରିୟ ଅପ୍ରିୟ ପାଖରେ ନାହିଁ, ସମସ୍ତେ ନିଜର। ସେ କେବଳ ନିରଭିମାନ ନିରହଂକାରୀ ସତ୍ୟନିଷ୍ଠ ସମର୍ପିତ ଭକ୍ତର। ଗୋ ବ୍ରାହ୍ମଣ ହିତ ପାଇଁ ସାଧୁ ସନ୍ଥଙ୍କ ସୁରକ୍ଷା ପାଇଁ ଦୁଷ୍ଟ ନିବାରଣ ପାଇଁ, ଧର୍ମ ପ୍ରତିଷ୍ଠା ପାଇଁ ତାଙ୍କର ଅବତାର। ଯିଏ ଯେପରି ଡାକିଛି ସେ ସେପରି ତାଙ୍କର ସହାୟତା ଦେଇଛନ୍ତି। ସେ ଅଚ୍ୟୁତ ଅନନ୍ତ ହେଲେ ମଧ୍ୟ ଭାବଗ୍ରାହୀ ଭାବେ ସମସ୍ତଙ୍କ ଅନ୍ତରବାସୀ ଭକ୍ତ ବତ୍ସଳ। ଶ୍ରୀମଦ୍ ଭଗବତ ଗୀତା ଶ୍ରୀକୃଷ୍ଣଙ୍କର ସାରା ମାନବ ସମାଜ ପାଇଁ ଅମୂଲ୍ୟ ସମ୍ପଦ। ବିଶ୍ୱ ପାଇଁ ଅତୁଳନୀୟ ଅନୁଦାନ। ଏହା ତାଙ୍କର ମୁଖ ନିସୃତ ବାଣୀ। ସେଥିରେ ସେ ଘୋଷଣା କରିଛନ୍ତି – ମୋର ଜନ୍ମ କର୍ମ ଦିବ୍ୟ। ଯିଏ ମୋତେ ତତ୍ତ୍ୱତଃ ଜାଣେ ସେ ମୋତେ ପ୍ରାପ୍ତ ହୁଏ। ଶ୍ରୀକୃଷ୍ଣ ସର୍ବ ରହସ୍ୟର ଆଗାର। ସର୍ବ ରହସ୍ୟ ପୁରୁଷୋତ୍ତମସ୍ୟ। ଜଣେ କୃଷ୍ଣଙ୍କୁ ବୁଝିଲେ କୃଷ୍ଣ ହୋଇଯିବ ଅନ୍ୟ ଅର୍ଥରେ କହିଲେ କୃଷ୍ଣ ହେଲେ କୃଷ୍ଣ ବୁଝି ହେବ। ଜନ୍ମାଷ୍ଟମୀରେ ସ୍ୱୟଂ ପରମାତ୍ମା ସାକାର ରୂପରେ ଅବତୀର୍ଣ୍ଣ ହୋଇ ସାରା ସୃଷ୍ଟିର ପରମ କଲ୍ୟାଣ ସାଧନ କରିଛନ୍ତି। ଆନନ୍ଦ ବର୍ଦ୍ଧନ କରିଛନ୍ତି, ସମସ୍ତଙ୍କୁ ଦିବ୍ୟ ଆନନ୍ଦରେ ଆକର୍ଷିତ କରିଛନ୍ତି। ସେ କହିଛନ୍ତି ସାରା ସୃଷ୍ଟି ମୋର ସ୍ୱରୂପ। ମୋର ପରମ ଦିବ୍ୟ ସଚ୍ଚିଦାନନ୍ଦ ଘନ ସ୍ୱରୂପରେ ପ୍ରତିଷ୍ଠିତ ହେବ। ପ୍ରତ୍ୟେକ ଜୀବର ପରମ କର୍ତ୍ତବ୍ୟ ଅଟେ। ବାସୁଦେବ ସର୍ବମ୍। ଆସ କୃଷ୍ଣଙ୍କୁ ବୁଝି କୃଷ୍ଣ ହୋଇ ଯିବା। କୃଷ୍ଣ ହେଲେ ଯାଇ କୃଷ୍ଣଙ୍କୁ ବୁଝିପାରିବା। ସକଳ ଦୁଃଖ, ଶୋକ ମଧ୍ୟରେ ଆନନ୍ଦର ଅନୁଭବ ପାଇଁ, ଶ୍ରୀକୃଷ୍ଣଙ୍କର ସକଳ ଅବସ୍ଥାରେ ଏ ଧରା ଧାମରେ ଅବତାର ଗ୍ରହଣ। ଶ୍ରୀକୃଷ୍ଣଙ୍କର ସକଳ ଅବସ୍ଥାରେ ମଧ୍ୟ ଶ୍ରୀକୃଷ୍ଣଙ୍କ ଅଧରର ମଧୁର ହସ ଲିଭି ନାହିଁ। ଏ ହେଉଛନ୍ତି କୃଷ୍ଣ, ବିରଳ ବ୍ୟକ୍ତିତ୍ୱ, କେବଳ ଆଉ ଜଣେ କୃଷ୍ଣ ତାହା ଅନୁଭବ କରିପାରିବ। ପବିତ୍ର ଜନ୍ମାଷ୍ଟମୀରେ ଏହା ଅନୁଚିନ୍ତା ହେଉ। କୃଷ୍ଣ ଚେତନାରେ ଆମେ ହଜିଯାଉ, ମଜିଯାଉ, କେବଳ ଆଉ ସ୍ୱୟଂ କୃଷ୍ଣ ହୋଇଯାଉ। ଏକାକାର ହୋଇଯାଉ। ଜୟ ଶ୍ରୀକୃଷ୍ଣ।

ମାଳତୀକୁଞ୍ଜ, ପ୍ଲଟ ନଂ.୫୨୬/ଡ଼ି, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ : ୮୭୬୩୧୦୭୧୨୬

# ସୃଷ୍ଟିର ମହାନାୟକ ଏବଂ ମ୍ୟାନେମେଣ୍ଟ ଗୁରୁ ଶ୍ରୀକୃଷ୍ଣ

॥ ଗୋପାଳ ମହାପାତ୍ର ॥

ଭଗବାନ ଶ୍ରୀକୃଷ୍ଣ ଆମ ସଂସ୍କୃତିର ଜଣେ ଅଦ୍‌ଭୁତ ଏବଂ ବିଲକ୍ଷଣ ମହାନାୟକ ଏବଂ ମ୍ୟାନେଜମେଣ୍ଟ ପ୍ରବନ୍ଧନ ଗୁରୁମଧ୍ୟ ଚରିତ୍ର ଏକ ପ୍ରଭାବୀ ଏବଂ ସଫଳ ମ୍ୟାନେଜମେଣ୍ଟ ଗୁରୁଙ୍କର ସମସ୍ତ ଗୁଣ ଥିବା ଲୋକ ନାୟକଙ୍କ ଶ୍ରୀକୃଷ୍ଣଙ୍କ ଚରିତ୍ର ଅଟେ। ସେ ଶାସକ କିନ୍ତୁ କେବେ ତାଙ୍କୁ ରାଜା ଶ୍ରୀକୃଷ୍ଣ ଭାବେ ସମ୍ବୋଧିତ କରାଯାଏ ନାହିଁ। ସେ ତ ବ୍ରଜ ନନ୍ଦନ ଅଟନ୍ତି। କୁଶଳ ପ୍ରବନ୍ଧନର ଦକ୍ଷତା କାରଣରୁ ସମାଜ ଏବଂ ରାଷ୍ଟ୍ରବ୍ୟବସ୍ଥା ତାଙ୍କ ପାଇଁ କର୍ତ୍ତବ୍ୟ ଥିଲା, ଧର୍ମ ତାଙ୍କର ଆତ୍ମନିଷ୍ଠା ପାଳଟିଥିଲା। ସେ ପ୍ରବୃତ୍ତି ଏବଂ ନିବୃତ୍ତି ଉଭୟର ସଂଯୋଜନାରେ ସଚେତନ ଥିଲେ। ଶ୍ରୀକୃଷ୍ଣଙ୍କ ଆଦର୍ଶରେ ହିଁ ଦେଶ ଏବଂ ଦୁନିଆରେ ଶାନ୍ତି ସ୍ଥାପିତ କରିବାର ମାର୍ଗ ପ୍ରଶସ୍ତ ହୋଇପାରିବ। ଶ୍ରୀକୃଷ୍ଣଙ୍କ ପ୍ରବନ୍ଧନ ରହସ୍ୟକୁ ବୁଝିବା ପାଇଁ ତାଙ୍କର ଆଦର୍ଶ ରାଜନୀତି, ବ୍ୟବହାରିକ ଲୋକତନ୍ତ୍ର, ସାମାଜିକ ବ୍ୟବସ୍ଥା, ଏକାତ୍ମ ମାନବବାଦ ଏବଂ ଅନୁଶାସିତ ସୈନ୍ୟ ଏବଂ ଯୁଦ୍ଧ ସଂଚାଳିତ ବ୍ୟବସ୍ଥା ଜାଣିବାକୁ ପଡିବ। ରାଷ୍ଟ୍ରର ସର୍ବାଙ୍ଗୀନ ବିକାଶ ପାଇଁ କେଉଁ ପ୍ରକାରର ନୀତି ଏବଂ ନିୟମ ଆବଶ୍ୟକ ସେ ସବୁ ପ୍ରଶ୍ନର ଉତ୍ତର ଶ୍ରୀକୃଷ୍ଣଙ୍କ ପ୍ରଭାବୀ ପ୍ରବାନ୍ଧନ ସୁତ୍ରରୁ ମିଳିଥାଏ। ଶ୍ରୀକୃଷ୍ଣଙ୍କ ବ୍ୟକ୍ତିତ୍ୱ ଏବଂ କୃତୀତ୍ୱ ନେତୃତ୍ୱ ତଥା ପ୍ରବନ୍ଧନର ସମସ୍ତ ବିଶେଷତା ବହୁରଙ୍ଗୀ ଅର୍ଥାତ୍ ରାଜନୈତିକ କୌଶଳ, ବୁଦ୍ଧିମତା, ଚାତୁର୍ଯ୍ୟ, ଯୁଦ୍ଧନୀତି, ଆକର୍ଷଣ, ପ୍ରେମ ଭାବ, ଗୁରୁତ୍ୱ, ସୁଖ ଦୁଃଖ ଏବଂ ଆହୁରି ଅନେକ କିଛି।

ଜଣେ ଦେଶଭକ୍ତ ପାଇଁ ଶ୍ରୀକୃଷ୍ଣ ଭଗବାନ ତ ଅଟନ୍ତି ଏଥି ସହ ସେ ଜୀବନ ଜିଇଁବାର କଳା ଏବଂ ସଫଳ ନାଗରିକତା କଥା ମଧ୍ୟ ଶିଖାଇଛନ୍ତି। ସେ ନିଜର ବ୍ୟକ୍ତିତ୍ୱର ବିବିଧ ବିଶେଷତାର ଭାରତୀୟ ସଂସ୍କୃତିରେ ଉଚ୍ଚ ମହାପ୍ରବନ୍ଧକର ପଦ ପ୍ରାପ୍ତି କରିଥିଲେ। ଗୋଟିଏ ପକ୍ଷରେ ସେ ରାଜନୀତିର ଜ୍ଞାତା, ତ ଅନ୍ୟ ପକ୍ଷରେ ଦର୍ଶନର ପ୍ରକାଣ୍ଡ ପଣ୍ଡିତ ଥିଲେ। ଧାର୍ମିକ, ରାଜନୈତିକ ଏବଂ ସାମାଜିକ ଜଗତକୁ ମଧ୍ୟ ନେତୃତ୍ୱ ଦେଇଥିଲେ ତଥା ଜ୍ଞାନ-କର୍ମ- ଭକ୍ତିର ସମନ୍ୱୟବାଦୀ ଧର୍ମ ମଧ୍ୟ ପ୍ରବର୍ତ୍ତିତ କରିଥିଲେ। ନିଜର ଯୋଗ୍ୟତାର ଆଧାରରେ ସେ ଯୁଗପୁରୁଷ ଥିଲେ ଓ ପରବର୍ତ୍ତୀ ଅବସ୍ଥାରେ ଯୁଗାବତାର ଭାବେ ସ୍ୱୀକୃତ ହୋଇଥିଲେ। ଆମେ ତାଙ୍କୁ ଜଣେ ମହାନ କ୍ରାନ୍ତିକାରୀ ନାୟକ ଭାବେ ମନେ ରଖିଛେ। ସେ ଦାର୍ଶନିକ, ଚିନ୍ତକ, ଗୀତା ମାଧ୍ୟମରେ କର୍ମ ଏବଂ ସାଂଖ୍ୟଯୋଗର ସଂଦେଶବାହକ ଏପରିକି ମହାଭାରତ ଯୁଦ୍ଧରେ ନୀତି ନିର୍ଦ୍ଦେଶକ ଥିଲେ। କିନ୍ତୁ ସରଳ ନିଛଳ ବ୍ରଜବାସୀ ମାନଙ୍କ ପାଇଁ ସେ ଥିଲେ ରାସ ରଚେତା, ଲହୁଣୀ ଚୋର, ଗୋପୀମାନଙ୍କ ମାଠିଆ ଭାଙ୍ଗୁଥିବା ଦୁଷ୍ଟ କହ୍ନେଇ ଏବଂ ଗୋପୀମାନଙ୍କ ଚିତ୍ତଚୋର। ଗୀତାରେ ଏ ସବୁର ଭାବାଭିବ୍ୟକ୍ତି ରହିଛି – “ହେ ଅର୍ଜ୍ଜୁନ! ଯେଉଁ ଭକ୍ତ ମୋତେ ଯେଉଁ ଭାବନାରେ ଭଜିଥାଏ ମୁଁ ତାକୁ ସେଇ ପ୍ରକାର ଭଜିଥାଏ”। ଶ୍ରୀକୃଷ୍ଣଙ୍କ ଜୀବନ ଆଦର୍ଶକୁ ଯିଏ ଆତ୍ମସାତ କରି ପାରିବ ସେ ଜଣେ କୁଶଳ ପ୍ରବନ୍ଧିକ ଭାବେ ନିଜକୁ ପ୍ରଦର୍ଶିତ କରିପାରିବ।

ସଠିକ୍ ପ୍ରବନ୍ଧନ ବିନା କୌଣସି କାର୍ଯ୍ୟର ଶ୍ରେଷ୍ଠତମ ପରିମାଣ ମିଳିପାରେ ନାହିଁ। ଜୀବନର ପ୍ରତ୍ୟେକ କାର୍ଯ୍ୟରେ ସଫଳତା ପାଇଁ ସଠିକ୍ ପ୍ରବନ୍ଧନ ନିହାତି ଆବଶ୍ୟକ। ସାର୍ଥକ ଜୀବନ ପାଇଁ ମଧ୍ୟ ସଠିକ୍ ପ୍ରବନ୍ଧନ ଜରୁରୀ। ଶ୍ରୀକୃଷ୍ଣ ପ୍ରବନ୍ଧନ (ମ୍ୟାନେଜମେଣ୍ଟ) ଗୁରୁ ର ଭୂମିକା ନିର୍ବାହକରି ସଫଳ ଏବଂ ସାର୍ଥକ ଜୀବନ ଜିଇଁବାର ପ୍ରବନ୍ଧନ ସୁତ୍ରର ଶିକ୍ଷା ଦେଇଛନ୍ତି ଯାହା ସଂପୂର୍ଣ୍ଣ ମାନବ ଜାତିକୁ ପଥ – ପ୍ରଦର୍ଶନ କରୁଛି। ଶ୍ରୀକୃଷ୍ଣଙ୍କ ପ୍ରବନ୍ଧନ ନୀତିର ବିଶେଷତ୍ୱ ହେଉଛି ଯେ ତାଙ୍କ ଭାବନା ଏବଂ ବିବେକ ପରସ୍ପରର ପୂରକ ଥିଲେ। ପ୍ରବନ୍ଧନ ଗୁରୁ ଶ୍ରୀକୃଷ୍ଣଙ୍କ ବ୍ୟବହାରିକ କୌଶଳ ଥିଲା ଯେ ସର୍ବ ପ୍ରଥମେ ଅତ୍ୟାଚାରୀ କଂସକୁ ସେ ଆର୍ଥକ ପରେ ଦୁର୍ବଳ କରି ଦେଇଥିଲେ ଓ ପରେ ତାକୁ ବଧ କରି ଥିଲେ। ପୁରା ମହାଭାରତ ଯୁଦ୍ଧ ସମୟରେ ସେ କେବେ ଦୁଃଖିତ ହୋଇନଥିଲେ କିମ୍ବା ଅତ୍ୟଧିକ ଉତ୍ସାହିତ ମଧ୍ୟ ହୋଇ ନଥିଲେ। ଜଣେ ବ୍ୟକ୍ତି ମଧ୍ୟରେ ଅନେକ ଗୁଣ, ବିଶେଷତାଏବଂ କୌଶଳ 1 ସମାବେଶ ସେତେବେଳେ ହୋଇପାରେ ଯେତେବେଳେ ସେ ପ୍ରବନ୍ଧନରେ ଅଭିକ୍ଷତା ହାସଲ କରି ପାରିଥାନ୍ତି।

ଶ୍ରୀକୃଷ୍ଣ ଏମିତି ଏକ ଆଦର୍ଶ ଚରିତ୍ର ଯିଏ ଅର୍ଜୁନର ମାନସିକ ବ୍ୟଥାର ନିଦାନ କରିବା ସମୟରେ ଜଣେ ମନୋବୈଜ୍ଞାନିକ ଭାବେ ନିଜକୁ ପ୍ରତିପାଦିତ କରିଥିଲେ। କଂସକୁ ସଂହାର ବେଳେ ଜଣେ ଧର୍ମାବତାର ପାଲଟିଥିଲେ। ସ୍ୱାର୍ଥ ପୋଷିତ ରାଜନୀତିର ପ୍ରତିକାର କରି ଜଣେ ଆଦର୍ଶ ରାଜନୀତିଜ୍ଞ, ମୋହନ ବଂଶୀବଜାଇ ଜଣେ ଶ୍ରେଷ୍ଠ ସଙ୍ଗୀତଜ୍ଞ, ବ୍ରଜବାସୀଙ୍କ ଆଗରେ ପ୍ରେମାବତାର, ସୁଦାମା ଆଗରେ ଜଣେ ଆଦର୍ସ ବଂଧୁ ସୁଦର୍ଶନ ଚକ୍ରଧାରୀ ରୂପରେ ଜଣେ ଯୋଦ୍ଧା ଓ ସାମାଜିକ କ୍ରାନ୍ତିର ପ୍ରେରଣାଦାତା ଭାବେ ନିଜକୁ ପ୍ରତିପାଦିତ କରିଥିଲେ। ତାଙ୍କ ଜୀବନର ଅନେକ ଛୋଟ ଛୋଟ ଘଟଣା ମଧ୍ୟ ସମାଜ ପାଇଁ ପ୍ରେରଣାଦାୟୀ। ସେ ଥିଲେ ସର୍ବ ଏଶ୍ୱର୍ଯ୍ୟ ସମ୍ପନ୍ନ। ଧର୍ମର ସାକ୍ଷାତ୍ ମୂର୍ତ୍ତୀ, କୁଶଳ ରାଜନୈତିଜ୍ଞ ଥିଲେ ଶ୍ରୀକୃଷ୍ଣ। ସୃଷ୍ଟି ସଂଚାଳକ ରୂପରେ ସେ ଥିଲେ ଜଣେ ମହା ପ୍ରବନ୍ଧକ। ତାଙ୍କ ପ୍ରବନ୍ଧନର ମନ୍ତ୍ର ଅନୁସାରେ ଶ୍ରେଷ୍ଠ ବ୍ୟକ୍ତି ସର୍ବଦା ପଦବୀ ଏବଂ ଗାରିମା ଅନୁରୂପ ବ୍ୟବହାର ଓ ଆଚରଣ ପ୍ରଦର୍ଶନ କରିବା ଉଚିତ। କାରଣ ସେହି ବ୍ୟକ୍ତିମାନେ ଲୋକଙ୍କ ପାଇଁ ଆଦର୍ଶ ଅଟନ୍ତି। ସେମାନଙ୍କୁ ଲୋକ ଅନୁକରଣ କରିଥାନ୍ତି। କୁରୁକ୍ଷେତ୍ରର ଯୁଦ୍ଧଭୂମୀରେ ଭଗବାନ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଗୀତାର ଯେଉଁ ଉପଦେଶ ଦେଇଥିଲେ ତାହା ହେଉଛି ପ୍ରବନ୍ଧନ ବା ମ୍ୟାନେଜମେଣ୍ଟର ଅମରସୁକ୍ତ।

ମୋହବଶ ହୋଇଥିବା ଅର୍ଜୁନ ଯୁଦ୍ଧଭୂମୀରେ ଅସ୍ତ୍ର ତ୍ୟାଗ କରିଦେଇଥିଲେ। ସେତେବେଳେ ଗୀତାର ଉପଦେଶ ମାଧ୍ୟମରେ ଶ୍ରୀକୃଷ୍ଣ ତାଙ୍କୁ ଧର୍ମାନୁସାରେ କର୍ମ କରିବାରେ ପ୍ରେରଣା ଦେଇଥିଲେ। ଉପଦେଶ ମାଧ୍ୟମରେ ସେ ଅର୍ଜୁନଙ୍କୁ ପ୍ରବନ୍ଧନର ସୁତ୍ର ବୁଝାଇଥିଲେ। ଶ୍ରୀକୃଷ୍ଣଙ୍କ ଉପଦେଶ ଅନୁସାରେ ମନୁଷ୍ୟର ମନରେ ଯଦି କାମନା ଥାଏ ତାଙ୍କୁ କେବେ ସୁଖ ଶାନ୍ତି ମିଳି ନଥାଏ। ତେଣୁ ସୁଖ ଶାନ୍ତି ପାଇବାକୁ ହେଲେ କାମନାକୁ ତ୍ୟାଗ କରିବାକୁ ପଡିବ। ଆମେ କର୍ମକରିବାବେଳେ ତାର ଫଳ କ'ଣ ହେବ ସେକଥା ଭାବିଲେ ଆମେ ଦୁର୍ବଳ ହୋଇଯିବା। ଏଣୁ ଆମେ ପରିଣାମର କଥା ଚିନ୍ତା ନକରି ନିଜର କର୍ମ ପ୍ରତିଧ୍ୟାନ ଦେବା ଆବଶ୍ୟକ ଯାହା ଫଳରେ ଆମେ ଆମ କର୍ତ୍ତବ୍ୟର ପାଳନ କରି ପାରିବା ଓ ଏହା ହେଉଛି ପ୍ରବନ୍ଧନର ଆଦିସୁତ୍ର। ଶ୍ରୀକୃଷ୍ଣଙ୍କ ପ୍ରଶାସନିକ ଏବଂ ରାଜନୈତିକ ଚରିତ୍ର ଅତ୍ୟନ୍ତ ଆଲୌକିକ। ସେଥିରୁ ସମଗ୍ର ବିଚାର ଦର୍ଶନର ସଂକ୍ଷେପ ସଂଦେଶ ହେଉଛି- କର୍ମ। କର୍ମ ମାଧ୍ୟମରେ ହିଁ ସମାଜର ଅନିଷ୍ଟକାରୀ ପ୍ରବୃତ୍ତିକୁ ଦମନକରି ତା ସ୍ଥାନରେ ବରେଣ୍ୟ ପ୍ରବୃତ୍ତିକୁ ସ୍ଥାପନ କରାଯାଇପାରେ। ଶ୍ରୀକୃଷ୍ଣଙ୍କ ବ୍ୟକ୍ତିତ୍ୱ ଅସୀମ କରୁଣାରେ ପରିପୂର୍ଣ୍ଣ। କିନ୍ତୁ ଅନୀତି ଏବଂ ଅତ୍ୟାଚାରର ପ୍ରତିକାର କରିବା ଭଳି କଠୋର ବ୍ୟକ୍ତିତ୍ୱ ତାଙ୍କଠାରେ ମଧ୍ୟ ରହିଥିଲା। ଭକ୍ତଙ୍କ ପାଇଁ ଯାହାଙ୍କ ହୃଦୟ ତରଳିଯାଉଥିଲା ସେହି ଶ୍ରୀକୃଷ୍ଣ ଦଣ୍ଡ ଦେବା ପାଇଁ ଅତ୍ୟନ୍ତ କଠୋର ହୋଇଯାଉଥିଲେ। କେବେ ପ୍ରେମ କରିବା, କେବେ ଘୃଣା କରିବା, କେବେ କଠୋର ହେବା ଓ କେବେ ଦୟାବାନ ହେବା ସେ ସବୁ କଥା ଉଚିତ୍ ପ୍ରବନ୍ଧନରେ ହିଁ ସମ୍ଭବ। ନିଜର ଜନ୍ମଠାରୁ ଲୀଳା ସମାପ୍ତି ପୁରା ଅବତାର ସମୟ ମଧ୍ୟରେ ଶ୍ରୀକୃଷ୍ଣ ଅନେକ ସଂଘର୍ଷକୁ ଦେଖିଛନ୍ତି ଓ ସମାପ୍ତି କରିଛନ୍ତି। ପରିସ୍ଥିତିକୁ ଅନୁକୂଳ କରିବାର କଳା ହିଁ ତାଙ୍କ ପାଖରେ ଥିଲା। ତାଙ୍କ ଶିକ୍ଷା ମଧ୍ୟ ଉଚ୍ଚକୋଟୀର ଥିଲା ଯେଉଁଥିପାଇଁ ତାଙ୍କ ବ୍ୟକ୍ତିତ୍ୱର ରଚନାତ୍ମକ ବିକାଶ ଘଟିଥିଲା।

ରାମଚନ୍ଦ୍ରପୁର, ରଣପୁର
ମୋ -୯୪୩୮୪୮୫୦୯୪

# କୃଷ୍ଣସ୍ତୁ ଭଗବାନ ସ୍ୱୟଂ

॥ ପ୍ରଦୀପ କୁମାର ବିଶ୍ୱାଳ ॥

‘ଏତେ ଚାଂଶକଳାଃ ପୁଂସଃ କୃଷ୍ଣସ୍ତୁ ଭଗବାନ ସ୍ୱୟଂ, ଇନ୍ଦ୍ରାରି ବ୍ୟାକୁଳଂ ମୃଡୟନ୍ତି ଯୁଗେ ଯୁଗେ।’ ଶ୍ରୀମଦ୍ ଭାଗବତରେ କୁହାଯାଇଛି ‘କୃଷ୍ଣ ହିଁ ସ୍ୱୟଂ ଭଗବାନ’। ବ୍ରହ୍ମବୈବର୍ତ୍ତ ପୁରାଣରେ କୁହାଯାଇଛି କୃଷ୍ଣ ହେଉଛନ୍ତି ସର୍ବୋତ୍ତମ ଉତ୍ସ ଯେଉଁଥିରୁ ବ୍ରହ୍ମା, ବିଷ୍ଣୁ, ଶିବ ଓ ପ୍ରକୃତି ଉତ୍ପତି ହୋଇଥିଲେ। କୃଷ୍ଣ ହେଉଛନ୍ତି ସ୍ୱୟଂ ଭଗବାନ, ଅନ୍ୟ ଅବତାରମାନେ ତାଙ୍କର ଅଂଶବିଶେଷ। ଭଗବାନ ଶ୍ରୀକୃଷ୍ଣ ତାଙ୍କ ମୁଖ ନିସୃତ ଶ୍ରୀମଦ୍ ଭଗବଦ୍ ଗୀତାର ୪ର୍ଥ ଅଧ୍ୟାୟ ୭ମ ଓ ୮ମ ଶ୍ଳୋକରେ କହିଛନ୍ତି,

**‘ଯଦା ଯଦା ହି ଧର୍ମସ୍ୟ ଗ୍ଳାର୍ନିଭବତି ଭାରତ।
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍।।
ପରତ୍ରାଣାୟ ସାଧୁନାଂ ବିନାଶାୟ ଚ ଦୁଷ୍କୃତାମ୍
ଧର୍ମସଂସ୍ଥାପର୍ନାଥାୟ ସମ୍ଭବାମି ଯୁଗେ ଯୁଗେ।’**

ଅର୍ଥାତ୍-ଯେତେବେଳେ ଧରାପୃଷ୍ଠରେ ଧର୍ମର ଗ୍ଲାନି ହୋଇ ଅଧର୍ମର ପ୍ରାଦୁର୍ଭବ ବହୁଳ ଭାବେ ବୃଦ୍ଧିପାଏ ସେତେବେଳେ ମୁଁ ପ୍ରକଟ ହୋଇ ଦୁଷ୍ଟମାନଙ୍କୁ ବିନାଶ କରି ସାଧୁମାନଙ୍କୁ ରକ୍ଷାକରି ଧର୍ମର ପୁନଃ ସଂସ୍ଥାପନ କରିଥାଏ। ହିନ୍ଦୁମାନଙ୍କର ୧୨ ମାସରେ ୧୩ ପର୍ବ ପାଳନ କରାଯାଏ। ତନ୍ମଧ୍ୟରୁ ଜନ୍ମାଷ୍ଟମୀ ଅନ୍ୟତମ। ଚଳିତ ବର୍ଷ ଜନ୍ମାଷ୍ଟମୀ ବା ହରିଜନ୍ମ ଓଷା ତା ୨୬.୮.୨୦୨୪ରିଖ ସୋମବାର ଦିନ ପାଳନ କରାଯିବ। ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଏହାର କର୍ମକାଳ ପ୍ରାତଃ କାଳରୁ ଆରମ୍ଭ ହେଉଥିଲେ ମଧ୍ୟ ମୁଖ୍ୟ କର୍ମକାଳ ହେଉଛି ଅର୍ଦ୍ଧରାତ୍ର। ଅର୍ଦ୍ଧରାତ୍ର ଅର୍ଥାତ୍ ଦ୍ୱିଧା ବିଭକ୍ତ ରାତ୍ରିମାନରୁ ପ୍ରଥମାର୍ଦ୍ଧର ଶେଷ ଏକଦଣ୍ଡ ଓ ୨ୟାର୍ଦ୍ଧର ଆଦ୍ୟ ଏକଦଣ୍ଡ, ଏହି ଦୁଇଦଣ୍ଡକୁ ଅର୍ଦ୍ଧରାତ୍ର, ନିଶାର୍ଦ୍ଧ ବା ନିଶୀଥ କୁହାଯାଏ। ଏକ ଦଣ୍ଡ = ୨୪ ମିନିଟ୍। ଏହି ଦୁଇଦଣ୍ଡକୁ ଅର୍ଦ୍ଧରାତ୍ର, ନିଶାର୍ଦ୍ଧ ବା ନିଶୀଥ କୁହାଯାଏ। ରୋହିଣୀ ନକ୍ଷତ୍ରଯୁକ୍ତ ଜନ୍ମାଷ୍ଟମୀକୁ ଜୟନ୍ତୀ କୁହାଯାଏ। ଏଥିରେ ସୋମବାର କିମ୍ବା ବୁଧବାର ଯୋଗହେଲେ ଅତ୍ୟଧିକ ପୂଣ୍ୟଫଳ ପ୍ରଦାୟକ। ଯେଉଁବର୍ଷ ଅଷ୍ଟମୀ ତିଥିରେ ରୋହିଣୀ ନକ୍ଷତ୍ର ଯୋଗ ହୁଏ ନାହିଁ ତାକୁ କେବଳ ଜନ୍ମାଷ୍ଟମୀ କୁହାଯାଏ। ଚଳିତବର୍ଷ ଅର୍ଦ୍ଧରାତ୍ରରେ ଅଷ୍ଟମୀତିଥି ସୋମବାର ସହ ରେହିଣୀ ନକ୍ଷତ୍ର ଯୁକ୍ତ ହେଉଅଛି। ଏହାକୁ ଜୟନ୍ତୀ କୁହାଯାଏ, ଏହା ଅତ୍ୟନ୍ତ ପୂଣ୍ୟଫଂଳ ପ୍ରଦାୟକ। ଶ୍ରୀମଭାଗବତ୍ ୧୧ଶ ସ୍କନ୍ଦରୁ ଜଣାଯାଏ ଭଗବାନ ଶ୍ରୀକୃ ଲୋକଂ ଷ୍ଣ(ଶ୍ରୀହରି) ୧୨୫ ବର୍ଷ ଜୀବିତ ଥିଲେ। ସୁତରାଂ ତାଙ୍କର ଜନ୍ମ ଖ୍ରୀଷ୍ଟପୂର୍ବ ୩୧୦୧+୧୨୫=ଖ୍ରୀଷ୍ଟପୂର୍ବ ୩୨୨୬ରେ ହୋଇଥିଲା ଏବଂ ଚଳିତ ବର୍ଷ ୨୦୨୪ରେ ପାଳନ ହେବ ଶ୍ରୀକୃଷ୍ଣଙ୍କର ୫୨୫୦ତମ ଜନ୍ମତିଥି। ଦ୍ୱାପର ଯୁଗର ଶେଷ ସମୟରେ ପ୍ରବଳ ପ୍ରତାପୀ କଂସ, ଜରାସନ୍ଧ, ଶିଶୁପାଳ, ଦୁର୍ଯ୍ୟୋଧନ ଭଳି ସ୍ୱେଚ୍ଛାଚାରୀ ରାଜାମାନଙ୍କର ଦୌରାତ୍ମ୍ୟରୁ ସାଧୁଜନମାନଙ୍କୁ ରକ୍ଷା କରିବାପାଇଁ କଂସରାଜା ମଥୁରା ନଗରୀରେ ବନ୍ଦୀଶାଳାରେ ଭଗବାନ ବିଷ୍ଣୁ ଅଷ୍ଟମ ଅବତାର ରୁପେ ଭାଦ୍ରକୃଷ୍ଣ ଅଷ୍ଟମୀ ତିଥିରେ ଦେବକୀଙ୍କ ଅଷ୍ଟମ ଗର୍ଭରୁ ଜନ୍ମ ନେଇଥିଲେ।

ପ୍ରବଳ ପ୍ରତାପୀ କଂସର ପ୍ରକୋପରେ ପୃଥିବୀ ପ୍ରକମ୍ପିତ ହେଉଥାଏ। ଅତିଶୟ ଅନ୍ୟାୟ, ଅଧର୍ମ, ଅତ୍ୟାଚାର ଓ ଅନୀତିରେ ଅତିଷ୍ଠ ଭୁମଣ୍ଡଳ। ଭଗିନୀ ଦେବକୀ ଓ ଭିଣୋଇ ବସୁଦେବଙ୍କୁ ବିବାହପରେ ବିଦାୟ ଦେବା ସମୟରେ ଶୁନ୍ୟବାଣୀ ହେଲା ‘ଦେବକୀର ଅଷ୍ଟମଗର୍ଭ ସନ୍ତାନ ତୋର ବିନାଶ କରିବ’। ଶୁନ୍ୟବାଣୀରେ ଭୟଭୀତ କଂସ ଭଗିନୀ ଦେବକୀ ଓ ଭିଣୋଇ ବସୁଦେବଙ୍କୁ କାରାଗାରରେ ବନ୍ଦୀକରି ଦେବକୀଙ୍କର ସମସ୍ତ ସନ୍ତାନମାନଙ୍କୁ ନିଧନ କରିବାକୁ ନିଷ୍ପତ୍ତି ନେଲେ।

ଭାଦ୍ରକୃଷ୍ଣ ଅଷ୍ଟମୀ ମଧରାତ୍ର, ଦେବକୀଙ୍କର ଅଷ୍ଟମ ଗର୍ଭବେଦନା ଭେଦକରି ଭୁମିଷ୍ଠ ହୋଇଥିଲେ ଭଗବାନ ବାସୁଦେବ(କୃଷ୍ଣ)। ଦୁରାଚାରୀ କଂସର ପ୍ରହରାରତ ବନ୍ଦୀଶାଳାରୁ ପୁତ୍ର ବାସୁଦେବଙ୍କୁ ରକ୍ଷାକରିବା ପାଇଁ ପିତା ବସୁଦେବ ମୁଣ୍ଡଉପରେ ଝୁଡିମଧ୍ୟରେ ରଖି ବାହାରିଲେ ବନ୍ଧୁ ନନ୍ଦରାଜାଙ୍କ ଘରକୁ। ଚାରି ମେଘ ଆବର୍ତ୍ତକ, ସମ୍ବର୍ତ୍ତକ, ଦ୍ରୋଣ ଓ ପୁଷ୍କର ଏକାକାର ହୋଇ ପ୍ରଚଣ୍ଡ ବାଦଲ୍‌ଫଟା ବିଜୁଳି ଓ ବଜ୍ରଧ୍ୱନି ସହ ଭୀଷଣ ବର୍ଷା ହେଉଥାଏ। ସପ୍ତଫେଣୀ ଅନନ୍ତନାଗ ପ୍ରଭୁଙ୍କୁ ବର୍ଷାଦାଉରୁ ରକ୍ଷାକରିବା ପାଇଁ ବସୁଦେବଙ୍କ ଅଗୋଚରରେ ଛତାଭଳି ଘୋଡାଇ ଚାଲିଛନ୍ତି। ଏହି ସମୟରେ କଂସରାଜାଙ୍କ ଆଜ୍ଞାରେ ପିତା ଉଗ୍ରସେନ କର୍ତ୍ତବ୍ୟରତ ରାତ୍ରି ଜଗୁଆଳି ଭାବେ ବସୁଦେବଙ୍କ ପଥରୋଧ କରନ୍ତି। ଘୋର ଅନ୍ଧକାର ମଧ୍ୟରେ ବିଜୁଳିର ଝଲକ୍ ଆଲୋକରେ ଜ୍ୱାଇଁ ବସୁଦେବଙ୍କୁ ଜାଣିସାରିବା ପରେ ମଧ୍ୟ ଉଗ୍ରସେନ କର୍ତ୍ତବ୍ୟର ଅଙ୍ଗୀକାରବଦ୍ଧ ହୋଇ ବାଟ ଓଗାଳିଛନ୍ତି। ବସୁଦେବ ଦଣ୍ଡବତ ହୋଇ ଯେତେ ନେହୁରା ହେଲେ ମଧ୍ୟ ଉଗ୍ରସେନ ନଛୋଡ ବନ୍ଧା। ଏହାପରେ ଭଗବାନ କୃଷ୍ଣ ଭକ୍ତ ଉଗ୍ରସେନଙ୍କୁ ତାଙ୍କର ଚତୁର୍ଦ୍ଧାମୂର୍ତ୍ତିର ଦର୍ଶନ କରାଇଛନ୍ତି। ସେତେବେଳେ ଲମ୍ବହୋଇ ପଡିଲେ ଉଗ୍ରସେନ। ଶ୍ରୀକୃଷ୍ଣ ତାଙ୍କୁ ମଥୁରାନଗରୀର ଭବିଷ୍ୟତର ରାଜା ହେବାକୁ ପୁଷ୍ପମାଲ୍ୟ ପ୍ରଦାନ କଲେ। ଘନଘୋର ନିଶାରାତିରେ ଏକମାତ୍ର ବଂଶ ପ୍ରଦୀପକୁ ମୁଣ୍ଡଉପରେ ରଖି ବସୁଦେବ ପୂର୍ଣ୍ଣଗର୍ଭା ଯମୁନା ଭିତରକୁ ପାଦ ବଢାଇବାକୁ ସାହସ କରିପାରୁନଥିଲେ। ମାତ୍ର ତାଙ୍କୁ ମୁହୂର୍ତ୍ତକ ପାଇଁ ଆଶ୍ଚର୍ଯ୍ୟ କରିଦେଇ ଶ୍ରୀକୃଷ୍ଣଙ୍କ ଦିବ୍ୟ ଆର୍ଶିବାଦ ହେତୁ ପୂର୍ଣ୍ଣଗର୍ଭା ନଦୀଟି ବସୁଦେବଙ୍କୁ ବାଟ ଛାଡି ଦେଲା। ବନ୍ଧୁ ନନ୍ଦଙ୍କ ଘରେ ପହଞ୍ଚ ଯଶୋଦଙ୍କ କୋଳରେ ଭଗବାନ କୃଷ୍ଣଙ୍କୁ ଶୁଆଇଦେଇ ଠିକ୍ ଏହିସମୟରେ ସଦ୍ୟଜାତ ଯଶୋଦାଙ୍କ କନ୍ୟା ଯୋଗମାୟାଙ୍କୁ ଧରି ଫେରି ଆସିଲେ। ଏହାପରେ ଫିଟି ଯାଇଥିବା କବାଟ ପୂର୍ବବତ୍ ବନ୍ଦ ହୋଇ ଗଲା ଓ ହାତ ଓ ପାଦରେ ଶୃଙ୍ଖଳ ପଡିଗଲା।



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା





## ସହୀଦ ଦିବସ ଉପଲକ୍ଷେ ଆଲୋଚନା ଚକ୍ର - 'ସାମ୍ବିଧାନିକ ଅଧିକାର ଓ ସ୍ୱାଧୀନତା ବିପନ୍ନ' ଅନୁଷ୍ଠିତ



ଜଳେଶ୍ୱର, (ମହାଭାରତ): ୧୯୪୩ ମସିହା ଅକ୍ଟୋବର ମାସରେ ପଡ଼ିଥିବା ଦୁର୍ଭିକ୍ଷ ଯୋଗୁଁ କ୍ଷୁଧାର ତାଡନାକୁ ସହି ନପାରି ଜଳେଶ୍ୱର ନିକଟବର୍ତ୍ତୀ ଲକ୍ଷ୍ମଣନାଥ ସ୍ଥିତ ମହାମାୟା ଚାଉଳ ମିଲରେ ମହଜୁଦ ଭିଜା ଚାଉଳକୁ ଖାଇ ଜୀବନ ବଞ୍ଚାଇବାକୁ ସପନି ଜେନାଙ୍କ ନେତୃତ୍ୱରେ ଶହ ଶହ ଭୋକିଲା ମଣିଷ ସମବେତ ହୋଇଥିଲେ। ମାତ୍ର ମାଲିକର ନିଷ୍ଠୁରତା ଓ ବ୍ରିଟିଶର ବର୍ବରତାର ମହାସନ୍ଧି ଯୋଗୁଁ ପୋଲିସ ଯେଉଁ ଗୁଳି ଚଳାଇଥିଲା ସେହି ଗୁଳିରେ ସେଦିନ ସପନୀ ଜେନା ଟଳିପଡିଲା ଓ ଫମ୍ପା ହାଁସଦା ଆହତ ହୋଇଥିଲେ, ଯାହା ଜଳେଶ୍ୱର ଇତିହାସରେ କେବଳ ନୁହେଁ ଓଡ଼ିଶା ଇତିହାସରେ ଏକ ଦୁଃଖଦ ଓ ବିରଳ ଘଟଣା। ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଜଳେଶ୍ୱର ବୁଦ୍ଧିଜୀବି ଫୋରମ୍ ତରଫରୁ ଏହାକୁ ସହୀଦ ଦିବସ ଭାବରେ ପାଳନ କରାଯାଇଛି ।ଏହି ଉପଲକ୍ଷେ ଜଳେଶ୍ୱର ଜଗନ୍ନାଥ ଡିଗ୍ରୀ କଲେଜ ପରିସରରେ 'ସାମ୍ବିଧାନିକ ଅଧିକାର ଓ ବିପନ୍ନ ସ୍ୱାଧୀନତା' ଶୀର୍ଷକ ଆଲୋଚନାଚକ୍ର ଫୋରମର ସ୍ଥାୟୀ ସଭାପତି ସମାଜସେବୀ ଦିଲ୍ଲୀପ କୁମାର ଗିରିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।ଏହି ଆଲୋଚନା ଚକ୍ରରେ ସପନୀ ଜେନାଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯିବା ସହିତ ସମ୍ପ୍ରତି ଭାରତବର୍ଷରେ ନାଗରିକଙ୍କ ମୌଳିକ ଅଧିକାର ଉପରେ କେମିତି କୁଠାର ଘାତ ହେଉଛି ଏବଂ ବହୁ ଲୋକଙ୍କ ଆତ୍ମ ବଳିଦାନ ମାଧ୍ୟମରେ ଲବ୍ଧ ସ୍ୱାଧୀନତା ଆଜି କେମିତି ବିପନ୍ନ ସେ ସମ୍ପର୍କରେ ଆଲୋଚନା କରିଥିଲେ ପୂର୍ବତନ ଅଧ୍ୟକ୍ଷ ତଥା ବିଶିଷ୍ଟ ଗବେଷକ ଡକ୍ଟର ଶ୍ରୀକାନ୍ତ ଚରଣ ପାତ୍ର ।ଏହି ଆଲୋଚନା ଚକ୍ରରେ ଯୋଗଦେଇ ବିଶିଷ୍ଟ ବାମପନ୍ଥୀ ନେତା ସୀତାଂଶୁ ସେନାପତି କହିଥିଲେ ଯେ ସେତେବେଳର ଶୋଷଣ ଆଜିବି ସମାଜରୁ ଲୋପ ପାଇନାହିଁ। ବରଂ ଆହୁରି ଉତ୍କଟ ହୋଇଛି। ସେଦିନ ସପନୀ ଜେନାର ଯେମିତି ବଞ୍ଚିବାର ଅଧିକାର ନଥିଲା ସ୍ୱାଧୀନତାର ୭୯ ବର୍ଷ ପରେ ମଧ୍ୟ ଆଜି ବି ଲକ୍ଷ ଲକ୍ଷ ଲୋକ ଖାଦ୍ୟ, ବସ୍ତ୍ର, ଗୃହ,ଶିକ୍ଷା, ସ୍ୱାସ୍ଥ୍ୟ ଭଳି ମୌଳିକ ଅଧିକାର ପାଇବାରୁ ବଞ୍ଚିତ ।ଲୋକେ ଆମ ସମ୍ବିଧାନରେ ଲିପିବଦ୍ଧ ଅଧିକାର ଠାରୁ ବହୁ ଦୂରରେ। ଅନ୍ୟମାନଙ୍କ ମଧ୍ୟରେ ଡକ୍ଟର ଲଳିତ ରଞ୍ଜନ ସେନାପତି, ଶିକ୍ଷକ ନେତା ମନୋରଞ୍ଜନ ଦାସ ଡକ୍ଟର ଅଜିତ୍ କୁମାର ମହାନ୍ତି,ରାଜାରାମ କରଶର୍ମା, ଦୀପ୍ତିମାନ ଆଚାର୍ଯ୍ୟ,ସୁନୀଲ ଗିରି, କାଳିଚରଣ ପୁଷ୍ଟି,ଶରତ ଚନ୍ଦ୍ର ପରିଡା, ନିତ୍ୟାନନ୍ଦ ଦାସ, ପ୍ରକାଶ ଦେ,ଜୀବନ ପରିଡ଼ା, ପଲ୍‌ଟୁ ଦାସ, ନିତ୍ୟାନନ୍ଦ ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ। ଜଗନ୍ନାଥ ଡିଗ୍ରୀ କଲେଜର ଅଧ୍ୟକ୍ଷ ସରୋଜ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧ୍ୟାପିକା ମୋନାଲିସା ଚନ୍ଦ ମଞ୍ଚ ଆହ୍ୱାନ କରିଥିଲେ। ମହାବିଦ୍ୟାଳୟର ଅଧ୍ୟାପକ ନିରଞ୍ଜନ ପରିଡ଼ା, ଆଶୁତୋଷ ପାତ୍ର, ଅଧ୍ୟାପିକା ପୂର୍ଣ୍ଣିମା ପାତ୍ର ,ମିଲୁ ପ୍ରଧାନ ପ୍ରମୁଖ କାର୍ଯ୍ୟକ୍ରମ କୁ ପରିଚାଳନା କରିଥିଲେ। ଶତାଧିକ ଛାତ୍ରଛାତ୍ରୀ ଏହି ସଭାରେ ଯୋଗ ଦେଇଥିଲେ।

## ହ୍ୱାଇ ଆଇ ଷ୍ଟାଣ୍ଡ ଫର ମିଟିଂ ଶେଷ



ବାଲିଆପାଳ,(ମହାଭାରତ) : ଛାତ୍ର ସଂସଦ ନିର୍ବାଚନ ପ୍ରଚାରର ଶେଷ ପର୍ଯ୍ୟାୟ ବୁଧବାର ବାଲିଆପାଳ ବ୍ଲକର ପ୍ରମୁଖ ମହାବିଦ୍ୟାଳୟ ସୁବର୍ଣରେଖା ମହାବିଦ୍ୟାଳୟ ଦେଭୋଗ, ବାଲିଆପାଳ ଓ କୃଷ୍ଣ ଚନ୍ଦ୍ର ପି ପିଲି ମହାବିଦ୍ୟାଳୟ ଜଗାଇରେ ହ୍ୱାଇ ଆଇ ଷ୍ଟାଣ୍ଡ ଫର ମିଟିଂ ଶେଷ ହୋଇ ଯାଇଛି। ଏହି ବୈଠକର ତିନି ଦଳର ପ୍ରତିଦ୍ୱନ୍ଦୀ ମନେ ଯୋଗ ଦେଇ ସେମାନେ ନିର୍ବାଚନରେ ଜିତିଲା ପରେ ମହାବିଦ୍ୟାଳୟ ରେ କଣ ସବୁ ଉନ୍ନତି ମୂଳକ କାର୍ଯ୍ୟ କରି ବେ ସେ ବିଷୟ ରେ ବକ୍ତବ୍ୟ ରଖି ଥିଲେ। ଏହି ଅବସର ରେ ଉଭୟ ମହାବିଦ୍ୟାଳୟରେ ଛାତ୍ର ସଂସଦ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରୁଥିବା ପ୍ରାର୍ଥି ନିଜ ନିଜର ସମର୍ଥକ ଙ୍କ ସହିତ ବିଭିନ୍ନ ସ୍ଥାନରୁ ଶୋଭାଯାତ୍ରା ରେ ବାହାରି ମହାବିଦ୍ୟାଳୟ ପରିସର ରେ ଅନୁଷ୍ଠିତ ହେବାକୁ ଥିବା ବୈଠକ ସ୍ଥଳରେ ପହଞ୍ଚି ଥିଲେ। ଏବିଭିପି ପକ୍ଷରୁ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ରେ ଅନୁଷ୍ଠିତ ଶୋଭାଯାତ୍ରା ଖୁବ ଧୁମ ଧାମ ରେ ହୋଇଥିଲା। ଏଥିରେ ପ୍ରାର୍ଥୀଙ୍କ ସମର୍ଥକ, ଭାଜପା ଦଳର ନେତା, କର୍ମୀ ଓ ଶୁଭେଚ୍ଛୁ ମାନେ ବାଜାବଜାଇ ନାଚି ନାଚି ଶୋଭାଯାତ୍ରା ରେ ବାହାରି ମହାବିଦ୍ୟାଳୟ ସମ୍ମୁଖରେ ପହଂଚି ଥିଲେ । ଭୋଟର ଙ୍କୁ ଆକୃଷ୍ଟ କାରିବା ଏବିଭିପି ପକ୍ଷରୁ ଚଳଚ୍ଚିତ୍ର ଅଭିନେତା ଷ୍ଟାର କେମ୍ପେନର ସୁରାଜ ବାରିକ ଏହି ଶୋଭାଯାତ୍ରାରେ ଯୋଗ ଦେଇ ସୁବର୍ଣ୍ଣରେଖା ମହାବିଦ୍ୟାଳୟର ଛାତ୍ର ସାଂସଦ ନିର୍ବାଚନରେ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ସମସ୍ତ ପ୍ରତିଦ୍ୱନ୍ଦୀ ଙ୍କୁ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। ନିରାପତ୍ତା କୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ମହାବିଦ୍ୟାଳୟ ରେ ବ୍ୟାପକ ପୋଲିସ ବ୍ୟବସ୍ଥା କରାଯାଇଥିବାର ଦେଖିବାକୁ ମିଳିଥିଲା। ଶାନ୍ତି ପୂର୍ଣ୍ଣ ଭାବରେ ହ୍ୱାଇ ଆଇ ଷ୍ଟାଣ୍ଡ ଫର ମିଟିଂ ଶେଷ ହୋଇଥିଲା।

## ଛାତ୍ର ସଂସଦ ନିର୍ବାଚନ ପୂର୍ବରୁ ପ୍ରାର୍ଥୀଙ୍କ ଅଭିମତ ଉପସ୍ଥାପନ, ଆଜି ମତଦାନ



ବୁଗୁଡ଼ା, (ମହାଭାରତ): ବାଲିପଦର ଆଞ୍ଚଳିକ ବିଜ୍ଞାନ ଡିଗ୍ରୀ କଲେଜ ପରିସରରେ ଛାତ୍ର ସଂସଦ ନିର୍ବାଚନ ଉପଲକ୍ଷେ ' ମୁଁ କାହିଁକି ପ୍ରାର୍ଥୀ ହୋଇଛି' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ବିଭିନ୍ନ ପଦବୀ ପାଇଁ ପ୍ରାର୍ଥୀ ହୋଇଥିବା ଛାତ୍ରଛାତ୍ରୀ ମାନେ କଲେଜର ସାଧାରଣ ଛାତ୍ରଛାତ୍ରୀଙ୍କ ସମ୍ମୁଖରେ ନିଜ ନିଜର ମତ ରଖିବା ସହ କେଉଁ ଉଦ୍ଦେଶ୍ୟ ନେଇ ସେମାନେ ନିର୍ବାଚନରେ ପ୍ରାର୍ଥୀ ହୋଇଛନ୍ତି ଓ ଏହାର ଆବଶ୍ୟକତା କଣ, ସେ ସମ୍ପର୍କରେ ନିଜର ଅଭିମତ ଉପସ୍ଥାପନ କରିଥିଲେ। ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ ସଭାପତି ପଦବୀ ପାଇଁ ଶମ୍ଭୁ ପ୍ରଧାନ, ଉପସଭାପତି ପଦବୀ ପାଇଁ ଶଙ୍କର ବିଷୋୟୀ ଏବଂ ସାଧାରଣ ସମ୍ପାଦକ ପଦବୀ ପାଇଁ ସ୍ମିତା ରାଣୀ ଭୂୟାଁ ପ୍ରାର୍ଥୀ ହୋଇଛନ୍ତି। ଏହି ତିନି ପ୍ରାର୍ଥୀ '' ମୁଁ କାହିଁକି ପ୍ରାର୍ଥୀ ହୋଇଛି' କାର୍ଯ୍ୟକ୍ରମରେ ନିଜ ନିଜର ମତ ରଖିଛନ୍ତି। ଏଥିସହ ଏବିଭିପି ପକ୍ଷରୁ ମୋଟ ଛଅଟି ପଦବୀ ପାଇଁ ପ୍ରାର୍ଥୀ ଦିଆଯାଇଥିବା ବେଳେ ଅନ୍ୟ ତିନୋଟି ପଦବୀର ପ୍ରାର୍ଥୀମାନେ ନିର୍ଦ୍ୱନ୍ଦ୍ୱରେ ବିଜୟୀ ହୋଇଥିବା ଜଣାପଡ଼ିଛି ।ଏହି କାର୍ଯ୍ୟକ୍ରମ ଶେଷ ହେବା ପରେ ଆସନ୍ତାକାଲି ଛାତ୍ର ସଂସଦ ନିର୍ବାଚନରେ ମତଦାନ ହେବ। ନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ କଲେଜ ପକ୍ଷରୁ ଛାତ୍ରଛାତ୍ରୀ ମାନଙ୍କୁ ଅନୁରୋଧ କରାଯାଇଛି। ନିର୍ବାଚନ ସମୟରେ ଶୃଙ୍ଖଳା ବଜାୟ ରଖିବା ସହ ନିର୍ବାଚନ ପ୍ରକ୍ରିୟାକୁ ସୁଚାରୁରୂପେ ସମ୍ପନ୍ନ କରିବାରେ କୁହାଯାଇଛି।

## ଗଡଦାମୋଦର ପଲ୍ଲୀରେ ଶିଶୁ ମହୋତ୍ସବ ସୁରଭି

ଧରାକୋଟ, (ମହାଭାରତ): ମୁଣ୍ଡମରାଇ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି କାର୍ଯ୍ୟକ୍ରମ ନୂତନ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଗଡଦାମୋଦର ପଲି ପରିସରରେ ଅନୁଷ୍ଠିତ ହୋଇଯାଇଛି । ସି ଆର ସି ସି ପ୍ରମୋଦ କୁମାର ସେଠୀ ଙ୍କ ସଂଯୋଜନା ଓ ଶିକ୍ଷକ ବୁଲୁ ବେହେରା ଙ୍କ ପରିଚାଳନାରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥିଭାବେ ବି ଆର ସି ସି ସୌରୀ ଶଙ୍କର ବେହେରା, ଏ ବି ଇ ଓ ବିଭୁତି ଭୂଷଣ ପାତ୍ର , ଏସ ଏମ ସି ସଭାପତି ଗୀତାଞ୍ଜଳୀ ସାହୁ ଉପସ୍ଥିତ ରହିଥିବା ବେଳେ ପ୍ରଧାନଶିକ୍ଷୟିତ୍ରୀ ଶ୍ରୀମତୀ ଛାୟା ଦେବୀ ଏଥିରେ ସଭାପତିତ୍ୱ କରିଥିଲେ। ଉପସ୍ଥିତ ଅତିଥି ମାନେ ଛାତ୍ର ଛାତ୍ରୀ ମାନଙ୍କୁ ଶୃଙ୍ଖଳା , ଚରିତ୍ର ଗଠନ ଓ ଭଲ ପାଠ ପଢିବା ପାଇଁ ଉତ୍ସାହିତ କରିଥିଲେ । ଏହି ମହୋତ୍ସବ ରେ ରାଣୀ ପାର୍ବତୀ ପ୍ରାଥମିକ ବିଦ୍ୟାଳୟ, ଦେଓ ପାଟଣା ପ୍ରାଥମିକ ବିଦ୍ୟାଳୟ, ମୁଣ୍ଡମରାଇ ବାଳିକା ଉଚ୍ଚ ବିଦ୍ୟାଳୟ, ପୋଡ଼ାପଲି ପ୍ରାଥମିକ ବିଦ୍ୟାଳୟ, ଘୋଡାପଲି , ତାଳପାଟଣା। ପ୍ରାଥମିକ ବିଦ୍ୟାଳୟ ଓ ସୋମନାଥ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ



ର ପ୍ରାୟ ୨୫୦ ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ବିଚାରକ ଭାବରେ ବାହାରପୁର ସି ଆର ସି ସି ଅଜିତ କୁମାର ସାହୁ, ମଚ୍ଛାକୋଟ ସି ଆର ସି ସି ପ୍ରଭାତ କିରଣ ସାହୁ ଓ ଡ଼ଉଗାଁ ସି ଆର ସି ସି ଶର୍ମିଷ୍ଠା ପାତ୍ର ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ଏହି ଅବସରରେ ୫୦ ଜଣ ଛାତ୍ର ଛାତ୍ରୀ ଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶିକ୍ଷକ ପ୍ରଫୁଲ ବେହେରା,ନିରଞ୍ଜନ ପଟ୍ଟନାୟକ,ଶ୍ରୀମତୀ ନମିତା ଦାସ, ଦୀପ୍ତି ନାୟକ, ପ୍ରଭାତୀ କାମ୍ପ ପ୍ରମୁଖ ସହଯୋଗ ପ୍ରଦାନ କରିଥିଲେ। ଧରାକୋଟ ସି ଆର ସି ସି ଜଗନ୍ନାଥ ପଢ଼ିହାରି ଧନ୍ୟବାଦ ଅର୍ପଣ କରିଥିଲେ।

## ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ଦିବ୍ୟାଙ୍ଗ ସହାୟତା କାର୍ଯ୍ୟକ୍ରମ



ରାୟଗଡ଼, (ମହାଭାରତ) ରାୟଗଡ଼ ସ୍ଥିତ ଅଶୋକ କଲ୍ୟାଣ ମଣ୍ଡପଠାରେ ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ଏକ ଦିବ୍ୟାଙ୍ଗ ସହାୟତା କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ରବିନ୍ଦ୍ରନାଥ କହଁର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ରାୟଗଡ଼ ପୌର ପରିଷଦର ଉପାଧ୍ୟକ୍ଷା ଶ୍ରୀମତୀ ଶ୍ରମିତା ପାଢ଼ୀ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀମତୀ ଏଲିଜାବେଥ ଗରଡ଼ା, ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ଶ୍ରୀକାନ୍ତ କୁମାର ପାଣିଗ୍ରାହୀଙ୍କ ସମେତ ରାୟଗଡ଼ ଭିନ୍ନକ୍ଷମ ମହାସଂଘ ଓ ଓଡ଼ିଶା ବିକଳାଙ୍ଗ ମଞ୍ଚର ବିଭିନ୍ନ ପଦାଧିକାରୀ ଯୋଗ ଦେଇଥିଲେ। ଏହି ଅବସରରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ କହଁର ନିଜ ଅଭିଭାଷଣରେ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ କଲ୍ୟାଣ, ସାମାଜିକ ସୁରକ୍ଷା ଏବଂ ସରକାରୀ ଯୋଜନାର ସୁଫଳ ଯୋଗ୍ୟ ହିତାଧିକାରୀଙ୍କ ନିକଟରେ ପହଞ୍ଚାଇବାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପରେ ନୂତନ ଭାବେ ଯୋଗ୍ୟ ବିବେଚିତ ୨୫ ଜଣ ଦିବ୍ୟାଙ୍ଗ ହିତାଧିକାରୀଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ଏହି ପଦକ୍ଷେପ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କୁ ସାମାଜିକ ସୁରକ୍ଷା ଯୋଗାଇବା ସହ ସେମାନଙ୍କ ଜୀବନଧାରଣକୁ ଅଧିକ ସହଜ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରୟାସ। ଜିଲ୍ଲା ଓ ଉପଖଣ୍ଡ ସାମାଜିକ ସୁରକ୍ଷା ବିଭାଗର କର୍ମକର୍ତ୍ତାମାନଙ୍କ ସହଯୋଗରେ କାର୍ଯ୍ୟକ୍ରମଟି ସୁଚାରୁରୂପେ ସମ୍ପନ୍ନ ହୋଇଥିଲା।

## ନିଶ୍ଚିନ୍ତକୋଇଲି ସାହିତ୍ୟ ମହୋତ୍ସବରେ ଦାବି




ନିଶ୍ଚିନ୍ତକୋଇଲି, (ମହାଭାରତ): ଦ୍ୱିତୀୟ ଶ୍ରୀଚୈତନ୍ୟ କୀର୍ତ୍ତନଗୁରୁ ନାମାଚାର୍ଯ୍ୟ ଯଦୁମଣି ସ୍ୱାଇଁ ଓ ଭାନୁମତୀ ଦେବୀ ସ୍ମୃତି ସଂସଦ ତରଫରୁ 'ନିଶ୍ଚିନ୍ତକୋଇଲି ସାହିତ୍ୟ ମହୋତ୍ସବ' ଅବସରରେ ଦ୍ୱିତୀୟ ଚୈତନ୍ୟ ଯଦୁମଣି ସ୍ୱାଇଁଙ୍କ ୧୦୧ ତମ ଜୟନ୍ତୀ ପାଳନ ସାରଦୀୟ କବି ସମ୍ମିଳନୀ ଏବଂ କବିତା ପାଠୋତ୍ସବ। ତଥା 'ମାଳିକା ଗବେଷଣା ପ୍ରତିଷ୍ଠାନ' ର 'ମାଳିକା ରଚନା ଦିବସ' ପବିତ୍ର ମହାଳୟା ଦିନ ନିଶ୍ଚିନ୍ତକୋଇଲି ବଜାର କମିଟି ସଭାଗୃହରେ ଅନୁଷ୍ଠିତ ହୋଇ ଯାଇଛି। ନିଶ୍ଚିନ୍ତକୋଇଲି ସାହିତ୍ୟ ମହୋତ୍ସବର ପ୍ରତିଷ୍ଠାତା-ଅଧ୍ୟକ୍ଷ ତଥା ଆବାହକ ଇଂ ପ୍ରଫେସର ଡଃ ପ୍ରସନ୍ନ କୁମର ସ୍ୱାଇଁ (ପ୍ରସନ୍ନଜୀ)ଙ୍କ ଆବାହକତ୍ୱରେ ଉତ୍ସବ ଟି ତିନୋଟି ପର୍ଯ୍ୟାୟରେ ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମ ଅଧିବେଶନରେ ଦ୍ୱିତୀୟ ଚୈତନ୍ୟ କୀର୍ତ୍ତନ ଗୁରୁ ନାମାଚାର୍ଯ୍ୟ ଯଦୁମଣି ସ୍ୱାଇଁ ଙ୍କ ଜୀବନୀ, ସ୍ମୃତି-କୀର୍ତ୍ତି, ଚାରଣ ପର୍ଯ୍ୟାୟ ରେ ଶିକ୍ଷାବିତ ଫକୀର ଚରଣ ନାୟକ, ସଭାପତି, କବି ଶ୍ରୀଧର ଶେଖର ମହାପାତ୍ର 'ସଂପାଦକ ଉର୍ବୀ' ମୁଖ୍ୟ ଅତିଥି, ଶିକ୍ଷାବିତ ସାରଦା ମିଶ୍ର ସମ୍ମାନୀତ ଅତିଥି, ପ୍ରବଚକ ଶରତ ଚନ୍ଦ୍ର ରଥ ମୁଖ୍ୟ ବକ୍ତା, ଭାବେ ଯୋଗଦାନ କରି ଦ୍ୱିତୀୟ ଶ୍ରୀଚୈତନ୍ୟ କୀର୍ତ୍ତନଗୁରୁ ନାମାଚାର୍ଯ୍ୟ ଯଦୁମଣି ସ୍ୱାଇଁଙ୍କ ଦିବ୍ୟ ଜୀବନ ତଥା ସ୍ମୃତି-କୀର୍ତ୍ତି ବାବଦରେ ଅବଗତ କରାଇଥିଲେ। ଦ୍ୱିତୀୟ ପର୍ଯ୍ୟାୟ ଅଧିବେଶନରେ ସାରଦୀୟ କବି ସମ୍ମିଳନୀ ଓ ଦ୍ୱିତୀୟ ଚୈତନ୍ୟ ଯଦୁମଣି ସ୍ୱାଇଁଙ୍କ ସ୍ମୃତି-କୀର୍ତ୍ତି, ଜୀବନୀ, ସମ୍ମିଳିତ ରାଜ୍ୟ ସ୍ତରୀୟ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନରେ ସନ୍ଥ ବିଶ୍ୱନାଥ ମହାରାଜ ମୁଖ୍ୟ ଅତିଥି, ସମାଜସେବୀ ଭାସ୍କର ଚନ୍ଦ୍ର ବେହେରା ସମ୍ମାନିତ ଅତିଥି, ପ୍ରାକ୍ତନ ଅଧ୍ୟକ୍ଷ ବିରୁପାକ୍ଷ ରାୟ, ମୁଖ୍ୟ ବକ୍ତା ଭାବେ ଯୋଗଦାନ କରିଥିଲେ, ତୃତୀୟ ପର୍ଯ୍ୟାୟ ଅଧିବେଶନରେ ମହାପୁରୁଷ ଅଚ୍ୟୁତାନନ୍ଦ ଙ୍କର ଭବିଷ୍ୟତ ମାଳିକା ଓ ପବିତ୍ର ମହାଳୟା ଦିନ 'ମାଳିକା ରଚନା ଦିବସ' ପାଳନ ପରମ୍ପରା ପର୍ଯ୍ୟାୟରେ ବରିଷ୍ଠ ସନ୍ଥ ଅନାମ ଚରଣ ମୁନି ମହୋଦୟ ମୁଖ୍ୟ ଅତିଥି, ବରିଷ୍ଠ କବି, ସାମ୍ବାଦିକ ଓ ସମାଜସେବୀ ଅକ୍ଷୟ କୁମାର ଦାସ ସମ୍ମାନିତ ଅତିଥି, ଡଃ ନିଖିଲେଶ ପଦ ମହାନ୍ତି ମୁଖ୍ୟ ବକ୍ତା, ବିଷ୍ଣୁ ଚରଣ ମିଶ୍ର ସମ୍ମାନୀତ ବକ୍ତା ହିସାବରେ ଅଂଶ ଗ୍ରହଣ କରିଥିଲେ। ରାଜ୍ୟ ସ୍ତରୀୟ କବିତା ପାଠୋତ୍ସବରେ କବି ପ୍ରଫୁଲ୍ଲ ସିଂ, କବୟିତ୍ରୀ ଗୀତାଞ୍ଜଳି ଭୂୟାଁ, କବି ହେମନ୍ତ କୁମାର ସାହୁ, କବି ପ୍ରଫୁଲ୍ଲ ସାହୁ, କବୟିତ୍ରୀ ସବିତା ଶତପଥୀ, କବି ଦେବେନ୍ଦ୍ର ଲେଙ୍କା, କବୟିତ୍ରୀ ଦୀପାଞ୍ଜଳୀ ମିଶ୍ର, କବି କ୍ଷିରୋଦ କୁମାର ଦାସ, କବି ଫକୀର ଚରଣ ନାୟକ, କବୟିତ୍ରୀ ଗୀତାଞ୍ଜଳି ନାୟକ, କବୟିତ୍ରୀ ଲତା ବେହେରା, ଇତ୍ୟାଦି ଉପସ୍ଥିତ ବହୁ କବି,ଲେଖକ, ସାହିତ୍ୟିକ ମାନେ କବିତା ପାଠୋତ୍ସବ ଏବଂ ସାରଦୀୟ କବି- ସମ୍ମିଳନୀରେ ଅଂଶଗ୍ରହଣ କରି ଦ୍ୱିତୀୟ ଚୈତନ୍ୟ ଯଦୁମଣି ସ୍ୱାଇଁଙ୍କ ଜୀବନୀ ଏବଂ ନିଶ୍ଚିନ୍ତକୋଇଲି ସାହିତ୍ୟ ମହୋତ୍ସବ ଉପରେ ଆଲୋକପାତ କରିଥିଲେ।

## କେ. ନୂଆପଲ୍ଲୀ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ




ଆସିକା, (ମହାଭାରତ): ଗଞ୍ଜାମ ଜିଲ୍ଲାର କେ. ନୂଆପଲ୍ଲୀ କ୍ଲଷ୍ଟର ଅନ୍ତର୍ଗତ ସରକାରୀ ବିଦ୍ୟାଳୟଗୁଡ଼ିକୁ ନେଇ କେ. ରାଇସିଙ୍ଗପୁରସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ସରପଞ୍ଚ ଜୟସେନ ସ୍ୱାଇଁ ଓ ସମିତି ସଭ୍ୟା ରୀତା ଜେନା ଯୋଗଦେଇଥିଲେ। ପରିଚାଳନା ସଭାପତି ସୁନିତା ନାୟକ ଓ ସିଆରସିସି ଅର୍ଚ୍ଚନା ବେହେରାଙ୍କ ତତ୍ତ୍ୱାବଧାନରେ ମହୋତ୍ସବ ପରିଚାଳିତ ହୋଇଥିଲା। ଏଥିରେ ପ୍ରଧାନଶିକ୍ଷୟିତ୍ରୀ ଭାରତୀପ୍ରିୟା ପାତ୍ର, ପ୍ରଧାନଶିକ୍ଷକ ସରୋଜକାନ୍ତ ମିଶ୍ରଙ୍କ ସମେତ ସତ୍ୟନାରାୟଣ ସେଠୀ, କୃଷ୍ଣଚନ୍ଦ୍ର ବେହେରା, ଉଷାରାଣୀ ବେହେରା, ସୁମିତ୍ରା ଦାଶ ଓ ଗାୟତ୍ରୀ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଏହି ମହୋତ୍ସବରେ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ଶିଶୁମାନଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ଓ ସୃଜନଶୀଳତାକୁ ପ୍ରୋତ୍ସାହିତ କରିବା ଉଦ୍ଦେଶ୍ୟରେ ନୃତ୍ୟ, ସଙ୍ଗୀତ, କୁଇଜ୍, ବକ୍ତୃତା ଓ ଚିତ୍ରାଙ୍କନ ଆଦି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ବିଦ୍ୟାଳୟର ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ବିଚାରକ ଭାବେ ଯୋଗଦେଇ ପ୍ରତିଯୋଗିତା ଗୁଡ଼ିକର ମୂଲ୍ୟାୟନ କରିଥିଲେ। କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ଅତିଥିମାନେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରିଥିଲେ। କ୍ଲଷ୍ଟରସ୍ତରରେ ପ୍ରଥମ ସ୍ଥାନ ହାସଲ କରିଥିବା ପ୍ରତିଯୋଗୀମାନେ ଆଗାମୀ ବ୍ଲକସ୍ତରୀୟ ଶିଶୁ ମହୋତ୍ସବରେ ଅଂଶଗ୍ରହଣ କରିବେ।



# ଅଞ୍ଚଳ କଥା

ଆପଣା ମାଟିର କଥା ଓ ବ୍ୟଥା






## ବ୍ଲକ ସ୍ତରୀୟ ରଙ୍ଗଲି ରାଷ୍ଟ୍ର କାର୍ଯ୍ୟକ୍ରମ



ପାଟଣା:(ମହାଭାରତ)କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ସଭାଗୃହ ରେ ବ୍ଲକ ସ୍ତରୀୟ ରଙ୍ଗଲି ରାଷ୍ଟ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପାଟଣା ବ୍ଲକ ଅନ୍ତର୍ଗତ ୧୧ଟି ଲ୍ୟାମ୍ପସ କୁ ନେଇ ରଙ୍ଗଲି ରାଷ୍ଟ୍ର କାର୍ଯ୍ୟକ୍ରମ ରେ ୯ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରି ଝୁଟି ପକାଇ ଥିଲେ। ଏହି ଝୁଟି ପ୍ରତିଯୋଗୀ କୁ ନେଇ ଏକ ସଭା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। କାର୍ଯ୍ୟକ୍ରମ ଏ.ଓ.ପି.ଏସ ନିହାର ରଞ୍ଜନ ମିଶ୍ର ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇ ଥିଲା। ମୁଖ୍ୟ ଅତିଥି ଭାବେ ପାଟଣା ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନସ କୁମାର ଦଣ୍ଡପାଟ ଯୋଗଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ରେଶମ ଅଧିକାରୀ ସୁଭଦ୍ରା ମହାନ୍ତ,ଲ୍ୟାମ୍ପସ ନିର୍ଦ୍ଦେଶକ ହରମୋହନ ମହାନ୍ତ, ନିମେଇ ଚରଣ ମହାନ୍ତ,ପ୍ରଫୁଲ୍ଲ କୁମାର ଦାସ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ରେ ଲ୍ୟାମ୍ପସ ଋଣ,ବୀମା,ଅନ୍ୟାନ୍ୟ ପ୍ରକଳ୍ପ ବିଷୟ ରେ ଆଲୋଚନା ସହ ଝୁଟି ପ୍ରତିଯୋଗିତା ରେ କୃତିତ୍ୱ ଅର୍ଜନ କରିଥିବା ପ୍ରଥମ, ଦ୍ୱିତୀୟ,ତୃତୀୟ ସ୍ଥାନ ପ୍ରତିଯୋଗୀ ମାନ ଙ୍କୁ ଅତିଥି ମାନଙ୍କ ଦ୍ୱାରା ପୁରସ୍କାର ପ୍ରଦାନ କରାଯାଇଛି।

## ଦଶହରା ପୂଜା ମଣ୍ଡପ ପାଇଁ ପୋଲିସର ସ୍ୱତନ୍ତ୍ର ନିର୍ଦ୍ଦେଶ

# ସମସ୍ତ ୯ ପୂଜା ମଣ୍ଡପରେ ସିସିଟିଭି, ସେବାଦଳ ଓ ଟ୍ରାଫିକ୍ ବ୍ୟବସ୍ଥାକୁ ଗୁରୁତ୍ୱ



ଉମରକୋଟ (ମୋହାଭାରତ):ଆସନ୍ତା ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳା ଓ ସୁରକ୍ଷିତ ପରିବେଶରେ ସମ୍ପନ୍ନ କରିବା ପାଇଁ ଉମରକୋଟ ପୋଲିସ ପକ୍ଷରୁ ସହରର ସମସ୍ତ ୯ଟି ପୂଜା ମଣ୍ଡପ ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି କରାଯାଇଛି। ଏନେଇ ବୁଧବାର ଉମରକୋଟ ଥାନା ପରିସରରେ ପୂଜା ମଣ୍ଡପ କମିଟିଗୁଡ଼ିକୁ ନେଇ ଏକ ମିଳିତ ବୈଠକ ଅନୁଷ୍ଠିତ ହୋଇଥିଲା।ଉମରକୋଟ ଆଇଆଇସି ଯୁଗଳ କୁମାର ଶବରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସମସ୍ତ ପୂଜା କମିଟିର କର୍ମକର୍ତ୍ତାଙ୍କୁ ପୂଜା ସମୟରେ ଆଇନଶୃଙ୍ଖଳା, ଯାତାୟାତ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥା ଉପରେ ଆବଶ୍ୟକ ପରାମର୍ଶ ଦିଆଯାଇଥିଲା। ପୋଲିସର ନିର୍ଦ୍ଦେଶ ଅନୁସାରେ ପ୍ରତ୍ୟେକ ପୂଜା ମଣ୍ଡପରେ ସିସିଟିଭି କ୍ୟାମେରା ବ୍ୟବସ୍ଥା କରିବାକୁ କମିଟିଗୁଡ଼ିକୁ କୁହାଯାଇଛି। ଏଥିସହ ପୂଜା ସମୟରେ ଭିଡ଼ ନିୟନ୍ତ୍ରଣ ଓ ଗାଡ଼ିମୋଟର ଚଳାଚଳକୁ ସୁବ୍ୟବସ୍ଥିତ କରିବା ପାଇଁ ପ୍ରତ୍ୟେକ କମିଟି ନିଜସ୍ୱ ସେବାଦଳ ନିୟୋଜିତ କରିବେ।ଭସାଣି ପୂର୍ବରୁ ଡିଜେ ଓ ମାଇକ ବ୍ୟବହାର ପାଇଁ ଥାନାରୁ ଆବଶ୍ୟକ ଅନୁମତି ନେବାକୁ ମଧ୍ୟ କମିଟିଗୁଡ଼ିକୁ ନିର୍ଦ୍ଦେଶ ଦିଆଯାଇଛି। ପୂଜା ପରେ ମୂର୍ତ୍ତି ବିସର୍ଜନ ମ୍ୟୁନିସିପାଲିଟି ପକ୍ଷରୁ ନିର୍ଦ୍ଧାରିତ କୃତ୍ରିମ ପୋଖରୀରେ କରିବାକୁ କୁହାଯାଇଛି।ପୂଜା ଓ ଭସାଣି ସମୟରେ ସହରରେ ଶାନ୍ତି, ସଦ୍ଭାବ ଓ ଭାଇଚାରା ବଜାୟ ରଖିବା ସହ ପରସ୍ପର ପ୍ରତି ସହଯୋଗ ଓ ସମନ୍ୱୟ ରଖିବାକୁ ସମସ୍ତ ପୂଜା କମିଟିକୁ ପୋଲିସ ପକ୍ଷରୁ ପରାମର୍ଶ ଦିଆଯାଇଛି। ପୂଜା ସମୟରେ କୌଣସି ଅପ୍ରୀତିକର ପରିସ୍ଥିତି ଯେପରି ନଘଟେ, ସେଥିପାଇଁ କମିଟିଗୁଡ଼ିକ ପୋଲିସ ସହ ସମନ୍ୱୟ ରଖିବାକୁ କୁହାଯାଇଛି। ଦୁର୍ଗାପୂଜାକୁ ନେଇ ସହରରେ ଉତ୍ସାହ ବଢ଼ୁଥିବା ବେଳେ ପୋଲିସ ପ୍ରଶାସନର ଏହି ପଦକ୍ଷେପ ଦ୍ୱାରା ପୂଜା ଓ ଭସାଣି ପର୍ବକୁ ଶୃଙ୍ଖଳିତ ଓ ସୁରକ୍ଷିତ ଭାବେ ପାଳନ କରିବାରେ ସହାୟତା ମିଳିବ ବୋଲି ଆଶା କରାଯାଉଛି।

## ୨୦୮୧ ଲିଟର ଦେଶୀ ମଦ ଓ ୭୫୦୦ ଲିଟର ପୋଚ ନଷ୍ଟ



ଗଜପତି(ମହାଭାରତ): ଗଜପତି ଜିଲ୍ଲାରେ ବେଆଇନ ଦେଶୀ ମଦ ପ୍ରସ୍ତୁତି ଓ କାରବାର ଉପରେ ଅଙ୍କୁଶ ଲଗାଇବା ପାଇଁ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ାଉ କରାଯାଇଛି।ଜିଲ୍ଲା ଅବକାରୀ ବିଭାଗ ଓ ସଦର ମୋବାଇଲ ଟିମ୍‌ର ମିଳିତ ଚଢ଼ାଉରେ ୨୦୮୧ ଲିଟର ଦେଶୀ ମହୁଲି ମଦ ଜବତ କରାଯାଇ ନଷ୍ଟ କରାଯାଇ ଥିବାବେଳେ ୭୫୦୦ ଲିଟର ମଦ ପ୍ରସ୍ତୁତି ପାଇଁ ରଖାଯାଇ ଥିବା ପୋଚ ନଷ୍ଟ କରାଯାଇଛି।ଏହି ଘଟଣାରେ ମୋଟ ୧୧ଟି ମାମଲା ରୁଜୁ ହୋଇଥିବା ବେଳେ ୯ ଅଭିଯୁକ୍ତଙ୍କୁ ଅଦାଲତକୁ ପଠାଯାଇ ଥିବା ଅବକାରୀ ବିଭାଗ ପକ୍ଷରୁ ଗଣମାଧ୍ୟମକୁ ସୂଚନା ଦିଆଯାଇଛି। ଅବକାରୀ ବିଭାଗର ସୂଚନା ଅନୁଯାୟୀ, ଅଦାଲତକୁ ଚାଲାଣ ହୋଇଥିବା ୯ ଜଣଙ୍କ ମଧ୍ୟରେ ୬ ଜଣ ପୁରୁଷ ଓ ୩ ଜଣ ମହିଳା ଅଛନ୍ତି। ଜିଲ୍ଲା ଅବକାରୀ ଅଧୀକ୍ଷକ ପ୍ରଦୀପ କୁମାର କୁମାର ସାହୁଙ୍କ ନିର୍ଦ୍ଦେଶ କ୍ରମେ ଏହି ମିଳିତ ଚଢ଼ାଉ କରାଯାଇ ଥିଲା।ଜିଲ୍ଲାର ବିଭିନ୍ନ ଅଞ୍ଚଳରେ ବେ ଆଇନ ମଦ ପ୍ରସ୍ତୁତି ଓ ବିକ୍ରି ହେଉ ଥିବା ସ୍ଥାନ ଗୁଡିକୁ ଚିହ୍ନଟ କରି ଅବକାରୀ ଟିମ୍ ପକ୍ଷରୁ ଏହି ଅଭିଯାନ ଚଳାଯାଇଛି। ଚଢ଼ାଉ ସମୟରେ ପରିସଲ, ବାରଲଣ୍ଡା, ସିଙ୍ଗିପୁରୁ, ଲାବଣ୍ୟଗଡ଼, ଗାଇବା ଓ ସେରଙ୍ଗ ସମେତ ଜିଲ୍ଲାର ବିଭିନ୍ନ ଅ ଅଞ୍ଚଳରେ ଅବକାରୀ ଟିମ୍ ପହଞ୍ଚିଥିଲାସେଠାରେ ବେଆଇନ ଭାବେ ପ୍ରସ୍ତୁତ ହେଉଥିବା ଦେଶୀ ମହୁଲି ମଦ ତିଆରି ପାଇଁ ରଖାଯାଇ ଥିବା ବିପୁଳ ପରିମାଣର ପୋଚକୁ ଜବତ କରି ନଷ୍ଟ କରାଯାଇ ଥିଲା ଏହି ଚଢ଼ାଉ ଫଳରେ ବେଆଇନ ମଦ ପ୍ରସ୍ତୁତି ଓ କାରବାରରେ ସମ୍ପୃକ୍ତ ବ୍ୟକ୍ତିମାନଙ୍କ ମଧ୍ୟରେ ଛନକା ପଶିଛି। ଜିଲ୍ଲାରେ ବେଆଇନ ମଦ ପ୍ରସ୍ତୁତି, ସଂରକ୍ଷଣ ଓ ବିକ୍ରି ଯୋଗୁଁ ଜନସ୍ୱାସ୍ଥ୍ୟ ଓ ଆଇନ ଶୃଙ୍ଖଳା ପ୍ରତି ସୃଷ୍ଟି ହେଉଥିବା ବିପଦକୁ ରୋକିବା ପାଇଁ ଅବକାରୀ ବିଭାଗ ଏଭଳି ଅଭିଯାନକୁ ଗୁରୁତ୍ୱ ଦେଉଛି ବେଆଇନ ମଦ ପ୍ରସ୍ତୁତି ଉପରେ ନିୟମିତ ନଜର ରଖିବା ସହ ଏଥିରେ ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଆଇନାନୁଯାୟୀ ପଦକ୍ଷେପ ନିଆଯାଉଛି ଏହି ମିଳିତ ଚଢ଼ାଉରେ ଅବକାରୀ ନିରୀକ୍ଷକ ମନୁ ଆହ୍ୱାନଙ୍କ ସମେତ ଅବକାରୀ ଉପନିରୀକ୍ଷକ ବବୁନ କୁମାର ବେହେରା,ନୀଳାମ୍ବର ନାୟକ, ଭାଗୀରଥି ଜେନା,ମାନିନୀ ବେହେରା, ପ୍ରଭାତ କୁମାର ନାଗବଂଶ ଓ ସିଦ୍ଧେଶ୍ୱର ଦାଶ ପ୍ରମୁଖ ସାମିଲ ହୋଇଥିଲେ। ଗଜପତି ଜିଲ୍ଲାରେ ବେଆଇନ ମଦ କାରବାରକୁ ରୋକିବା ଏବଂ ଏହାର ଉତ୍ପାଦନ ସ୍ଥଳୀ ଗୁଡିକୁ ଧ୍ୱଂସ କରିବା ଦିଗରେ ଅବକାରୀ ବିଭାଗର ଏହି ଅଭିଯାନ କୁ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଇଛି।ଆଗାମୀ ଦିନରେ ମଧ୍ୟ ଏହିଭଳି ଚଢ଼ାଉ ଜାରି ରହିବ ବୋଲି ଅବକାରୀ ବିଭାଗ ପକ୍ଷରୁ କୁହାଯାଇଛି।

## ବିଦ୍ୟାଳୟରେ ଗୋପବନ୍ଧୁ ଓ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ



ଓଡ଼ଗାଁ,(ମହାଭାରତ): ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ପଞ୍ଚାୟତ ନାଥିଆପଲ୍ଲୀ ସରକାରୀ ଉପ୍ରା ବିଦ୍ୟାଳୟରେ ବୁଧବାର ଉତ୍କଳମଣି ଗୋପବନ୍ଧୁ ଦାସ ଓ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଯାଇଛି।ପ୍ରଧାନ ଶିକ୍ଷକ ସୁଶାନ୍ତ କୁମାର ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥିଭାବେ ୧ନଂ ଜୋନ୍ ଜିଲ୍ଲାପରିଷଦ ସଭ୍ୟା ଝିଲି ପ୍ରଧାନ,ସରପଞ୍ଚ ବିଜନ ପାଇକରାୟ, ସମିତିସଭ୍ୟା କନକ ପାତ୍ର,ସାମ୍ବାଦିକ ଗଣେଶ୍ୱର ସାହୁ,ପରିଚାଳନା କମିଟି ସଭାପତି ଅଶୋକ କୁମାର ନାୟକ ଯୋଗଦେଇ ମହାପୁରୁଷଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହିତ ସେମାନଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ।କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ସନ୍ତୋଷ କୁମାର ମାଝୀ,ମଞ୍ଜୁଲତା ସାହୁ,ପ୍ରଭାକର ମାଦେଲୀ,ରାକେଶ କୁମାର ସାହୁ ପ୍ରମୁଖ ସହଯୋଗ କରିଥିବା ଜଣାପଡ଼ିଛି।

## ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗର ପଶ୍ଚିମବଙ୍ଗକୁ ଶୈକ୍ଷିକ ଭ୍ରମଣ

**ବୌଦ୍ଧ:** ବହୁଦିନ ବ୍ୟବଧାନ ପରେ ବୌଦ୍ଧ ପଞ୍ଚାୟତ ମହାବିଦ୍ୟାଳୟ ଉଦ୍ଭିଦ ବିଜ୍ଞାନ ବିଭାଗ ତରଫରୁ ଆନ୍ତଃରାଜ୍ୟ ଶୈକ୍ଷିକ ଭ୍ରମଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଶ୍ଚିମବଙ୍ଗର ହାଓଡ଼ା ଜିଲ୍ଲାର ଶିବପୁର୍ ଠାରେ ଥିବା ଭାରତ ର ସର୍ବବୃହତ୍ ଏବଂ ସର୍ବପୁରାତନ ୧୭୮୭ ମସିହା ରେ ସ୍ଥାପିତ ଆଚାର୍ଯ୍ୟ ଜଗଦୀଶ ଚନ୍ଦ୍ର ବୋଷ ଇଣ୍ଡିଆନ୍ ବୋଟାନିକାଲ ଗାର୍ଡେନ ର ନିମନ୍ତ୍ରଣ କ୍ରମେ ସେଠାକୁ ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ସମ୍ମାନ ର +୩ ଦ୍ୱିତୀୟ ବର୍ଷ ୧୪ ଜଣ ଛାତ୍ର ଛାତ୍ରୀ ଉଦ୍ଭିଦ ବିଜ୍ଞାନ ର ବିଭାଗୀୟ ମୂଖ୍ୟ ତଥା ପରିବେଶ ବିଜ୍ଞାନୀ ଅଧ୍ୟାପକ ଡ଼ଃ ପ୍ରବୀର କୁମାର ଦାସ ନେତୃତ୍ୱ ରେ ଦୁଇ ଦିନିଆ ଗସ୍ତରେ ଯାଇ ସେଠାରେ ଥିବା ବିଭିନ୍ନ ପୁରାତନ, ବିପଦ ସଙ୍କୁଳ ଓ ଦୁଷ୍ପ୍ରାପ୍ୟ ବୃକ୍ଷରାଜି ଉପରେ ଅଧ୍ୟୟନ କରିବା ସହ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସେମାନଙ୍କୁ ମୁଖ୍ୟ ବୈଜ୍ଞାନିକ ଡଃ ସ୍ୱାମୀ ଏବଂ ଡ଼ଃ ବିଜୟ ସ୍ୱାଗତ କରିବା ସହ ସେଠାରେ ଥିବା ୨୫୦୦ ପ୍ରକାର ଉଦ୍ଭିଦ ବିଷୟରେ ଅବଗତ କରାଇବା ସହ ସମସ୍ତ ୨୫ ବିଭାଗ କୁ ବୁଲି ଦେଖାଇଥିଲେ । ସେଠାରେ ଥିବା ମୁଖ୍ୟ ଆକର୍ଷଣ ଥିଲା ୫.୩୩ ଏକର ଜମିରେ ଥିବା ୨୭୦ ବର୍ଷର ପୃଥିବୀର ସର୍ବ ବୃହତ୍ ବରଗଛ ଯାହାକି ଗିନିଜ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ ରେ ସ୍ଥାନ ପାଇଛି । ପୃଥିବୀର ସର୍ବ ବୃହତ୍ କଇଁ ଫୁଲ ଯାହାର ପତ୍ର ଗୋଟେ ମିଟର୍ ରୁ ବି ଅଧିକ ବହୁ ଆକର୍ଷଣୀୟ ଥିଲା । ଥାଇଲାଣ୍ଡ ରୁ ଆସିଥିବା ଗୋଟିଏ ଫଳ ଭିତରେ ଦୁଇଟି ନଡ଼ିଆ ପ୍ରଜାତି ଏବେ ବି ସେଠାରେ ସୁରକ୍ଷିତ ରହିଛି । ୨୫ ଲକ୍ଷ୍ୟ ପ୍ରକାର ର ହର୍ବେରିୟମ ଆଉ ଏକ ଆକର୍ଷଣ। ବୋଟାନିକାଲ ସର୍ଭେ ଅଫ ଇଣ୍ଡିଆ ଦ୍ୱାରା ପରିଚାଳିତ ଏହି ଅନୁଷ୍ଠାନ ଭ୍ରମଣରେ ଅଧ୍ୟାପିକା ନିରୁପମା ପ୍ରଧାନ ଓ ଡେମନ୍ ଷ୍ଟ୍ରେଟର ପାର୍ଥ ସାରଥୀ ମିଶ୍ର ସହଯୋଗୀ ଭାବରେ ଗସ୍ତ କରିଥିଲେ। ସମସ୍ତ ଅଂଶଗ୍ରହଣକାରି ଛାତ୍ର ଛାତ୍ରୀ ମାନଙ୍କୁ ଅନୁଷ୍ଠାନ ର ଟୋପି ଓ ପୁସ୍ତକ ପ୍ରଦାନ କରାଯାଇଥିଲା ।

## ଉଦଳା ସଦର ମଣ୍ଡଳର ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ

ଉଦଳା(ମହାଭାରତ): ଉଦଳା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଉଦଳା ସଦର ମଣ୍ଡଳ ବିଜେପି ପକ୍ଷରୁ ଆଜି ସ୍ଥାନୀୟ ସ୍ନେହା ତୁଳସୀ କଲ୍ୟାଣୀ ମଣ୍ଡପଠାରେ ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ମଣ୍ଡଳ ସଭାପତି ଭାଗିରଥି ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ ଏହି ବୈଠକରେ ଉଦଳା ବିଧାୟକ ଭାସ୍କର ମଢେଇ ଏବଂ ପୂର୍ବ ମୟୂରଭଞ୍ଜ ଜିଲ୍ଲା ବିଜେପି ସଭାପତି ନିହାର ମୋଦି ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।ବୈଠକରେ ଦଳୀୟ ସାଂଗଠନିକ କାର୍ଯ୍ୟକଳାପ ସହ ଆଗାମୀ ଦିନରେ ଦଳକୁ ତୃଣମୂଳ ସ୍ତରରେ ଅଧିକ ସୁଦୃଢ଼ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ବିଶେଷକରି ଆଗାମୀ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ଦଳୀୟ ସଂଗଠନକୁ ମଜବୁତ କରିବା, ଅଧିକରୁ ଅଧିକ କର୍ମୀଙ୍କୁ ସାଂଗଠନିକ କାର୍ଯ୍ୟକ୍ରମରେ ସାମିଲ କରିବା ଏବଂ ତୃଣମୂଳ ସ୍ତରରେ ଦଳର କାର୍ଯ୍ୟକଳାପକୁ ଗତିଶୀଳ କରିବା ଉପରେ ଗୁରୁତ୍ୱ ଦିଆଯାଇଥିଲା।ଆଗାମୀ ଦିନରେ ଦଳୀୟ କାର୍ଯ୍ୟକ୍ରମଗୁଡ଼ିକୁ ଅଧିକ ସକ୍ରିୟ ଓ ସଂଗଠିତ ଢଙ୍ଗରେ ପରିଚାଳନା କରିବା ସହ ତୃଣମୂଳ ସ୍ତରରେ କର୍ମୀଙ୍କ ଯୋଗଦାନ ବୃଦ୍ଧି କରି ସଂଗଠନକୁ ଆହୁରି ମଜବୁତ କରିବା ଉପରେ ବୈଠକରେ ମତ ପ୍ରକାଶ ପାଇଥିଲା।ଏହି କାର୍ଯ୍ୟକ୍ରମ ରେ ସଦର ମଣ୍ଡଳ ର ପ୍ରଭାରୀ ପ୍ରଭାତ ପରିଡା, ମଣ୍ଡଳ ର ସାଧାରଣ ସମ୍ପାଦକ ରାକେଶ ପୁହାଣ, ବରିଷ୍ଠ ବିଜେପି ନେତା ବିଜୟ ସେନାପତି,କମଳାକାନ୍ତ ଜେନା,ଜିଲ୍ଲା ମହିଳା ସଭାନେତ୍ରୀ ମମତା ସାହୁ, ସଦର ମଣ୍ଡଳ ର କୃଷକ ମୋର୍ଚ୍ଚା ସଭାପତି ପରେଶ ବେହେରା,ସାଂସଦ ପ୍ରତିନିଧି ଜିତେନ୍ ଦତ୍ତ, ଗୁଣମଣୀ ଖଣ୍ଡେଇ,ପୀତବାସ ସେଠୀ ଙ୍କ ସମେତ ସମସ୍ତ ମୋର୍ଚ୍ଚା ର ସଦସ୍ୟ ଉପସ୍ଥିତ ଥିଲେ

## ମା' ଭୁବନେଶ୍ୱରୀ ମନ୍ଦିରର ପୁନରୁଦ୍ଧାର ପାଇଁ ଜଳଯାତ୍ରା ଓ ଯଜ୍ଞ

ଦଶପଲ୍ଲା,(ମହାଭାରତ) : ଦଶପଲ୍ଲା ବିଜ୍ଞାପିତ ଅଞ୍ଚଳ ପରିଷଦ ଅନ୍ତର୍ଗତ ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଥିବା ବହୁ ପୁରାତନ ମା' ଭୁବନେଶ୍ୱରୀଙ୍କ ମନ୍ଦିରର ପୁନରୁଦ୍ଧାର ନିମନ୍ତେ ଏକ ଭବ୍ୟ ଧାର୍ମିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମନ୍ଦିରର ଜୀର୍ଣ୍ଣୋଦ୍ଧାର ତଥା ପୁନଃନିର୍ମାଣ ସଂକଳ୍ପ ନେଇ ଶ୍ରଦ୍ଧାଳୁମାନଙ୍କ ଗହଣରେ ବିଧିବଦ୍ଧ ଭାବେ ପବିତ୍ର କଳସ ସ୍ଥାପନ, ଜଳଯାତ୍ରା ଏବଂ ଯଜ୍ଞ ସମ୍ପନ୍ନ ହୋଇଛି। ଏହି ପବିତ୍ର ଉତ୍ସବରେ ଶ୍ରୀଯୁକ୍ତ ଅଶୋକ କୁମାର ଶତପଥି ଏବଂ ତାଙ୍କ ଧର୍ମପତ୍ନୀ ଶ୍ରୀମତୀ ଶଶୀରେଖା ଶତପଥି ମୁଖ୍ୟ କର୍ତ୍ତା ଭାବେ ଦାୟିତ୍ୱ ନିର୍ବାହ କରି ପୂଜାର୍ଚ୍ଚନା କରିଥିଲେ। ବୈଦିକ ମନ୍ତ୍ରୋଚ୍ଚାରଣ ମଧ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ସମଗ୍ର ବିଦ୍ୟାଳୟ ପରିସର ତଥା ସ୍ଥାନୀୟ ଅଞ୍ଚଳରେ ଏକ ଅପୂର୍ବ ଆଧ୍ୟାତ୍ମିକ ଓ ଭକ୍ତିମୟ ପରିବେଶ ସୃଷ୍ଟି କରିଥିଲା। ଏହି ଧାର୍ମିକ ଅନୁଷ୍ଠାନରେ ସ୍ଥାନୀୟ ଅଞ୍ଚଳର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଓ ଶ୍ରଦ୍ଧାଳୁ ଉପସ୍ଥିତ ରହି ସହଯୋଗ କରିଥିଲେ।



## ପିଏମ୍ ଶ୍ରୀ ବାଳିକା ଉଚ୍ଚ ବିଦ୍ୟାଳୟରେ 'ଛାତ୍ର ବିଧାନସଭା' ଅନୁଷ୍ଠିତ

ଦଶପଲ୍ଲା, (ମହାଭାରତ):ଓଡ଼ିଶା ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଆନୁକୂଲ୍ୟରେ ନୟାଗଡ଼ ଜିଲ୍ଲା ଦଶପଲ୍ଲା ଏନଏସି ସ୍ଥିତ ପିଏମ୍ ଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ଭବ୍ୟ 'ଛାତ୍ର ବିଧାନସଭା' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଗଣତାନ୍ତ୍ରିକ ମୂଲ୍ୟବୋଧ, ସଂସଦୀୟ କାର୍ଯ୍ୟଧାରା, ତର୍କ-ବିତର୍କ ଓ ନାଗରିକ ସଚେତନତା ସମ୍ପର୍କରେ ବ୍ୟାବହାରିକ ଜ୍ଞାନ ପ୍ରଦାନ କରିବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଯୁଧିଷ୍ଠିର କହଁରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଛାତ୍ରୀମାନେ ନିଷ୍ଠାର ସହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସାମ୍ବିଧାନିକ ପଦବୀର ଦାୟିତ୍ୱ ତୁଲାଇଥିଲେ। ଏଥିରେ ଅଷ୍ଟମ ଶ୍ରେଣୀର ଛାତ୍ରୀ ଦେବିସ୍ମିତା ସାହୁ ବାଚସ୍ପତି, ଦଶମ ଶ୍ରେଣୀର ଅଙ୍କିତା ପ୍ରିୟଦର୍ଶିନୀ ବାରିକ ମୁଖ୍ୟମନ୍ତ୍ରୀ ଏବଂ ଅଷ୍ଟମ ଶ୍ରେଣୀର ମୌସୁମୀ ମହାପାତ୍ର ବିରୋଧୀ ଦଳ ନେତ୍ରୀ ଭାବେ ନିଖୁଣ ଅଭିନୟ ପ୍ରଦର୍ଶନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଅନ୍ୟାନ୍ୟ ଛାତ୍ରୀମାନେ ଶାସକ ଓ ବିରୋଧୀ ଦଳର ବିଧାୟିକା ସାଜି ଗୃହରେ ପ୍ରଶ୍ନକାଳ ଏବଂ ସମସାମୟିକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଚମତ୍କାର ଆଲୋଚନା ଓ ତର୍କ କରିଥିଲେ। ଏହି ସମାବେଶରେ ମଣ୍ଡଳ ଶିକ୍ଷା ଅଧିକାରୀ ଭକ୍ତ ବିନୋଦ ସଲ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପ୍ରଧାନ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ଉଦବୋଧନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ୟାମ ସୁନ୍ଦର ଯାନୀ, ସିଆରସିସି କସ୍ତୁରୀ ସାହୁ, ଶିକ୍ଷାବିତ ଅକ୍ଷୟ କୁମାର ମହାପାତ୍ର, ବରିଷ୍ଠ ସାମ୍ବାଦିକ ପ୍ରଶାନ୍ତ କୁମାର ସାହୁ ଏବଂ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସନ୍ତୋଷ କୁମାର ମହାନ୍ତି ଉପସ୍ଥିତ ରହି ଛାତ୍ରୀମାନଙ୍କ ନେତୃତ୍ୱ ନେବାର ଦକ୍ଷତା ତଥା ଉତ୍ସାହକୁ ଭୂୟସୀ ପ୍ରଶଂସା କରିଥିଲେ। ଶିକ୍ଷକ ପରମାନନ୍ଦ ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଓ କର୍ମଚାରୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପରିଶେଷରେ କୃତୀ ଛାତ୍ରୀମାନଙ୍କୁ ପୁରସ୍କାର ବିତରଣ କରାଯାଇ କାର୍ଯ୍ୟକ୍ରମ ସାଙ୍ଗ ହୋଇଥିଲା।

## ଆମ ପୁଲିସର ସଚେତନତା କାର୍ଯ୍ୟକ୍ରମ

**ରାଉରକେଲା:** ସେକ୍ଟର ୧୯ ଥାନା ଆମ ପୁଲିସ ସମିତି ପକ୍ଷରୁ ଏକ ସଚେତନତା କାର୍ଯ୍ୟକ୍ରମ ସେକ୍ଟର ୧୯ କମ୍ୟୁନିଟି ସେଣ୍ଟର ଠାରେ ଅନୁଷ୍ଠିତ ହୋଇଯାଇଛି। ଆମ ପୁଲିସର ବରିଷ୍ଠ ସଦସ୍ୟ ଡ଼ଃ ସୁମନ ଦତ୍ତଙ୍କ ଆବାହକତ୍ୱ ଓ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜୋନାଲ ଡିଏସପି ମନୋରଞ୍ଜନ ପ୍ରଧାନ ମୁଖ୍ୟଅତିଥି,ଥାନା ପ୍ରଭାରୀ ବୈଦ୍ୟନାଥ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରାରମ୍ଭରେ ଆବାହକ ଡ଼ଃ ଦତ୍ତ ପାର୍ବଣ ଉପଲକ୍ଷେ ଉପସ୍ଥିତ ସମସ୍ତଙ୍କୁ ସ୍ୱାଗତ କରିବା ସହ ଅନୁଷ୍ଠାନର ଲକ୍ଷ୍ୟ ଓ ସବ୍ ଇନ୍ସପେକ୍ଟର ଦୁର୍ଯୋଧନ ପ୍ରଧାନ କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ ଓ ସମ୍ମାନିତ ଅତିଥି ଶ୍ରୀ ସାହୁ ସେମାନଙ୍କ ବକ୍ତବ୍ୟରେ ଥାନା ଓ ଜନସାଧାରଣଙ୍କ ମଧ୍ୟରେ ଦୂରତା ହ୍ରାସ, ଭାରତୀୟ ଦଣ୍ଡବିଧି ଆଇନ ଓ ପରିବର୍ତ୍ତିତ ଆଇନ, ପାରିବାରିକ ସମସ୍ୟା ସମାଧାନ, ନିଶାମୁକ୍ତ ଓଡ଼ିଶା ଅଭିଯାନ, ସାଇବର ଠକେଇ ,ପୋକ୍ସୋ ଆଇନ,ଯୌତୁକ ନିରୋଧ ଆଇନ, ଟ୍ରାଫିକ ନିୟମ ପାଳନ, ନାବାଳିକା ବିବାହ ବନ୍ଦ ଓ ନାବାଳିକା ତଥା ନାରୀ ମାନଙ୍କ ସୁରକ୍ଷା ଅଧିକାର ସମ୍ପର୍କରେ ବ୍ୟାପକ ଆଲୋଚନା କରିଥିଲେ। କୌଣସି ଅସୁବିଧାର ସମ୍ମୁଖୀନ ହେଲେ ୧୧୨ ନମ୍ବର ଓ ସାଇବର ଠକେଇ ରେ ୧୯୩୦ ନମ୍ବର କୁ ଯୋଗାଯୋଗ ତଥା ଦୁର୍ଘଟଣା ରେ ସମ୍ମୁଖୀନ ହେଉଥିବା ବ୍ୟକ୍ତିଙ୍କ ପାଇଁ ପ୍ରଥମ ଏକ ଘଣ୍ଟା କିପରି ଗୁରୁତ୍ୱପୂର୍ଣ୍ଣ, ଦୁର୍ଘଟଣାରେ ମୃତ୍ୟୁ ମୁଖରୁ ଫେରାଇ ଆଣିଲେ ସାହାଯ୍ୟ କରିଥିବା ବ୍ୟକ୍ତିଙ୍କ ସରକାରଙ୍କ ଆର୍ଥିକ ପ୍ରୋତ୍ସାହନ ସମ୍ପର୍କରେ ବ୍ୟାପକ ଆଲୋଚନା କରାଯାଇଥିଲା। ଏହା ସହ ଉପସ୍ଥିତ ସାଧାରଣଲୋକଙ୍କ ପ୍ରଶ୍ନର ଉତ୍ତର ମଧ୍ୟ ରଖିଥିଲେ।

# ଚୋରା ମଦ ଜବତ,୬ଗିରଫ



**କେନ୍ଦ୍ରାପଡ଼ା:**କେନ୍ଦ୍ରାପଡ଼ା ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ନିର୍ଦ୍ଦେଶକ୍ରମେ ଏବଂ ଅବକାରୀ କେନ୍ଦ୍ରାପଡ଼ା ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜକନିକା, ମାର୍ଶାଘାଇ ଓ ପାଟକୁରା ଥାନା ଅଧିନ ବିଭିନ୍ନ ସ୍ଥାନରେ ଅବକାରୀ ବିଭାଗ ପକ୍ଷରୁ ବ୍ୟାପକ ଚଢ଼ାଉ କରାଯାଇଥିଲା। ଏହି ଚଢ଼ାଉ ସମୟରେ ପାତ୍ରପୁର ଗ୍ରାମର ଶରତ କୁମାର ସାହୁ(୪୨)ଙ୍କ ନିକଟରୁ ୨୮ ଲିଟର ଚୋରା ବିଦେଶୀ ମଦ ଏବଂ କଟନବଣିଆ ଗ୍ରାମର ଉମେଶ ଚନ୍ଦ୍ର ବେହେରା(୫୭)ଙ୍କ ନିକଟରୁ ୨୪ ଲିଟର ଚୋରା ବିଦେଶୀ ମଦ ଜବତ କରାଯାଇଥିଲା। ସେହିପରି ମାର୍ଶାଘାଇ ଗ୍ରାମର ଭାସ୍କର ଚନ୍ଦ୍ର ଜେନା(୩୯)ଙ୍କ ନିକଟରୁ ୨୭ ଲିଟର ଚୋରା ଦେଶୀ ମଦ, ବେଣୁପଳା ଗ୍ରାମର ସଂଯୁକ୍ତା ସ୍ୱାଇଁ(୬୦)ଙ୍କ ନିକଟରୁ ୨୧ ଲିଟର ଚୋରା ବିଦେଶୀ ମଦ ଏବଂ ମଙ୍ଗରାଜପୁର ଗ୍ରାମର ଗିରିଧାରୀ ଦାସ(୪୩)ଙ୍କ ନିକଟରୁ ୧୮ ଲିଟର ଚୋରା ବିଦେଶୀ ମଦ ସହିତ ଗୋଟିଏ ବାଇକ ଜବତ କରାଯାଇଥିଲା। ଏଥିସହ ଜଗଦୀଶ ସାହୁ (୩୨)ଙ୍କ ନିକଟରୁ ୩୨ ଲିଟର ଚୋରା ବିଦେଶୀ ମଦ ଜବତ ହୋଇଥିଲା। ଏହି ଚଢ଼ାଉରେ ମୋଟ ୧୫୦ ଲିଟର ଚୋରା ଦେଶୀ ଓ ବିଦେଶୀ ମଦ ସମେତ ଗୋଟିଏ ବାଇକ ଜବତ କରାଯାଇଥିବା ବେଳେ ଏ ସଂକ୍ରାନ୍ତରେ ବିଭିନ୍ନ ଅବକାରୀ ମାମଲା ରୁଜୁ କରାଯାଇଛି। ଏହି ମାମଲା ଗୁଡ଼ିକରେ ୬ଜଣ ଚୋରା ମଦବେପାରୀଙ୍କୁ ଗିରଫ କରାଯାଇ ଆଇନାନୁଯାୟୀ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଅବକାରୀ ଉପ-ନିରୀକ୍ଷକ ରତ୍ନପ୍ରଭା ସ୍ୱାଇଁ, ତ୍ରିବେଣୀ ମହନ୍ତ, ରଞ୍ଜନ କୁମାର ପାତ୍ରଙ୍କ ସମେତ ଅବକାରୀ ବିଭାଗର ଅନ୍ୟାନ୍ୟ କର୍ମଚାରୀମାନେ ସକ୍ରିୟ ଭାବେ ସାମିଲ ହୋଇଥିଲେ।

## ବୌଦ୍ଧ ଜିଲ୍ଲାରେ ଭୋଟର ତାଲିକା ପ୍ରସ୍ତୁତି ପାଇଁ ଘରକୁ ଘର ସର୍ବେକ୍ଷଣ

**ବୌଦ୍ଧ:**ବୌଦ୍ଧ ଜିଲ୍ଲାରେ ଭୋଟର ତାଲିକା ପ୍ରସ୍ତୁତି ଓ ସଂଶୋଧନ ପ୍ରକ୍ରିୟାକୁ ସ୍ୱଚ୍ଛ, ନିର୍ଭୁଲ ଏବଂ ସୁସଂଗଠିତ କରିବା ଉଦ୍ଦେଶ୍ୟରେ ଘରକୁ ଘର ସର୍ବେକ୍ଷଣ କାର୍ଯ୍ୟକ୍ରମ ଏବଂ ବୁଥ୍ ସ୍ତରୀୟ ଏଜେଣ୍ଟ ନିଯୁକ୍ତି ଉପରେ ଗୁରୁତ୍ୱ ଦିଆଯାଇଛି।ଏହି ପରିପ୍ରେକ୍ଷୀରେ ରାଜନୈତିକ ଦଳଗୁଡ଼ିକୁ ନିଜ ନିଜ ଦଳ ପକ୍ଷରୁ ବୁଥ୍ ସ୍ତରୀୟ ଏଜେଣ୍ଟ ନିଯୁକ୍ତ କରିବା ସହିତ ନିଯୁକ୍ତ ଏଜେଣ୍ଟମାନଙ୍କର ଆବଶ୍ୟକୀୟ ବିବରଣୀ ନିର୍ଦ୍ଧାରିତ ଫର୍ମାଟ୍‌ରେ ପ୍ରଦାନ କରିବାକୁ କୁହାଯାଇଛି।ଏହି ଫର୍ମାଟ୍‌ରେ ରାଜନୈତିକ ଦଳର ନାମ, ଜିଲ୍ଲା, ବ୍ଲକ୍/ପୌରାଞ୍ଚଳ, ବିଧାନସଭା ନିର୍ବାଚନମଣ୍ଡଳୀର ନାମ ଓ ନମ୍ବର, ବୁଥ୍ ନମ୍ବର, ଏଜେଣ୍ଟଙ୍କ ନାମ, ଲିଙ୍ଗ, ବୟସ ଏବଂ ମୋବାଇଲ୍ ନମ୍ବର ଉଲ୍ଲେଖ କରିବାକୁ ହେବ।ଘରକୁ ଘର ସର୍ବେକ୍ଷଣ କାର୍ଯ୍ୟକୁ ସଠିକ୍ ଭାବେ ସମ୍ପାଦନ କରିବା, ଭୋଟର ତାଲିକା ସମ୍ବନ୍ଧୀୟ ତଥ୍ୟର ଯାଞ୍ଚ ଓ ସମନ୍ୱୟ ରକ୍ଷା କରିବା ଏବଂ ନିର୍ବାଚନ ପ୍ରକ୍ରିୟାରେ ସହଯୋଗ ବୃଦ୍ଧି କରିବାରେ ବୁଥ୍ ସ୍ତରୀୟ ଏଜେଣ୍ଟ ମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ। ଏଣୁ ସମସ୍ତ ରାଜନୈତିକ ଦଳକୁ ନିର୍ଦ୍ଧାରିତ ଫର୍ମାଟ୍‌ରେ ବୁଥ୍ ସ୍ତରୀୟ ଏଜେଣ୍ଟ ମାନଙ୍କର ସମ୍ପୂର୍ଣ୍ଣ ବିବରଣୀ ୧୪ ଅକ୍ଟୋବର ୨୦୨୬ ସୁଦ୍ଧା ଦାଖଲ କରିବାକୁ ଅନୁରୋଧ କରାଯାଇଛି।

## ଜିଲ୍ଲାରେ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ

**ସମ୍ବଲପୁର:** ଭାରତ ନିର୍ବାଚନ ଆୟୋଗ ଏବଂ ଓଡ଼ିଶାର ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶକ୍ରମେ ସମ୍ବଲପୁର ଜିଲ୍ଲା ସାରା ଭୋଟର ତାଲିକାରେ ନାମ ପଞ୍ଜୀକରଣ ପାଇଁ ଏକ ବ୍ୟାପକ ସ୍ୱତନ୍ତ୍ର ଅଭିଯାନ ଆରମ୍ଭ କରାଯାଇଛି। ସ୍ୱତନ୍ତ୍ର ନିବିଡ଼ ସଂଶୋଧନ ପ୍ରକ୍ରିୟା ପରେ ଜିଲ୍ଲାର କୌଣସି ବି ଯୋଗ୍ୟ ନାଗରିକ, ବାଦ୍ ପଡ଼ିଥିବା ଭୋଟର କିମ୍ବା ନୂତନ ଯୁବ ଭୋଟର ଯେପରି ସେମାନଙ୍କ ଗଣତାନ୍ତ୍ରିକ ଅଧିକାରରୁ ବଞ୍ଚିତ ନ ହୁଅନ୍ତି, ତାହା ସୁନିଶ୍ଚିତ କରିବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ। ଏହି କ୍ରମରେ ଆଜି ସମ୍ବଲପୁର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ସୁଧାଂଶୁ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ସମସ୍ତ ସ୍ୱୀକୃତିପ୍ରାପ୍ତ ରାଜନୈତିକ ଦଳଗୁଡ଼ିକର ପ୍ରତିନିଧିମାନଙ୍କୁ ନେଇ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି।ଏହି ବୈଠକରେ ନିଷ୍ପତ୍ତି ଅନୁଯାୟୀ ଜିଲ୍ଲାର ସମସ୍ତ ମତଦାନ କେନ୍ଦ୍ରର ବୁଥ୍ ସ୍ତରୀୟ ଅଧିକାରୀ (ବିଏଲ୍ଓ) ମାନେ ବର୍ତ୍ତମାନର ଚୂଡ଼ାନ୍ତ ଭୋଟର ତାଲିକା ସହିତ ପୂର୍ବର ଭୋଟର ତାଲିକା ର ତୁଳନା କରିବେ ଏବଂ ବାଦ୍ ପଡ଼ିଥିବା ଯୋଗ୍ୟ ଭୋଟରଙ୍କ ଏକ ସ୍ୱତନ୍ତ୍ର ତାଲିକା ପ୍ରସ୍ତୁତ କରିବେ। ଏହାପରେ ବିଏଲ୍ଓମାନେ ଚିହ୍ନଟ ହୋଇଥିବା ଭୋଟରଙ୍କ ଘରକୁ ଘର ବୁଲି ସତ୍ୟାପନ କରିବା ସହ ପ୍ରତି ସପ୍ତାହରେ ଅତି କମରେ ୨୦ ରୁ ୨୫ ଜଣ ଭୋଟରଙ୍କୁ ସାମିଲ କରି ଆସନ୍ତା ଗୋଟିଏ ମାସ ମଧ୍ୟରେ ଏହି ପ୍ରକ୍ରିୟା ଶେଷ କରିବେ। ୧ ଅକ୍ଟୋବର ୨୦୨୬ ସୁଦ୍ଧା ୧୮ ବର୍ଷ ବୟସ ପୂରଣ କରୁଥିବା ସମସ୍ତ ନୂତନ ଯୁବକ-ଯୁବତୀ, ଯୋଗ୍ୟ ନାଗରିକ ଓ ବାଦ୍ ପଡ଼ିଥିବା ଭୋଟରଙ୍କ ନାମ ଫର୍ମ-୬ ମାଧ୍ୟମରେ ସାମିଲ କରାଯିବ।

### ସିଜେପି ସମର୍ଥନରେ ରାହୁଲ

## ଯୁବଗୋଷ୍ଠୀଙ୍କୁ ଜେଲରେ ଭର୍ତ୍ତି କରିବା କାପୁରୁଷତା





**ନୂଆଦିଲ୍ଲୀ,୧୪।୧୦:** କକ୍ରୋଚ ଜନତା ପାର୍ଟି ବା ସିଜେପିକୁ ପ୍ରଥମଥର ପାଇଁ ଖୋଲା ସମର୍ଥନ କରିଛନ୍ତି ବିରୋଧୀ ଦଳ ନେତା ରାହୁଲ ଗାନ୍ଧି। ଦିଲ୍ଲୀର ଯନ୍ତରମନ୍ତରରେ ଅନାଧିକାର ଭାବେ ପ୍ରବେଶ କରି ୫ ଦିନ ପାଇଁ ତିହାର ଜେଲକୁ ସିଜେପିର ସୌରଭ ଦାସ ଓ ଆଶୁତୋଷ ରାଙ୍କା ଯିବା ପରେ ରାହୁଲ ଗାନ୍ଧିଙ୍କ ସମର୍ଥନ ଆସିଛି। ଦୁଇ ସିଜେପି ନେତାଙ୍କ ଗିରଫଦାରୀକୁ ରାହୁଲ କଡ଼ା ଭାଷାରେ ନିନ୍ଦା କରିଛନ୍ତି। ରାହୁଲଙ୍କ ଏପରି ସମର୍ଥନକୁ ସିଜେପି ପ୍ରତିଷ୍ଠାତା ଅଭିଜିତ ଦୀପକେ ସ୍ୱାଗତ କରିଛନ୍ତି। ଯନ୍ତରମନ୍ତର ଠାରୁ କେନ୍ଦ୍ର ସରକାର ବିକ୍ଷୋଭ ସ୍ଥଳର ମାନ୍ୟତା ପ୍ରତ୍ୟାହାର କରି ନେଇଥିଲେ ମଧ୍ୟ ମଙ୍ଗଳବାର ସକାଳେ ସୌରଭ, ଆଶୁତୋଷ, ଅଜିଙ୍କ୍ୟ ସିନ୍ଦେଙ୍କ ସମେତ ୧୧ ଜଣ ସିଜେପି କର୍ମୀ ଗେଟ ଡେଇଁ ଏହା ଭିତରେ ପ୍ରବେଶ କରି ତ୍ରିରଙ୍ଗା ଉଡ଼ାଇଥିଲେ। ଏଥିପାଇଁ ସୌରଭ ଓ ଆଶୁତୋଷଙ୍କୁ ପୁଲିସ୍ ଗିରଫ କରିଥିଲା। ଏହାପରେ ଆଜି ଉଭୟଙ୍କୁ ୫ ଦିନ ପାଇଁ ତିହାର ଜେଲକୁ ପଠାଇ ଦିଆଯାଇଛି। ଏହି ଘଟଣାକୁ ନିନ୍ଦା କରି ରାହୁଲ ଗାନ୍ଧି ଏକ୍ସରେ ଲେଖିଛନ୍ତି ଯେ "ଗୋଟିଏ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ମଧ୍ୟରେ ଯନ୍ତରମନ୍ତରରେ ତ୍ରିରଙ୍ଗା ଉଡ଼ାଇବା ଅପରାଧ ନୁହେଁ। ଏଥିପାଇଁ ଯୁବଗୋଷ୍ଠୀଙ୍କ ଜେଲରେ ଭର୍ତ୍ତି କରିବା କାପୁରୁଷର ପରିଚୟ।" ବିଭିନ୍ନ ସାମାଜିକ ସଂଗଠନ, ଛାତ୍ର ସଂଗଠନ ଓ ଇଣ୍ଡିଆ ବ୍ଲକର ଆନ୍ଦୋଳନ ହେଉଛି ଗୋଟିଏ। ଏହା ବିଭିନ୍ନ ବ୍ୟାନରରେ ହେଉଥିବା ଆନ୍ଦୋଳନ ବୋଲି ରାହୁଲ କହିଛନ୍ତି। ସେ କହିଛନ୍ତି, "ଶିକ୍ଷାର୍ଥୀ, ଯୁବଗୋଷ୍ଠୀ, ସାମ୍ବାଦିକ ଓ ଇଣ୍ଡିଆ ବ୍ଲକ। ବିଭିନ୍ନ ବ୍ୟାନର କିନ୍ତୁ କାରଣ ଗୋଟିଏ। ସବୁ ବିକ୍ଷୋଭ ଗୋଟିଏ। ନାଗରିକମାନେ ସେମାନଙ୍କ ସାମ୍ବିଧାନିକ ଅଧିକାର ମାଗୁଛନ୍ତି। ଯନ୍ତରମନ୍ତର ହେଉଛି ଭାରତୀୟ ଲୋକଙ୍କର। ଆମେ ଏହାକୁ ପୁନଃ ଦଖଲ କରିବୁ।" ରାହୁଲଙ୍କ ଏପରି ଏକ୍ସକୁ ରି-ପୋଷ୍ଟ କରି ଅଭିଜିତ ଦୀପକେ ତାଙ୍କୁ ଧନ୍ୟବାଦ ଜଣାଇଛନ୍ତି। କେବଳ ରାହୁଲ ନୁହନ୍ତି, ଟିଏମସି ସାଂସଦ ଅଭିଷେକ ବାନାର୍ଜୀ, ଡିଏମକେ ସୁପ୍ରିମୋ ଏମକେ ଷ୍ଟାଲିନ ଓ ଉଦ୍ଧବ ଠାକରେଙ୍କ ଶିବସେନାର ଆଦିତ୍ୟ ଠାକରେ ମଧ୍ୟ ସିଜେପି ନେତାଙ୍କୁ ଜେଲ ପଠାଇବା ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି।

### ପୋଲିସ୍ ମାଡ଼ରେ ଛାତ୍ରୀ ହରାଇଛନ୍ତି ଶ୍ରବଣ ଶକ୍ତି : ରାହୁଲ ଗାନ୍ଧି

ଦିଲ୍ଲୀ ପୁଲିସ୍ ବିରୋଧରେ ସାଂଘାତିକ ଅଭିଯୋଗ ଆଣିଛନ୍ତି ବିରୋଧୀ ଦଳ ନେତା ରାହୁଲ ଗାନ୍ଧି। ମୁଖ୍ୟ ନିର୍ବାଚନ କମିଶନର ଜ୍ଞାନେଶ କୁମାରଙ୍କ ବିରୋଧରେ ଯୁବ କଂଗ୍ରେସ କର୍ମୀଙ୍କ ସହ ପୁଲିସ୍ ଭୟଙ୍କର କାଣ୍ଡ ଘଟାଇଥିବା ସେ ଅଭିଯୋଗ କରିଛନ୍ତି। ଏପରି କି ପୁଲିସ୍ ମାଡ଼ରେ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ପଢୁଥିବା କେରଳମର ଜଣେ ଛାତ୍ରୀଙ୍କ ଗୋଟିଏ କାନର ପରଦା ଫାଟି ଯାଇଛି ଓ ସେ ଶ୍ରବଣ ଶକ୍ତି ହରାଇଥିବା ରାହୁଲ ଗାନ୍ଧି ଆଜି ସାମ୍ବାଦିକ ସମ୍ମିଳନୀ କରି କହିଛନ୍ତି। ଏହି ସମୟରେ ଛାତ୍ର ଓ ଯୁବ କଂଗ୍ରେସର ଅନେକ କର୍ମୀ ମଧ୍ୟ ରାହୁଲଙ୍କ ସହ ରହିଥିଲେ। ଶ୍ରବଣ ଶକ୍ତି ହରାଇଥିବା ଛାତ୍ରୀଙ୍କୁ ମଧ୍ୟ ସାମ୍ବାଦିକ ସମ୍ମିଳନୀରେ ଦେଖିବାକୁ ମିଳିଛି। ମଙ୍ଗଳବାର ବିକ୍ଷୋଭ ବେଳେ ପୁଲିସ୍ ଆପଣାଇଥିବା ବର୍ବରତା ସମ୍ପର୍କରେ ସୂଚନା ଦେବା ବେଳେ ରାହୁଲ ଗାନ୍ଧି ସିଧାସଳଖ ଛାତ୍ରୀ ଆଥିରାଙ୍କ ଉଦାହରଣ ଦେଇଛି। ଆଥିରା ମଧ୍ୟ ବସ୍ ଭିତରେ ପୁଲିସ୍ କେମିତି ତାଙ୍କୁ ମାଡ଼ ମାରିଥିଲା, ସେକଥା ସମସ୍ତଙ୍କୁ ଜଣାଇଛନ୍ତି। ରାହୁଲ କହିଛନ୍ତି, "କେରଳର ଆଥିରା ଗୋଟିଏ କାନରେ ଶ୍ରବଣ ଶକ୍ତି ହରାଇଛନ୍ତି। ତାଙ୍କ କାନ ମୁଣ୍ଡାରେ ପୁଲିସ୍ ପ୍ରହାର କରିବାରୁ ଏବେ ସେ ଶୁଣି ପାରୁ ନାହାନ୍ତି। ସେ ଆଉ ଶୁଣି ପାରିବେ ନାହିଁ। ଶେଷଥର ମୁଁ ଆପଣମାନଙ୍କୁ ଜଣେ ଛାତ୍ରଙ୍କ କଥା କହିଥିଲି। ସେ ଦୃଷ୍ଟି ଶକ୍ତି ହରାଇଥିଲେ। ଏବେ ଛାତ୍ରୀ ଜଣଙ୍କ ଗୋଟିଏ କାନରେ ଶ୍ରବଣ ଶକ୍ତି ହରାଇଛନ୍ତି।"

### ସ୍ୱାମୀଙ୍କୁ ମାରି ନୀଳ ଡ୍ରମ୍‌ରେ ସିଲ ଘଟଣା

## ପତ୍ନୀ ମୁସ୍କାନ ଓ ପ୍ରେମିକକୁ ମିଳିଲା ମୃତ୍ୟୁଦଣ୍ଡ



**ନୂଆଦିଲ୍ଲୀ,୧୪।୧୦:** ଶେଷରେ ମୃତ୍ୟୁଦଣ୍ଡରେ ଦଣ୍ଡିତ ହୋଇଛନ୍ତି ମୁସ୍କାନ ରସ୍ତୋଗୀ ଓ ତା' ପ୍ରେମିକ ସାହିଲ ଶୁକ୍ଲା। ମୀରଟର ଗୋଟିଏ କୋର୍ଟ ଉଭୟଙ୍କୁ ଆଜି ମୃତ୍ୟୁଦଣ୍ଡରେ ଦଣ୍ଡିତ କରିଛନ୍ତି। ଗତବର୍ଷ ମୁସ୍କାନ ନିଜ ସ୍ୱାମୀ ତଥା ମର୍ଚ୍ଚାଣ୍ଟ ନୌସେନା ଅଧିକାରୀ ସୌରଭ ରାଜପୁତଙ୍କୁ ପ୍ରେମିକ ସାହିଲ ସହ ମିଶି ଅତ୍ୟନ୍ତ ନିର୍ମମ ଭାବେ ହତ୍ୟା କରିଥିଲା। ଏହାପରେ ମୃତଦେହକୁ ନୀଳ ଡ୍ରମ୍‌ରେ ସିଲ କରି ହନିମୁନ ପାଇଁ ଚାଲି ଯାଇଥିଲେ। ସେଠାରୁ ଫେରିବା ପରେ ଗିରଫ ହୋଇଥିବା ମୁସ୍କାନ ଓ ସାହିଲଙ୍କୁ ଦୁଇ ସପ୍ତାହ ପୂର୍ବରୁ କୋର୍ଟ ପ୍ରଥମେ ଦୋଷୀ ସାବ୍ୟସ୍ତ କରିଥିଲେ। ଆଜି ଉଭୟଙ୍କୁ ମୃତ୍ୟୁଦଣ୍ଡ ଦେଇଛନ୍ତି। ଏଥିସହ ଧାରା ୩୦୨ ଅନୁଯାୟୀ ୫୦ ହଜାର ଟଙ୍କା ଓ ଧାରା ୨୩୮ଏ ଅନୁଯାୟୀ ୨୦ ହଜାର ଟଙ୍କାର ଜୋରିମାନା ଲଗାଇଛନ୍ତି। ମାତ୍ର ୧୩ ମାସ ମଧ୍ୟରେ ୧୨୬ ଥରର ଶୁଣାଣି ଓ ୨୨ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଜିଲ୍ଲା ଜଜ୍ ଅରବିନ୍ଦ କୁମାର ମିଶ୍ରା ଉଭୟଙ୍କ ବରୋଧରେ ରାୟ ଶୁଣାଇଛନ୍ତି। ସରକାରୀ ଓକିଲ ୨୨ ଜଣ ସାକ୍ଷୀଙ୍କ ବୟାନକୁ ଯାଞ୍ଚ କରିଥିବା ବେଳେ ମାମଲା ସହ ଜଡ଼ିତ ସମସ୍ତ ଫରେନ୍ସିକ ତଥ୍ୟକୁ ମଧ୍ୟ କୋର୍ଟରେ ଉପସ୍ଥାପନ କରିଥିଲେ। ସରକାରୀ ଓକିଲ ଉଭୟଙ୍କ ମୃତ୍ୟୁଦଣ୍ଡ ଭଳି କଠୋର ଶାସ୍ତି ପାଇଁ ଦାବି କରୁଥିବା ବେଳେ ପ୍ରତିପକ୍ଷ ଓକିଲ ଏହାକୁ ୧୦ରୁ ୨୦ ବର୍ଷ ମଧ୍ୟରେ ସୀମିତ ରଖିବାକୁ ଯୁକ୍ତି ଉପସ୍ଥାପନ କରିଥିଲେ। ହେଲେ ବିଚାରପତି ପ୍ରତିପକ୍ଷ ଓକିଲଙ୍କ ସମସ୍ତ ଦାବିକୁ ଅଗ୍ରାହ୍ୟ କରି ମୁସ୍କାନ ଓ ସାହିଲଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇବାକୁ କହିଛନ୍ତି। ଆଇନଜୀବୀ କ୍ରିଷ୍ଣ କୁମାର ଚୌବେ କହିଛନ୍ତି ଯେ "ଏହି ରାୟ ଗୋଟିଏ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ଏମିତି ହେବା ଦରକାର। କୋର୍ଟ ମାମଲା ସହ ଜଡ଼ିତ ଲୋକଙ୍କ ଭାବନାକୁ ସମ୍ମାନ ଜଣାଇ ରାୟ ଦେଇଛି। ଏହା ଗୋଟିଏ ଚମତ୍କାର ରା।" ସୌରଭଙ୍କୁ ବାହା ହୋଇଥିଲେ ମଧ୍ୟ ସାହିଲଙ୍କ ସହ ଅନୈତିକ ସମ୍ପର୍କରେ ମାତିଥିଲା ମୁସ୍କାନ। ଏଥିପାଇଁ ସେ ସ୍ୱାମୀଙ୍କୁ ସବୁ ଦିନ ପାଇଁ ନିଜ ରାସ୍ତାରୁ ହଟାଇବାକୁ ଯୋଜନା କରିଥିଲା। ଯୋଜନା ଅନୁସାରେ ଉଭୟ ୨୦୨୫ ମାର୍ଚ୍ଚ ୩ରେ ସୌରଭଙ୍କୁ ପ୍ରଥମେ ଡ୍ରଗ୍ସ ଦେବା ପରେ ଛୁରୀ ଭୁଷି ହତ୍ୟା କରିଥିଲେ। ଏହାପରେ ମୃତଦେହକୁ ଖଣ୍ଡଖଣ୍ଡ କରି ଗୋଟିଏ ନୀଳ ଡ୍ରମରେ ଭର୍ତ୍ତି କରି ସିମେଣ୍ଟ ଦ୍ୱାରା ସିଲ କରିଥିଲେ। ହତ୍ୟାକାଣ୍ଡ ପରେ ସେମାନେ ହିମାଚଳ ପ୍ରଦେଶର ଶିମଲାକୁ ହନିମୁନ ପାଇଁ ଚାଲି ଯାଇଥିଲେ। ସେଠାରେ ଛୁଟି କାଟି ପ୍ରାୟ ୧୫ ଦିନ ପରେ ଉଭୟ ଫେରିବା ପରେ ପୁଲିସ୍ ଦ୍ୱାରା ଗିରଫ ହୋଇଥିଲେ। ହିମାଚଳ ଟ୍ରିପରୁ ଉଭୟ ମାର୍ଚ୍ଚ ୧୭ରେ ଫେରିଥିଲେ। ଏହାପରେ ଡ୍ରମ ସହ ଖଣ୍ଡବିଖଣ୍ଡିତ ମୃତଦେକୁ ଅନ୍ୟତ୍ର ଫିଙ୍ଗିବା ପାଇଁ ଚାହିଁଥିଲେ। ଦିନକ ପରେ ସେମାନେ କିଛି ଶ୍ରମିକଙ୍କୁ ଘରକୁ ଡାକିଥିଲେ ଓ ସେମାନଙ୍କୁ ଡ୍ରମକୁ ଘରୁ ବାହାର କରି ଅନ୍ୟତ୍ର ଫିଙ୍ଗି ଦେବାକୁ କହିଥିଲେ। କିନ୍ତୁ ଡ୍ରମର ଓଜନ ଅଧିକ ଥିବାରୁ ଘରକୁ ଆସିଥିବା ଶ୍ରମିକମାନେ ଏହାକୁ ଉଠାଇ ପାରି ନଥିଲେ। ତଥାପି ସେମାନେ ଡ୍ରମକୁ ଟେକାଟେକି କରିଥିଲେ। ଏତିକେ ବେଳେ ଡ୍ରମର ଉପର ଭାଗ ଖୋଲି ଯାଇଥିଲା। ତୁରନ୍ତ ଡ୍ରମରେ ଅଧା ପଚି ଯାଇଥିବା ସୌରଭଙ୍କ ଖଣ୍ଡବିଖଣ୍ଡିତ ମୃତଦେହର ଗନ୍ଧ ପୂରା ପରିବେଶରେ ଖେଳି ଯାଇଥିଲା। ଶ୍ରମିକମାନେ ଡ୍ରମକୁ ଉଠାଇବାରେ ବିଫଳ ହୋଇଥିବା ବେଳେ ଗନ୍ଧ ସେମାନଙ୍କ ମନରେ ସନ୍ଦେହ ସୃଷ୍ଟି କରିଥିଲା। ସେମାନେ କାମ ନ କରି ସେଠାରୁ ତୁରନ୍ତ ଚାଲି ଯାଇଥିଲେ। ଏସବୁ ଦେଖି ମୁସ୍କାନ ପୂରା ଡରି ଯାଇଥିଲା।

## ମଝି ଆକାଶରୁ ଆସିଲା ହାଇଜାକ ଆଲର୍ଟ

### ଜୟପୁରରେ ଜରୁରୀ ଅବତରଣ କଲା ଏୟାର ଇଣ୍ଡିଆ ବିମାନ



**ନୂଆଦିଲ୍ଲୀ,୧୪।୧୦:** ମଝି ଆକାଶରେ ଥିଲା ବିମାନ। ଜର୍ମାନୀର ଫ୍ରାଙ୍କଫୁର୍ଟରୁ ଏୟାର ଇଣ୍ଡିଆ ବିମାନ ଭାରତର ଦିଲ୍ଲୀକୁ ଆସୁଥିଲା। କିନ୍ତୁ ହଠାତ୍ ବିମାନର ପାଇଲଟ୍ ହାଇଜାକ ଆଶଙ୍କା କରି ଜାରି କରିଥିଲେ ଆଲର୍ଟ। ହାଇଜାକ ଆଲର୍ଟ ପରେ ଦେଖା ଯାଇଥିଲା ହଇଚଇ। ଆଉ ଦିଲ୍ଲୀ ବଦଳରେ ଏୟାର ଇଣ୍ଡିଆ ବିମାନ ଜୟପୁରରେ କରିଛି ଜରୁରୀ ଅବତରଣ। ଏବେ ଘଟଣାର ସୁରକ୍ଷା ଯାଞ୍ଚ କରାଯିବା ସହ ବିମାନବନ୍ଦରରେ ଜାରି ହୋଇଛି ହାଇଆଲର୍ଟ। ଏୟାର ଇଣ୍ଡିଆର ଏଆଇ -୨୦୩୦ ବିମାନ ଜର୍ମାନୀର ଫ୍ରାଙ୍କଫୁର୍ଟରୁ ଲୋକଙ୍କ ଧରୁ ଦିଲ୍ଲୀ ଅଭିମୁଖେ ଉଡ଼ାଣ ଭରିଥିଲା। ପ୍ରାୟ ସକାଳ ୯ଟା ବେଳେ ବିମାନଟି ମଝି ଆକାଶରେ ଥିବା ବେଳେ ଅହମଦାବାଦ ଏୟାର ଟ୍ରାଫିକ କଣ୍ଟ୍ରୋଲ(ଏଟିସି) ପାଖକୁ ଆସିଥିଲା ଏମର୍ଜେନ୍ସି ସିଗ୍ନାଲ। ବିମାନର ପାଇଲଟ କକପିଟ୍‌ରେ ଥିବା ୭୫୦୦ କୋଡ୍‌କୁ ପ୍ରେସ କରିଥିଲେ। ଏହି କୋଡ୍‌ର ଦବାଇବାର ଅର୍ଥ ବିମାନ ହାଇଜାକ କିମ୍ବା ବିମାନରେ ବେଆଇନ ଭାବେ ହସ୍ତକ୍ଷେପ କରାଯିବ ସହ ସମାନ। ଏହି ସିଗ୍ନାଲ ସିଧା ଏୟାର ଟ୍ରାଫିକ କଣ୍ଟ୍ରୋଲ ପାଖକୁ ଆସିଥାଏ। ଏୟାର ଇଣ୍ଡିଆ ବିମାନର ପାଇଲଟ୍ ହାଇଜାକ ସିଗ୍ନାଲ ଦେଇଥିବାରୁ ହଇଚଇ ସୃଷ୍ଟି ହୋଇଥିଲା। ସୁରକ୍ଷା ଏଜେନ୍ସିକୁ ଖବର ଦିଆଯାଇଥିଲା। ସକାଳ ପ୍ରାୟ ୯.୧୦ରେ ସୁରକ୍ଷା ଦୃଷ୍ଟିରୁ ଦିଲ୍ଲୀ ଏୟାରପୋର୍ଟର ୱାର ରୁମ ବିମାନକୁ ଜୟପୁରକୁ ଡାଇଭର୍ଟ କରିବାକୁ ଦେଇଥିଲା ନିର୍ଦ୍ଦେଶ। ଏହି ନିର୍ଦ୍ଦେଶ ପରେ ବିମାନଟି ଜୟପୁର ଅଭିମୁଖେ ଯାଇଥିଲା। ୯.୩୫ରେ ଏହା ଜୟପୁର ଅନ୍ତର୍ଜାତୀୟ ଏୟାରପୋର୍ଟରେ ଅବତରଣ କରିଥିଲା।

### ଭାରତୀୟ ନିର୍ବାଚନ କମିଶନଙ୍କୁ ସୁପ୍ରିମକୋର୍ଟଙ୍କ କଡା ଭର୍ତ୍ସନା

## ଭିଡିଓ ରେକର୍ଡିଂ ଦେବାକୁ ପଡ଼ିବ



**ନୂଆଦିଲ୍ଲୀ,୧୪।୧୦:** ଭାରତୀୟ ନିର୍ବାଚନ କମିଶନ (ଇସିଆଇ)କୁ ସୁପ୍ରିମକୋର୍ଟଙ୍କ କଡା ଭର୍ତ୍ସନା। ୨୦୨୩ କର୍ଣ୍ଣାଟକ ବିଧାନସଭା ନିର୍ବାଚନରେ ଶ୍ରୀଙ୍ଗେରି ବିଧାନସଭା କ୍ଷେତ୍ରରେ ଭୋଟ ଗଣନାର ଭିଡିଓ ରେକର୍ଡିଂ ନପାଇବା କୋର୍ଟ ଏଭଳି କଡ଼ା ଭର୍ତ୍ସନା କରିଛନ୍ତି । କଂଗ୍ରେସ ନେତା ଟିଡି ରାଜେଗୌଡ଼ା ଏବଂ ବିଜେପି ପ୍ରାର୍ଥୀ ଡିଏନ ଜୀଭରାଜଙ୍କ ମଧ୍ୟରେ ନିର୍ବାଚନ ବିବାଦ ସହିତ ଜଡିତ ଏକ ମାମଲାର ଶୁଣାଣି କରୁଥିଲେ ସର୍ବୋଚ୍ଚ ନ୍ୟାୟାଳୟ। ରାଜେଗୌଡ଼ା ୨୦୨୩ ବିଧାନସଭା ନିର୍ବାଚନରେ ଶ୍ରୀଙ୍ଗେରି ବିଧାନସଭା ନିର୍ବାଚନ ମଣ୍ଡଳୀରୁ ୨୦୧ ଭୋଟର ଅଳ୍ପ ବ୍ୟବଧାନରେ ଜିତିଥିଲେ କିନ୍ତୁ ଦ୍ୱିତୀୟ ଥର ଗଣତିରେ ଜୀଭରାଜଙ୍କୁ ଅଧିକ ଭୋଟ ମିଳିବା ପରେ କଂଗ୍ରେସ ପ୍ରାର୍ଥୀଙ୍କୁ ପଦରୁ ହଟାଇ ଦିଆଯାଇଥିଲା। ଯଦିଓ ମେ ମାସରେ, ସୁପ୍ରିମକୋର୍ଟ ରାଜେଗୌଡାଙ୍କୁ ଆଶ୍ୱସ୍ତି ପ୍ରଦାନ କରି ତାଙ୍କ ଆବେଦନର ଶୁଣାଣି ସମାପ୍ତ ନହେବା ପର୍ଯ୍ୟନ୍ତ ବିଧାନସଭା ସଦସ୍ୟ (ଏମ୍‌ଏଲଏ) ଭାବରେ କାର୍ଯ୍ୟ ଜାରି ରଖିବାକୁ ନିର୍ଦ୍ଦେଶ ଦେଇଥିଲେ। ବୁଧବାର ସେହି ଆବେଦନରେ ଉପରେ ଶୁଣାଣି କରି ଜଷ୍ଟିସ୍ ସଞ୍ଜୟ କୁମାର ଏବଂ ସଞ୍ଜୀବ ସଚଦେବଙ୍କ ଏକ ଖଣ୍ଡପୀଠ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଏହା ସେତେବେଳେ ଘଟିଥିଲା ଯେତେବେଳେ ଭାରତୀୟ ନିର୍ବାଚନ କମିଶନ (ଇସିଆଇ) ୨୦୨୩ ମସିହାରେ ଭୋଟ ଗଣତିର ଭିଡିଓ ରେକର୍ଡିଂ ଖୋଜି ପାଇପାରିଲେ ନାହିଁ ବୋଲି କହିଥିଲେ। କମିଶନଙ୍କୁ କଡା ଭର୍ତ୍ସନା କରି କୋର୍ଟ କହିଥିଲେ, 'ଭାରତୀୟ ନିର୍ବାଚନ କମିଶନ (ଇସିଆଇ) କିପରି କହିପାରିବେ ଯେ ସେ ତା'ର ରେକର୍ଡ ହଜାଇ ଦେଇଛି। ଆପଣଙ୍କର ପ୍ରାଥମିକ କାମ ହେଉଛି ନିର୍ବାଚନ ପରିଚାଳନା କରିବା। ଆପଣଙ୍କ ପାଖରେ ଡକ୍ୟୁମେଣ୍ଟ ରହିବା ଆବଶ୍ୟକ। 'ହଁ, ଆମେ ଏହାକୁ ଖୋଜିବାକୁ ଚେଷ୍ଟା କରୁଛୁ' କହିବାର ପ୍ରଶ୍ନ କେଉଁଠି ଉଠୁଛି ? ରେକର୍ଡର କୌଣସି କଷ୍ଟଡି ନାହିଁ। ଆପଣଙ୍କ ପାଖରେ ଯାହା ଅଛି ତାହା ପରବର୍ତ୍ତୀ ତାରିଖରେ ପ୍ରକାଶ କର। ନଚେତ୍, ଆମକୁ ଆପଣଙ୍କ ବିରୋଧରେ ପଦକ୍ଷେପ ନେବାକୁ ପଡିବ। ଆମେ ଏପରି ବେକାର ବାହାନାକୁ ସହ୍ୟ କରିବୁ ନାହିଁ।'ବାର ଆଣ୍ଡ ବେଞ୍ଚର ରିପୋର୍ଟ ଅନୁଯାୟୀ, ଶୁଣାଣି ସମୟରେ କୋର୍ଟ କହିଥିଲେ କଂଗ୍ରେସ ବିଧାୟକ ପର୍ଯ୍ୟବେକ୍ଷକଙ୍କ ରିପୋର୍ଟ ଏବଂ ମୂଳ ଭୋଟ ଗଣନା ଏବଂ ନିକଟରେ ଦ୍ୱିତୀୟ ଥର ହୋଇଥିବା ଭୋଟ ଗଣନାର ଭିଡିଓ ରେକର୍ଡିଂ ଦେଖିବାକୁ ଚାହାଁନ୍ତି। ଯେତେବେଳେ କୋର୍ଟ କହିଥିଲେ ଏହାର ଡକ୍ୟୁମେଣ୍ଟ ଏବଂ ଭିଡିଓ ରେକର୍ଡିଂଗୁଡ଼ିକ ଉପସ୍ଥାପନ କରାଯାଉ।

## ୪୦ କୋଟିର ହେରୋଇନ ସହ ଧରା ପଡ଼ିଲେ କନଷ୍ଟେବଲ

**ନୂଆଦିଲ୍ଲୀ,୧୪।୧୦:** କଥାରେ ଅଛି ରକ୍ଷକ ଯଦି ଭକ୍ଷକ ହେବ, ତା'ହେଲେ ଅଭିଯୋଗ କରିବେ କାହାକୁ। ଏହି ଲୋକ କଥାଟି ପୁଣି ସତ ପ୍ରମାଣିତ ହୋଇଛି। ନିଶା ଚୋରା ଚାଲାଣ ରୋକିବା ନିୟୋଜିତ ଜଣେ ପୁଲିସ୍ କନଷ୍ଟେବଲ ନିଜ ପଦର ଭରପୂର ଫାଇଦା ଉଠାଇଛନ୍ତି। ସେ ନିଶା ଚୋରା ଚାଲାଣ ରୋକିବା ପରିବର୍ତ୍ତେ ନିଜେ ଏସବୁ କାମରେ ନିୟୋଜିତ କରିଥିଲେ। ଅନ୍ତର୍ଜାତୀୟ ସୀମାନ୍ତରେ ଡ୍ରୋନରେ ନିଶା ଦ୍ରବ୍ୟ ଚାଲାଣ ହେଉଥିବାରୁ ଏହା ଉପରେ ନିଜର ରଖିବାକୁ ପଞ୍ଜାବ ପୁଲିସ୍‌ର ଏହି କନଷ୍ଟେବଲଙ୍କୁ ନିୟୋଜିତ କରାଯାଇଥିଲା। ହେଲେ ଏବେ ତରନ ତାରାନ ଜିଲ୍ଲାରେ ସେହି କନଷ୍ଟେବଲଙ୍କୁ ୧୫ କେଜିର ହେରୋଇନ ସହ ପୁଲିସ୍ ଧରିଛି। ଏତେ ପରିମାଣର ହେରୋଇନର ମୂଲ୍ୟ ୪୦ କୋଟି ଟଙ୍କା ହେବ ବୋଲି ପୁଲିସ୍ କହିଛି। ହେରୋଇନ ଜବତ ହେବା ପରେ ଗିରଫ ହୋଇଥିବା କନଷ୍ଟେବଲ ଜଣଙ୍କ ହେଲେ କରନଦୀପ ସିଂହ। ସୀମା ସୁରକ୍ଷା ବଳ ବା ବିଏସ୍ଏଫ ଓ ସୀମାନ୍ତ ସରାଇ ଅମନତ ଖାନ ଅଞ୍ଚଳର ଯାଞ୍ଚ ଏଜେନ୍ସିର ସ୍ୱତନ୍ତ୍ର ଅପରେସନ ବେଳେ କରନଦୀପଙ୍କୁ ଗିରଫ କରାଯାଇଛି।

## ରେଳ କର୍ମଚାରୀଙ୍କୁ ମିଳିବ ୭୮ ଦିନର ବୋନସ

**ନୂଆଦିଲ୍ଲୀ,୧୪।୧୦:** ରେଳ କର୍ମଚାରୀଙ୍କୁ କେନ୍ଦ୍ର ସରକାରଙ୍କ ପୂଜା ଭେଟି। ଏଥର ପୂଜା ପାଇଁ ରେଳ କର୍ମଚାରୀଙ୍କୁ ମିଳିବ ୭୮ ଦିନର ବୋନସ। ରେଳ କର୍ମଚାରୀଙ୍କୁ ୭୮ ଦିନ ପାଇଁ ଉତ୍ପାଦକତା ଆଧାରିତ ବୋନସ ପ୍ରଦାନ କରିବାକୁ କେନ୍ଦ୍ର କ୍ୟାବିନେଟର ଅନୁମୋଦନ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ୍ ଆଜି ଏହି ନିଷ୍ପତ୍ତି ହୋଇଛି। ସରକାରଙ୍କ ଏହି ୭୮ ଦିନର ଉତ୍ପାଦକତା ଆଧାରିତ ବୋନସ ବା ପିଏଲବି ନିଷ୍ପତ୍ତିର ଲାଭ ୧୧,୪୦,୭୭୦ ରେଳ କର୍ମଚାରୀଙ୍କୁ ମିଳିବ। ଏଥିପାଇଁ କେନ୍ଦ୍ର କ୍ୟାବିନେଟ୍ ୨୦୦୯.୬୧ କୋଟି ଟଙ୍କା ଖର୍ଚ୍ଚ କରିବେ। ଏହି ପ୍ରସ୍ତାବ ଉପରେ ଆଜି କ୍ୟାବିନେଟ୍ ମୋହର ମାରିଛି। ପ୍ରତିବର୍ଷ ଦୁର୍ଗା ପୂଜା ବା ଦଶହରା ଛୁଟି ପୂର୍ବରୁ ଯୋଗ୍ୟ ରେଳ କର୍ମଚାରୀଙ୍କୁ ପିଏଲବି ପ୍ରଦାନ କରାଯାଏ। ଚଳିତ ବର୍ଷ ମଧ୍ୟ ପ୍ରାୟ ୧୧.୪୦ ଲକ୍ଷ ଅଣ-ଗେଜେଟେଡ୍ ରେଳ କର୍ମଚାରୀଙ୍କୁ ୭୮ ଦିନର ମଜୁରୀ ସମକକ୍ଷ ପିଏଲବି ପ୍ରଦାନ କରାଯିବ। ବୋନସ କର୍ମଚାରୀମାନଙ୍କୁ ରେଳବାଇର କାର୍ଯ୍ୟଦକ୍ଷତାରେ ଉନ୍ନତି ଆଣିବା ନିମନ୍ତେ ପ୍ରେରଣା ଦେବା ପାଇଁ ଏକ ପ୍ରୋତ୍ସାହନ ଭାବରେ କାର୍ଯ୍ୟ କରେ ବୋଲି ସରକାର କହିଛନ୍ତି। ସରକାର କହିଛନ୍ତି ଯେ ପ୍ରତ୍ୟେକ ଯୋଗ୍ୟ ରେଳ କର୍ମଚାରୀଙ୍କ ପାଇଁ ୭୮ ଦିନର ମଜୁରୀ ସମକକ୍ଷ ପିଏଲବି ବାବଦରେ ସର୍ବାଧିକ ୧୭,୯୫୧ ଟଙ୍କା ମିଳିବ। ଉପରୋକ୍ତ ପରିମାଣର ଅର୍ଥରାଶି ବିଭିନ୍ନ ବର୍ଗର ରେଳ କର୍ମଚାରୀଙ୍କୁ ଦିଆଯିବ।

### ମଙ୍ଗଳରେ ଇତିହାସ ରଚିଲା ପର୍ସିଭିଅରାନ୍ସ ରୋଭର

## ୫ ବର୍ଷରେ ଅତିକ୍ରମ କଲା ୧୫ ବର୍ଷର ଦୂରତା



**ନୂଆଦିଲ୍ଲୀ,୧୪।୧୦:** ଅନ୍ୟ ଏକ ଦୁନିଆରେ ଅଦ୍ୟାବଧି ଯାତ୍ରା କରିଥିବା ଯେକୌଣସି ଯାନଠାରୁ ଅଧିକ ଦୂରତା ଅତିକ୍ରମ କରିଛି ନାସାର ପର୍ସିଭିଅରାନ୍ସ ରୋଭର । ଚଳିତ ମାସ ୧୧ ତାରିଖ ରୋଭରର ଅଡୋମିଟର ୪୫.୨୨ କିମି ଯାତ୍ରା କରିଥିଲା। ଏହା ଜରିଆରେ ନାସାର ଅପର୍ଚୁନିଟି ରୋଭରର ୪୫.୧୬ କିମି ଯାତ୍ରାର ରେକର୍ଡ ଭାଙ୍ଗିଛି । ଅପର୍ଚୁନିଟି ରୋଭର୍ ୨୦୦୪ରୁ ୨୦୧୮ ମସିହା ମଧ୍ୟରେ ମଙ୍ଗଳ ଗ୍ରହରେ ଅନ୍ୱେଷଣ କରିଥିଲା। ନିଜ ମିଶନ୍‌ର ୨,୦୦୬ତମ ମଙ୍ଗଳ ଦିବସରେ ପର୍ସିଭିଅରାନ୍ସ ଏହି ଉପଲବ୍ଧି ହାସଲ କଲା । ଯେତିକି ଦୂରତା ଅତିକ୍ରମ କରିବାକୁ ଅପର୍ଚୁନିଟିକୁ ହାରାହାରି ୧୫ ବର୍ଷ ସମୟ ଲାଗିଲା, ଏହା ୫ ବର୍ଷରେ ସେହି ଦୂରତା ଅତିକ୍ରମ କରିଛି । ପର୍ସିଭିଅରାନ୍ସ ଜେଜିରୋ ଗର୍ତ୍ତର ପଶ୍ଚିମ ଧାର ନିକଟରେ ଥିବା ଲାକ୍ ଡି ଚାର୍ମସ ଅଞ୍ଚଳ ମଧ୍ୟଦେଇ 'ଇଡୁବି' ନାମକ ସ୍ଥାନ ଅଭିମୁଖେ ଯାତ୍ରା କରିଛି । ଏଠାରେ ଏଭଳି ସ୍ଥାନର ଯାଞ୍ଚ କରୁଛି, ଯାହା ସମ୍ଭବତଃ ସୌରମଣ୍ଡଳରେ ଅଦ୍ୟାବଧି ଆବିଷ୍କୃତ ଅନ୍ୟତମ ସର୍ବପ୍ରାଚୀନ ଚଟାଣ ହୋଇପାରେ। ଲାକ୍ ଡି ଚାର୍ମସ୍‌ର ପଥର ଓ ଚଟାଣ ଏତେ ପ୍ରାଚୀନ ଯେ ପୃଥିବୀରେ ଏଭଳି ଚଟାଣ ବହୁ ପୂର୍ବରୁ କ୍ଷୟ ହୋଇସାରିଛି (ମଙ୍ଗଳରେ ଟେକ୍ଟୋନିକ୍ ପ୍ଲେଟ୍ ନାହିଁ) । ଇଡୁବି ସେହି ସ୍ଥାନ ଯେଉଁଠି ବୈଜ୍ଞାନିକ ଟିମ୍ ପ୍ରାଚୀନ ଜଳ-ତାପଜ ପ୍ରଣାଳୀର ସଙ୍କେତ ପାଇବାକୁ ଆଶା ବାନ୍ଧିଛନ୍ତି । ପର୍ସିଭିଅରାନ୍ସ ନିରନ୍ତର ଜେଜିରୋ କ୍ରାଟରରେ ଘୂରିବୁଲୁଛି ଏବଂ ପ୍ରାଚୀନ ହ୍ରଦର ସଙ୍କେତ ଥିବା ସ୍ଥାନଗୁଡ଼ିକୁ ଅଧ୍ୟୟନ କରୁଛି । ଏହାର ସ୍ୱୟଂଚାଳିତ ଦିଗନିର୍ଣ୍ଣୟ ପ୍ରଣାଳୀ ଅଟୋନାଭ୍ ନିଜେ ଅଧିକାଂଶ ଚାଳନା ଦାୟିତ୍ୱ ସମ୍ଭାଳୁଛି । ୨୦୨୮ ଯାଏ ରୋଭର୍ ମଙ୍ଗଳରେ ଅନ୍ୱେଷଣ ଜାରି ରଖିବ । ଏହାର ସମସ୍ତ ପ୍ରଣାଳୀ ଏବେ ବି ମଜଭୁତ ଅଛି ଏବଂ ପରବର୍ତ୍ତୀ ଯାତ୍ରା ଲାଗି ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛି ।

### ଲଦାଖର ୨୮ ସ୍ଥାନକୁ ନେଇ ଚୀନର ଦାଦାଗିରି

## ଜୟଶଙ୍କରଙ୍କ କଡ଼ା ଚେତାବନୀ 'ସୀମାରେ ଶାନ୍ତି ନଥିଲେ ସମ୍ପର୍କ ସ୍ୱାଭାବିକ ନୁହେଁ'

**ନୂଆଦିଲ୍ଲୀ,୧୪।୧୦:** "ସୀମାରେ ଶାନ୍ତି ନ ରହିଲେ ଚୀନ୍ ସହ ସମ୍ପର୍କ ସ୍ୱାଭାବିକ ହୋଇପାରିବ ନାହିଁ" ବୈଦେଶିକ ମନ୍ତ୍ରୀ ଏସ୍. ଜୟଶଙ୍କରଙ୍କ ଦୃଢ଼ ଚେତାବନୀ । ଲଦାଖର ୨୮ଟି ରଣନୈତିକ ସ୍ଥାନ ଏବଂ ଭୌଗୋଳିକ କ୍ଷେତ୍ରର ମାନକୀକୃତ ନାମକରଣ ନେଇ ଭାରତର ପଦକ୍ଷେପ ଉପରେ ଚୀନର ଅପତ୍ତିକୁ ନେଇ କଡ଼ା ଜବାବ ଦେଇଛନ୍ତି ବୈଦେଶିକ ମନ୍ତ୍ରୀ ଡ. ଏସ୍. ଜୟଶଙ୍କର । ସେ ସ୍ପଷ୍ଟ ଭାବେ କହିଛନ୍ତି ଯେ, ସୀମାରେ ଶାନ୍ତି ଓ ସ୍ଥିରତା ବିନା ପଡ଼ୋଶୀ ଦେଶ ସହ ସମ୍ପର୍କ ସ୍ୱାଭାବିକ ହୋଇପାରିବ ନାହିଁ । 'ବ୍ଲୁମବର୍ଗନ୍ୟୁ ଇକୋନୋମି ଫୋରମ୍'ରେ ଭାରତ-ଚୀନ୍ ସମ୍ପର୍କ ସମ୍ପର୍କରେ ମତ ରଖି ଜୟଶଙ୍କର କହିଛନ୍ତି, "ଆମେ ଚୀନକୁ ସ୍ପଷ୍ଟ ଭାବେ କହୁଛୁ ଯେ ଯଦି ଆପଣ ସମ୍ପର୍କକୁ ସ୍ୱାଭାବିକ ରଖିବାକୁ ଚାହୁଁଛନ୍ତି ଏବଂ ଦ୍ୱିପାକ୍ଷିକ ସମ୍ପର୍କର ଅନ୍ୟାନ୍ୟ ଦିଗଗୁଡ଼ିକୁ ଆଗକୁ ବଢ଼ାଇବାକୁ ଚାହୁଛନ୍ତି, ତେବେ ଏହା ବୁଝିବା ଜଟିଳ ନୁହେଁ ଯେ ସୀମାରେ ଶାନ୍ତି ବଜାୟ ରଖିବା ଅତ୍ୟନ୍ତ ଜରୁରୀ ।" ସେ ଆହୁରି ମଧ୍ୟ କହିଛନ୍ତି ଯେ, ଭାରତ ଏବଂ ଚୀନ ମଧ୍ୟରେ ସୀମାର ଏ ପର୍ଯ୍ୟନ୍ତ କୌଣସି ସହମତିଭିତ୍ତିକ ସୀମା ନିର୍ଦ୍ଧାରଣ ହୋଇନାହିଁ । ଏହା କୌଣସି ନୂଆ ପ୍ରସଙ୍ଗ ନୁହେଁ, ବରଂ ଦଶନ୍ଧି ଧରି ଚାଲିଆସୁଛି । ୧୯୭୫ରୁ ୨୦୨୦ ୪୫ ବର୍ଷ ଏହି ସମୟ ମଧ୍ୟରେ ସୀମାରେ କୌଣସି ପ୍ରକାରର ରକ୍ତପାତ କିମ୍ବା ମୃତ୍ୟୁ ଘଟି ନଥିଲା । ଏହି ସମୟ ମଧ୍ୟରେ ଭାରତ ଓ ଚୀନ ସମ୍ପର୍କରେ ମଧ୍ୟ ଉନ୍ନତି ଆସିଥିଲା । ମାତ୍ର ୨୦୨୦ରେ, ଯେତେବେଳେ ସମାଜ ଏକାନ୍ତରେ ଏବଂ କୋଭିଡ୍ ମହାମାରୀ ଦେଇ ଗତି କରୁଥିଲା, ସେତେବେଳେ ସୀମାରେ ଉତ୍ତେଜନା ସୃଷ୍ଟି ହୋଇଥିଲା । ଉଭୟ ଦେଶର ସେନା ମଧ୍ୟରେ ହୋଇଥିବା ସଂଘର୍ଷରେ ଅନେକ ସୈନିକ ପ୍ରାଣ ହରାଇଥିଲେ । ଭାରତ ପାଇଁ ଏହା ୧୯୭୫ ପରଠାରୁ ଚାଲିଆସୁଥିବା ସ୍ଥିତିରେ ଏକ ବଡ଼ ପରିବର୍ତ୍ତନ ଥିଲା । ଆମର ସ୍ପଷ୍ଟ ଆଭିମୁଖ୍ୟ ରହିଛି ଯେ ଯଦି ସୀମାରେ ଶାନ୍ତି ଓ ସ୍ଥିରତା ଭଙ୍ଗ ହୁଏ, ତେବେ ଏହାର ପ୍ରଭାବ ଦ୍ୱିପାକ୍ଷିକ ସମ୍ପର୍କ ଉପରେ ପଡ଼ିବ ।

## ଗଙ୍ଗାନଦୀରେ ବୁଡ଼ିଲା ଯାତ୍ରୀବାହୀ ଡଙ୍ଗା, ୧୩ ଶିଶୁଙ୍କ ମୃତ୍ୟୁ

**ବିହାର,୧୪।୧୦:** ବିହାର ଡଙ୍ଗା ବୁଡ଼ି ଘଟଣା । ୧୩ ଜଣ ଶିଶୁଙ୍କ ମୃତ୍ୟୁ, ୭ ଜଣ ଉଦ୍ଧାର। ଗତକାଲି ସନ୍ଧ୍ୟାରେ ଗଙ୍ଗା ନଦୀରେ ଛୋଟ ଡଙ୍ଗା ବୁଡ଼ି ୧୩ ଜଣ ଶିଶୁ ପ୍ରାଣ ହରାଇଛନ୍ତି । ବିହାରର ବୈଶାଳୀ ଜିଲ୍ଲା ରାଘୋପୁର ଥାନା ଅଞ୍ଚଳରେ ଘଟିଛି ଅଭାବନୀୟ ଘଟଣା । ପ୍ରାଣ ହରାଇଥିବା ସମସ୍ତ ୧୩ ଜଣ ଶିଶୁଙ୍କ ବୟସ ୧୫ ବର୍ଷରୁ କମ୍ । ଡଙ୍ଗାରେ ପ୍ରାୟ ୧୫ ରୁ ୨୦ ଜଣ ଯାତ୍ରୀ ଥିଲେ। ଏମାନଙ୍କ ମଧ୍ୟରୁ ଅଧିକାଂଶ ରାମପୁର ଶ୍ୟାମଚନ୍ଦ ଗାଁର ଶିଶୁ ଥିଲେ । ଏକ ଭୋଜିରେ ଯୋଗଦେବା ପାଇଁ ନଦୀ ପାର ହେଉଥିବା ବେଳେ ଗତକାଲି ରାତି ପ୍ରାୟ ୮ ଟା ୩୦ ରେ ଡଙ୍ଗାଟି ବୁଡ଼ି ଯାଇଥିଲା । ଜରୁରୀକାଳୀନ ଟିମ ଓ ସ୍ଥାନୀୟ ବୁଡ଼ାଳିଙ୍କ ଦ୍ୱାରା ସାତ ଜଣ ଶିଶୁଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି । ପାଟନାର ନାଳନ୍ଦା ମେଡିକାଲ କଲେଜ ଓ ହସ୍ପିଟାଲରେ ସେମାନଙ୍କର ଚିକିତ୍ସା ଚାଲିଥିବା ବୈଶାଳୀ ଜିଲ୍ଲା ମାଜିଷ୍ଟ୍ରେଟ୍ ବର୍ଷା ସିଂ ସ୍ପଷ୍ଟ କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଦୁର୍ଘଟଣା ନେଇ ଗଭୀର ଶୋକ ପ୍ରକାଶ କରିବା ସହ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ୍ ପାଣ୍ଠିରୁ ପ୍ରତ୍ୟେକ ମୃତକଙ୍କ ପରିବାର ପାଇଁ ୨ ଲକ୍ଷ ଟଙ୍କା ଓ ଆହତଙ୍କ ପାଇଁ ୫୦ ହଜାର ଟଙ୍କାର ସହାୟତା ରାଶି ଘୋଷଣା କରିଛନ୍ତି । ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ନେତୃତ୍ୱରେ ପ୍ରତ୍ୟେକ ମୃତକଙ୍କ ପରିବାରକୁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି ।

## ହର୍ମୁଜ୍ ପ୍ରଣାଳୀରେ ବ୍ୟବସାୟିକ ଜାହାଜଗୁଡ଼ିକୁ ଟାର୍ଗେଟ୍ କରିବା ପାଇଁ ଇରାନର ନୂଆ କୌଶଳ

**ତେହେରାନ୍,୧୪।୧୦:** ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ ହର୍ମୁଜ୍ ପ୍ରଣାଳୀ ଏବଂ ଏହାର ଆଖପାଖ ଅଞ୍ଚଳରେ ବ୍ୟବସାୟିକ ଜାହାଜଗୁଡ଼ିକୁ ଟାର୍ଗେଟ୍ କରିବା ପାଇଁ ଇରାନ୍ ନୂଆ କୌଶଳ ଆପଣାଇଥିବା ରିପୋର୍ଟରୁ ପ୍ରକାଶ ପାଇଛି। ଦୁଇଜଣ ବରିଷ୍ଠ ଇରାନୀ ଅଧିକାରୀଙ୍କ ସୂଚନା ଅନୁଯାୟୀ, ପ୍ରାୟ ୧୦ ଦିନ ପୂର୍ବରୁ ଇରାନ୍ ନିଜର କାର୍ଯ୍ୟଶୈଳୀରେ ପରିବର୍ତ୍ତନ ଆଣିଛି। ନିଜ ନିୟମାବଳୀ ଉଲ୍ଲଂଘନ କରୁଥିବା ଜାହାଜଗୁଡ଼ିକ ଉପରେ ଆକ୍ରମଣର ଗତି ଏବଂ ଶୈଳୀକୁ ବୃଦ୍ଧି କରାଯାଇଛି। ଆମେରିକାରେ ଆଗାମୀ ନଭେମ୍ବର ମାସରେ ହେବାକୁ ଥିବା ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ପୂର୍ବରୁ ବିଶ୍ୱ ବଜାରରେ ଅଶୋଧିତ ତୈଳ ଦରକୁ ଉଚ୍ଚା ରଖିବା ଏହି ପଦକ୍ଷେପର ମୁଖ୍ୟ ଲକ୍ଷ୍ୟ ବୋଲି ଅଧିକାରୀମାନେ କହିଛନ୍ତି। ବିଶ୍ୱ ବଜାରରେ ତୈଳ ଦର କମାଇବା ପାଇଁ ଆମେରିକା ଓ ଏହାର ସହଯୋଗୀ ଦେଶଗୁଡ଼ିକର ଉଦ୍ୟମକୁ ବିଫଳ କରିବା ଆମର ଲକ୍ଷ୍ୟ ବୋଲି ଜଣେ ଇରାନୀ ଅଧିକାରୀ ରଏଟର୍ସକୁ କହିଛନ୍ତି। ଆମେରିକା ସେନାର ଜଣେ ଅଧିକାରୀ ମଧ୍ୟ ଇରାନର ଏହି କୌଶଳଗତ ପରିବର୍ତ୍ତନକୁ ସ୍ୱୀକାର କରିଛନ୍ତି। ଆମେରିକୀୟ ଆକ୍ରମଣରେ ଇରାନର ରାଡାର୍ ବ୍ୟବସ୍ଥା କ୍ଷତିଗ୍ରସ୍ତ ହେବା ପରେ, ଇସଲାମିକ୍ ରିଭୋଲ୍ୟୁସନରୀ ଗାର୍ଡ କୋର୍ (ଆଇଆରଜିସି) ଏବେ ଛୋଟ ଡଙ୍ଗାରେ ନିରସ୍ତ୍ର ନାଗରିକ ସ୍ପୋଟର (ନଜର ରଖୁଥିବା ବ୍ୟକ୍ତି) ମାନଙ୍କୁ ନିୟୋଜିତ କରୁଛି। ଏହି ସ୍ପୋଟରମାନେ ବ୍ୟବସାୟିକ ଓ ସାମରିକ ଜାହାଜଗୁଡ଼ିକୁ ଚିହ୍ନଟ କରି ସେମାନଙ୍କ ସ୍ଥିତି ଆଇଆରଜିସି ୟୁନିଟ୍‌କୁ ପଠାଉଛନ୍ତି। ଗତ ସପ୍ତାହରେ ଆମେରିକୀୟ ସେନା ଏପରି ଏକ ଇରାନୀ ସ୍ପୋଟର ଡଙ୍ଗାକୁ ଚିହ୍ନଟ କରି ଅଟକାଇଥିଲା ଏବଂ ସେଥିରେ ଥିବା ଲୋକଙ୍କୁ ଓହ୍ଲାଇ ଦେବା ପରେ ଡଙ୍ଗାଟିକୁ ଧ୍ୱଂସ କରିଦେଇଥିଲା, ଯେଉଁଥିରେ କୌଣସି ମୃତାହତର ଖବର ନାହିଁ।

# ହାଇଦ୍ରାବାଦରେ ହାରିଲା ଭାରତ

## ହୋପ୍‌ଙ୍କ ଶତକରେ ଜିତିଲା ୱେଷ୍ଟଇଣ୍ଡିଜ, ସିରିଜ ସ୍ଥିତି ୨-୨

ହାଇଦ୍ରାବାଦ,୧୪/୧୦: ହାଇଦ୍ରାବାଦରେ ଖେଳାଯାଇଥିବା ଚତୁର୍ଥ ଟି ୨୦ ରେ ୱେଷ୍ଟଇଣ୍ଡିଜ୍ ଭାରତକୁ ପରାସ୍ତ କରିଛି। ୨୪୭ ରନ୍ ସ୍କୋରର କରିବା ପରେ ୱେଷ୍ଟଇଣ୍ଡିଜ୍ ଚତୁର୍ଥ ଟି ୨୦କୁ ୧୪ ରନରେ ଜିତିନେଇଛି । ଏହା ସହିତ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ସିରିଜ୍ ୨-୨ରେ ବରାବର ରହିଛି। ରାଜୀବ ଗାନ୍ଧୀ ଅନ୍ତର୍ଜାତୀୟ ଷ୍ଟାଡିୟମରେ ପ୍ରଥମେ ଖେଳି ୱେଷ୍ଟଇଣ୍ଡିଜ୍ ୨୦ ଓଭରରେ ତିନୋଟି ୱିକେଟ୍ ହରାଇ ୨୪୭ ରନ୍ ସ୍କୋର କରିଥିଲା। ଏହାର ଜବାବରେ ଭଲ ଆରମ୍ଭ ସତ୍ତ୍ୱେ ଟିମ୍ ଇଣ୍ଡିଆ ମାତ୍ର ୨୨୩ ରନ୍ କରିପାରିଥିଲା। କ୍ୟାପଟେନ ଶାଇ ହୋପ ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଏକ ଶତକୀୟ ଅପରାଜିତ ଇନିଂସ ଖେଳିଥିଲେ। ବୋଲିଂରେ କିମୋ ପାଲ ୪୧ ରନ୍ ଦେଇ ୫ଟି ୱିକେଟ୍ ନେଇଥିଲେ।

୨୪୮ ରନର ଟାର୍ଗେଟକୁ ଗୋଡ଼ାଉଥିବା ବେଳେ ଟିମ୍ ଇଣ୍ଡିଆ ମାତ୍ର ୩ ଓଭରରେ ୫୦ ରନ୍ କରିପାରିଥିଲା । ଟି ୨୦ ଇଣ୍ଟରନ୍ୟାସନାଲରେ ଏହା ଭାରତର ଦ୍ରୁତତମ ପଚାଶ ରନ୍ ଥିଲା। ସଞ୍ଜୁ ସାମସନ ୨୩ ବଲରେ ୫୬ ରନ୍ ସ୍କୋର କରିବା ପରେ ଆଉଟ୍ ହୋଇଥିଲେ। ତାଙ୍କ ବ୍ୟାଟରୁ ୪ ଟି ଚୌକା ଓ ୬ ଟି ଛକା ଆସିଥିଲା। ଏହି ଅବଧି ମଧ୍ୟରେ, ସେ ଟି -୨୦ ଇଣ୍ଟରନ୍ୟାସନାଲରେ ୧୦୦ ଟି ଛକା ମଧ୍ୟ ପୂରଣ କରିଥିଲେ। ଇଶାନ କିଶନ ଆସିବା ମାତ୍ରେ ଗୋଟିଏ ଛକା ମାରିଥିଲେ ମଧ୍ୟ ସେ ତୃତୀୟ ବଲରେ ଆଉଟ୍ ହୋଇଥିଲେ। ପାୱାରପ୍ଲେରେ ଅଭିଷେକ ଶର୍ମା ଅଧିକ ବଲ ଖେଳିବାର ସୁଯୋଗ ପାଇଲେ ନାହିଁ। ସାମସନ୍ ଅଧିକାଂଶ ବ୍ୟାଟିଂ କରିଥିଲେ। ଏଭଳି ପରିସ୍ଥିତିରେ ଅଭିଷେକ ଆଶାନୁରୂପ ବିସ୍ଫୋରକ ବ୍ୟାଟିଂ କରିପାରିନଥିଲେ। ଲଗାତାର ୱିକେଟ୍ ହ୍ରାସ ହେତୁ ତାଙ୍କ ଉପରେ ଚାପ ବ ?ିଥିଲା।

୧୧ ବଲରେ ୧୬ ରନ୍ ସ୍କୋର କରିବା ପରେ କ୍ୟାପଟେନ୍ ଶ୍ରେୟସ୍ ଆୟର ପାଭିଲିୟନକୁ ଫେରିଥିଲେ । ତା'ପରେ ଅଭିଷେକ ଶର୍ମା ୧୩ ତମ ଓଭରରେ ଆଉଟ୍ ହୋଇଯିବା ପରେ ଭାରତର ବିଜୟ ଆଶା ମଉଳିଯାଇଥିଲା। ଅଭିଷେକ ୨୪ ବଲରେ ମାତ୍ର ୨୯ ରନ୍ ସଂଗ୍ରହ କରିଥିଲେ। ଅଭିଷେକ ଆଉଟ ହେବା ପରେ ନମାନ ଧୀର ପରବର୍ତ୍ତୀ ବଲରେ ପ୍ୟାଭିଲିୟନକୁ ଫେରିଥିଲେ। ସେ ଶୂନ୍ୟରେ ଆଉଟ ହୋଇଥିଲେ। ଗୁଦାକେଶ ମୋତି ଉଭୟଙ୍କୁ ପ୍ୟାଭିଲିୟନକୁ ପଠାଇଥିଲେ। ଦ୍ୱାଦଶ ଓଭରରେ ୧୩୦ ରନରେ





୫ ୱିକେଟ୍ ଖସିଯିବା ପରେ ତିଲକ ବର୍ମା ଏବଂ ନୀତୀଶ କୁମାର ରେଡ୍ଡୀ ଲଢ଼ିଥିଲେ। ଆବଶ୍ୟକ ରନ୍ ହାର ଅନୁଯାୟୀ ଉଭୟ ରନ୍ ସ୍କୋର କରିଥିଲେ। ତେବେ ଯେତେବେଳେ ଭାରତକୁ ୧୯ ଟି ବଲରେ ୪୮ ରନ୍ ସ୍କୋର କରିବାର ଥିଲା, ସେତେବେଳେ ତିଲକ ବର୍ମା ଆଉଟ୍ ହୋଇଗଲେ। ସେ ଦୁଇଟି ଚୌକା ଓ ତିନୋଟି ଛକା ସହାୟତାରେ ୨୫ ବଲରେ ୪୩ ରନ ସ୍କୋର କରିଥିଲେ।୨୦ ବଲରେ ୪୧ ରନ୍ ସ୍କ ?ର କରିବା ପରେ ନୀତୀଶ ରେଡ୍ଡୀ ଆଉଟ୍ ହୋଇଥିଲେ। ସେ ଗୋଟିଏ ଚାରି ଓ ଚାରି ଛକା ମାରିଥିଲେ।

ଭାରତୀୟ ଅଧିନାୟକ ଶ୍ରେୟସ ଆୟର ଟସ୍ ଜିଣି ପ୍ରଥମେ ବୋଲିଂ ନିଷ୍ପତ୍ତି ନେଇଥିଲେ। ଅତିଥି ଦଳ ଅଧିନାୟକ ସାଇ ହୋପ୍‌ଙ୍କ ବିସ୍ଫାରକ ବ୍ୟାଟିଂ ବଳରେ ୩ ୱିକେଟ୍ ହରାଇ ୨୪୭ ରନ୍ କରିଥିଲା। ଫଳରେ ଭାରତକୁ ଏହି ମ୍ୟାଚ୍ ଜିତିବା ପାଇଁ ୨୪୮ ରନ୍‌ର ଲକ୍ଷ୍ୟ ମିଳିଛି। ୱେଷ୍ଟଇଣ୍ଡିଜ୍ ପାଇଁ ଅଧିନାୟକ ସାଇ ହୋପ୍ ସର୍ବାଧିକ ବ୍ୟକ୍ତିଗତ ସ୍କାର କରିଛନ୍ତି। ସେ ଅପରାଜିତ ରହି ୫୦ଟି ବଲ୍ ଖେଳିଛନ୍ତି ଏବଂ ଏଥିରୁ ୧୦୨ ରନ୍ ସଂଗ୍ରହ କରିଛନ୍ତି, ଯେଉଁଥିରେ ୪ଟି ଚେକା ଏବଂ ୯ଟି ଛକା ସାମିଲ ଅଛି। ୱେଷ୍ଟଇଣ୍ଡିଜର ପ୍ରାରମ୍ଭିକ ବ୍ୟାଟିଂ ଭଲରୁ ଆରମ୍ଭ ହୋଇଥିଲା। ପ୍ରାରମ୍ଭିକ ବ୍ୟାଟର ସାଇ ହୋପ୍ ଏବଂ ଜ୍‌ବେଲ୍ ଆଣ୍ଡ୍ରୁ ପ୍ରଥମ ୱିକେଟ୍ ପାଇଁ ୫୨ ରନ୍‌ର ଭାଗିଦାରୀ କରିଥିଲେ। ଦ୍ୱିତୀୟ ୱିକେଟ୍ ପାଇଁ ସିମରନ ହେଟମେୟର ଏବଂ ସାଇ ହୋପ୍ ୬୨ ରନ୍‌ର ଭାଗିଦାରୀ କରିଥିଲେ। ସେହିପରି ତୃତୀୟ ୱିକେଟ୍ ପାଇଁ ରୋଭମ୍ୟାନ ପାୱେଲଙ୍କ ସହିତ ସାଇ ହୋପ୍ ୪୬ ରନ୍‌ର ଭାଗିଦାରୀ କରିଥିଲେ। ଜ୍‌ବେଲ ଆଣ୍ଡ୍ରୁ ବ୍ୟକ୍ତିଗତ ଭାବେ ୨୧ ରନ୍ ସଂଗ୍ରହ କରିଥିଲେ। ସେ ୧୬ଟି ବଲ୍ ଖେଳି ୨ଟି ଚେକା ଏବଂ ଗୋଟିଏ ଛକା ମାରିଥିଲେ। ବିସ୍ଫାରକ ବ୍ୟାଟର ହେଟ୍‌ମେୟର ୧୨ଟି ବଲ୍ ଖେଳି ୪ଟି ଚେକା ଏବଂ ୨ଟି ଛକା ବଳରେ ୩୩ ରନ୍ ଯୋଡ଼ିଥିଲେ। ସେହିପରି ୧୭ଟି ବଲ୍ ଖେଳି ୨ଟି ଚେକା ଏବଂ ଗୋଟିଏ ଛକା ମାରିଥିଲେ ରୋଭମ୍ୟାନ୍ ପାୱେଲ। ଭାରତ ପାଇଁ ଦ୍ରୁତ ବୋଲର ଅର୍ଶଦୀପ ସିଂହ, ପ୍ରିନ୍ସ ଯାଦବ ଏବଂ ଅକ୍ଷର ପଟେଲ ଗୋଟିଏ ଲେଖାଏଁ ୱିକେଟ୍ ମିଳିଥିଲା।

# ପ୍ରଧାନମନ୍ତ୍ରୀଙ୍କୁ ଭେଟିବେ ଟିମ୍ ଇଣ୍ଡିଆର ଖେଳାଳି ଓ କ୍ରୀଡ଼ାବିତ୍

ନୂଆଦିଲ୍ଲୀ: ଓ୍ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଟି-୨୦ ସିରିଜ୍ ଖେଳୁଛି ଭାରତ । ୫ ମ୍ୟାଚ୍ ବିଶିଷ୍ଟ ଏହି ସିରିଜ୍ ରହିଥିବାବେଳେ ଭାରତ ୨-୧ରେ ଆଗୁଆ ରହିଛି । ବୁଧବାର ଚତୁର୍ଥ ଟି-୨୦ ଖେଳାଯିବାକୁ ରହିଛି । ଯାହାକି ହାଇଦ୍ରାବାଦରେ ଖେଳାଯିବାକୁ ରହିଛି । ତେବେ ଏହି ମ୍ୟାଚ୍ ସରିବା ପରେ ଟିମ୍ ଇଣ୍ଡିଆର ଖେଳାଳି ଦିଲ୍ଲୀ ଯାଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଦିଲ୍ଲୀରେ



ଯାଇ ଭେଟିବାର କାର୍ଯ୍ୟକ୍ରମ ରହିଛି । ତେବେ ହଠାତ୍ କାହିଁକି ଭେଟିବେ ଏହାକୁ ନେଇ ଫ୍ୟାନ୍ସଙ୍କ ମଧ୍ୟରେ ବେଶ ଉତ୍ସାହ ମଧ୍ୟ ଦେଖିବାକୁ ମିଳିଛି ।

ମିଳିଥିବା ସୂଚନା ଅନୁଯାୟୀ, ନିକଟରେ ଏସୀୟ କ୍ରୀଡ଼ାରେ ପଦକ ଜିତିଥିବା ଏବଂ ଅଂଶ ଗ୍ରହଣ କରିଥିବା ଖେଳାଳିଙ୍କ ସହ ଆଲୋଚନା କରିବେ । ଯାହାକି ଦିଲ୍ଲୀର ମେଜର ଧ୍ୟାନଚାନ୍ଦ ଜାତୀୟ ଷ୍ଟାଡିୟମରେ ଅନୁଷ୍ଠିତ ହେବ । ତେବେ ଏସୀୟ କ୍ରୀଡ଼ାରେ ଭାରତୀୟ ପୁରୁଷ କ୍ରିକେଟ ଦଳ ସ୍ୱର୍ଣ୍ଣ ସପଦ ଜିତିଛି । ଏହାସହ ମହିଳା ଦଳ ମଧ୍ୟ ସ୍ୱର୍ଣ୍ଣ ପଦକ ମଧ୍ୟ ଜିତିଛି । ଏଣୁ ସମସ୍ତ ଖେଳାଳି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହିବେ ବୋଲି ସୂଚନା ମିଳିଛି । ସେପଟେ ଏସୀୟ କ୍ରୀଡ଼ା କଥା ଯଦି କହିବା ତାହେଲେ ଭାରତ ପଦକ ହାସଲ କରିବାରେ ଚତୁର୍ଥ ସ୍ଥାନରେ ରହିଥିଲା । ଭାରତୀୟ ଆଥଲେଟମାନେ ମୋଟ୍ ୮୫ଟି ପଦକ ଜିତିଛନ୍ତି । ଯେଉଁଥିରେ ୨୧ଟି ସ୍ୱର୍ଣ୍ଣ, ୨୭ଟି ରେପ୍ୟ ଏବଂ ୩୭ଟି ବ୍ରୋଞ୍ଜ ପଦକ ସାମିଲ୍ ରହିଛି । ତେବେ ସମସ୍ତଙ୍କୁ ସମ୍ମାନିତ କରାଯିବ । ଏହି ବୈଠକରେ ଭାରତୀୟ ଆଥଲେଟ୍ସାନଙ୍କ କୋଚ୍, ସହକାରୀ କର୍ମଚାରୀ, ଭାରତୀୟ ଅଲିମ୍ପିକ୍ ସଂଘର ଅଧିକାରୀ, ଜାତୀୟ କ୍ରୀଡ଼ା ସଂଘର ପ୍ରତିନିଧି ଏବଂ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟର ଅଧିକାରୀମାନେ ମଧ୍ୟ ଉପସ୍ଥିତ ରହିବେ।

# ଏସ୍‌ଆରଏଚ୍‌କୁ ଫେରିଲେ ନଟରାଜନ

ନୂଆଦିଲ୍ଲୀ: ୟର୍କର କିଙ୍ଗଭାବେ ଜଣାଶୁଣା ଟି.ନଟରାଜନ ପୁରୁଣା ଦଳକୁ ଫେରିଛନ୍ତି । ଆଇପିଏଲ ୨୦୨୭ରେ ସନରାଇଜର୍ସ ପକ୍ଷରୁ ପୁଣିଥରେ ଖେଳିବେ । ଦିଲ୍ଲୀ ଏବଂ ଏସ୍‌ଆରଏଚ୍ ମଧ୍ୟରେ ଖେଳାଳି ଅଦଳବଦଳ ହୋଇଛି । ଏହି ଟ୍ରେଡ୍‌ରେ ଭାରତୀୟ ଦ୍ରୁତ ବୋଲର ଟି. ନଟରାଜନ୍ ପୁଣିଥରେ ନିଜର ପୁରୁଣା ଫ୍ରାଞ୍ଚାଇଜ୍‌କୁ ଫେରିଥିବାବେଳେ ଯୁବ ସ୍ପିନର୍ ଜିଶାନ ଅନସାରୀ ଦିଲ୍ଲୀ ଦଳରେ



ସାମିଲ ହୋଇଛନ୍ତି । ନଟରାଜନ ସେ ୨୦୨୦ରୁ ୨୦୨୪ ପର୍ଯ୍ୟନ୍ତ କ୍ରମାଗତ ଭାବେ ୫ଟି ସିଜନ ପାଇଁ ଏସଆରଏଚ୍ ପକ୍ଷରୁ ଖେଳିଥିଲେ ଏବଂ ୨୦୨୪ ସିଜନରେ ୧୯ଟି ୱିକେଟ୍ ନେଇ ଦଳକୁ ଫାଇନାଲ୍‌ରେ ପହଞ୍ଚାଇବାରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ମାତ୍ର ୨୦୨୫ ନିଲାମୀରେ, ଦିଲ୍ଲୀ କ୍ୟାପିଟାଲ୍ସ ତାଙ୍କୁ ୧୦.୭୫ କୋଟି ଟଙ୍କାରେ କ୍ରୟ କରିଥିଲା । କିନ୍ତୁ ଏବେ ଏହି ଟ୍ରେଡ୍ ପରେ ନଟରାଜନ୍ ୫ କୋଟି ଟଙ୍କାର ସଂଶୋଧିତ ଦେୟ ସହିତ ପୁଣି ହାଇଦ୍ରାବାଦ ଦଳକୁ ଫେରିଛନ୍ତି । ତାଙ୍କର ଆଗମନ ଦଳର ପେସ୍ ବୋଲିଂ ଆକ୍ରମଣକୁ ଆହୁରି ମଜଭୁତ କରିବ ବୋଲି ଆଶା କରାଯାଉଛି ।

ଅନ୍ୟପକ୍ଷରେ, ୨୬ ବର୍ଷୀୟ ଯୁବ ଲେଗ୍-ସ୍ପିନର୍ ଜିଶାନ ଅନସାରୀ ଏବେ ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ଖେଳିବେ । ସେ ନିଜର ପୂର୍ବ କଣ୍ଟ୍ରାକ୍ଟ ମୂଲ୍ୟ ୪୦ ଲକ୍ଷ ଟଙ୍କାରେ ଦିଲ୍ଲୀ ଦଳରେ ସାମିଲ ହୋଇଛନ୍ତି । ଜିଶାନ ଗତ ସିଜନରେ ସନରାଇଜର୍ସ ହାଇଦ୍ରାବାଦ ପାଇଁ ୧୦ଟି ମ୍ୟାଚ୍ ଖେଳିଥିଲେ । ନିଜର ଦମଦାର ପ୍ରଦର୍ଶନ ଆରମ୍ଭ କରିଥିଲେ । ମାତ୍ର ଦିଲ୍ଲୀର ଅଭିଜ୍ଞ ସ୍ପିନର କୁଲଦୀପ ଲକ୍ଷ୍ନୌକୁ ଯିବାକୁ ପରେ ଜିଶାନ ସ୍ପିନ ଭାର ସମ୍ଭାଳିବେ ବୋଲି କୁହାଯାଉଛି । ଯେଉଁ କାରଣରୁ ଫ୍ରାଞ୍ଚାଇଜ୍ ତାଙ୍କୁ ଦଳରେ ସାମିଲ୍ କରାଯାଇଥିବା କୁହାଯାଉଛି ।

# ପରାଜୟରୁ ରଣଜୀ ଅଭିଯାନ ଆରମ୍ଭ କଲା ଓଡିଶା

ଅହମଦାବାଦ,୧୪।୧୦: ପୁଣି ସମସ୍ତଙ୍କୁ ନିରାଶ କରିଛି ଓଡିଶା କ୍ରିକେଟ ଟିମ। ଚଳିତ ରଣଜୀ ଋତୁର ଅଭିଯାନ ଓଡିଶା ପରାଜୟରୁ ଆରମ୍ଭ କରିଛି। ଗୁଜରାଟ ଠାରୁ ଦଳ ଲଜ୍ଜାଜନକ ଭାବେ ୧୦ ୱିକେଟ ପରାସ୍ତ ହୋଇଛି ।ଅହମଦାବାଦର ନରେନ୍ଦ୍ର ମୋଦି

## ୧୦ ୱିକେଟରେ ଜିତିଲା ଗୁଜରାଟ

ଷ୍ଟାଡିୟମରେ ଖେଳା ଯାଉଥିବା ମ୍ୟାଚ୍‌ରେ ପ୍ରଥମ ଦିନକୁ ଛାଡି ଦେଲେ ବାକି ୩ ଦିନ ଓଡିଶାର ଖେଳାଳିମାନେ ଗୁଜରାଟର ମୁକାବିଲା କରିବାରେ ସକ୍ଷମ ହୋଇ ନାହାନ୍ତି। ଶେଷରେ ୪ର୍ଥ ଦିନର ପ୍ରଥମ ସେସନ୍‌ରେ ଗୁଜରାଟ ବିଜୟ ଲକ୍ଷ୍ୟ ୪୭କୁ ବିନା କୌଣସି ୱିକେଟ ହରାଇ ହାସଲ କରି ନେଇଛି। ଏଥିସହ ନିଜର ରଣଜୀ ଅଭିଯାନ ବୃହତ୍ତ ବିଜୟରୁ ଆରମ୍ଭ କରିପାରିଛି।



ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଓଡିଶା ପ୍ରଥମ ଇନିଂସରେ ଗୌରବ ଚୌଧୁରୀଙ୍କ ୧୩୭ ଓ ସନ୍ଦୀପ ପଟ୍ଟନାୟକଙ୍କ ୬୯ ବଳରେ ୩୨୬ ରନ କରପାରିଥିଲା। ପ୍ରଥମ ଦିନରେ ଓଡିଶା ମାତ୍ର ୩ଟି ୱିକେଟ ହରାଇ ୨୭୨ ରନ କରିଥିଲେ ହେଁ ଦ୍ୱିତୀୟ ଦିନରେ ବଡ ସ୍କର କରିପାରି ନଥିଲା ।ସେହିପରି ବୋଲିଂରେ ମଧ୍ୟ ଦଳ ପ୍ରାରମ୍ଭିକ ସଫଳତା ସତ୍ତ୍ୱେ ଗୁଜରାଟକୁ କମ ସ୍କରରେ ରୋକିବାକୁ ସକ୍ଷମ ହୋଇପାରି ନଥିଲେ ଓଡିଶା ବୋଲର। ଓଡିଶାର ୩୨୬ ରନର ଜବାବରେ ଗୁଜରାଟ ପ୍ରଥମ ଇନିଂସରେ ୪୩୯ ରନ କରି ନେଇଥିଲା ।ଦଳ ପାଇଁ ଆର୍ଯ୍ୟ ଦେଶାଇ ୯୪, ବେଦାନ୍ତ ତ୍ରିବେଦୀ ୧୦୮, ଉର୍ବିଲ ପଟେଲ ୮୫ ଓ ହର୍ଷଲ ପଟେଲ ୬୦ ରନ କରିଥିଲେ। ଓଡିଶା ପାଇଁ ବାଦଲ ବିଶ୍ୱାଳ ପ୍ରଥମଥର ପାଇଁ ନିଜ ରଣଜୀ କ୍ୟାରିୟରରେ ୫ ୱିକେଟ ସଫଳତା ପାଇଥିଲେ।

ପ୍ରଥମ ଇନିଂସର ବ୍ୟାଟିଂର ସାମାନ୍ୟ ଦମ ଦେଖାଇଥିବା ଓଡିଶା ଦ୍ୱିତୀୟ ପାଳିରେ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ସନ୍ଦୀପ ପଟ୍ଟନାୟକ(୬୫) ଓ ନିନାଦ ରଥବା(୫୩)ଙ୍କୁ ଛାଡି ଦେଲେ ଆଉ କେହି ବି ଗୁଜରାଟର ବୋଲରଙ୍କୁ ସମ୍ମୁଖୀନ କରି ପାରି ନଥିଲେ। ତୃତୀୟ ଦିନ ଶେଷ ସୁଦ୍ଧା ଦଳ ୧୧୯ ରନରେ ୪ ୱିକେଟ ହରାଇଥିଲା। ୪ର୍ଥ ଦିନରେ ଦଳ ଭଲ ବ୍ୟାଟିଂ କରି ମ୍ୟାଚ୍‌କୁ ଅତିକ୍ରମରେ ଡ୍ର ରଖିବାକୁ ସକ୍ଷମ ହେବ ବୋଲି ସମସ୍ତେ ଆଶା କରିଥିଲେ। ହେଲେ ବାମହାତୀ ଗୁଜରାଟ ସ୍ପିନର ସିଦ୍ଧାର୍ଥ ଦେଶାଇ ଓଡିଶାର ସବୁ ଆଶାରେ ପାଣି ପକାଇ ଦେଇଥିଲେ। ୩୬ ରନରେ ୫ ୱିକେଟ ନେବାରୁ ଓଡିଶା ଦ୍ୱିତୀୟ ଇନିଂସରେ କେବଳ ୧୬୧ ରନ କରିବାକୁ ସକ୍ଷମ ହୋଇଥିଲା।

ଶେଷରେ ଗୁଜରାଟକୁ ମ୍ୟାଚ୍ ଜିତିବାକୁ ମିଳିଥିଲା ୪୭ ରନର ଟାର୍ଗେଟ। ଏହାକୁ ଦଳ ବେଶ ସହଜରେ ମାତ୍ର ୯.୩ ଓଭରରେ କୌଣସି ୱିକେଟ ନ ହରାଇ ହାସଲ କରି ନେଇଛି। ୪୭ ରନରୁ ଆର୍ଯ୍ୟ ଦେଶାଇ ଏକାକୀ ୩୭ ରନ କରିଥିବା ବେଳେ ଅନ୍ୟତମ ଓପନର ୮ ରନ କରି ଅପରାଜିତ ରହିଥିଲେ। ପ୍ରଥମ ଇନିଂସରେ ୧୦୮ ରନର ଇନିଂସ ଖେଳିଥିବା ବେଦାନ୍ତ ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ପୁରସ୍କାର ଜିତିଛନ୍ତି।

# ଟି-୨୦ ରାଙ୍କିଂ ଶୀର୍ଷ ୩ରେ ଆୟର

ମୁମ୍ବାଇ,୧୪।୧୦ : ଭାରତର ଟି-୨୦ ଅଧିନାୟକ ଶ୍ରେୟସ ଅୟର ଟି-୨୦ର ବ୍ୟାଟିଂ ରାଙ୍କିଂରେ ବଡ଼ ଲମ୍ଫ ମାରିଛନ୍ତି । ବୁଧବାର ଜାରି ହୋଇଥିବା ତାଜା ରାଙ୍କିଂରେ ଅୟର ୩ ସ୍ଥାନ ଉପରେ ପହଞ୍ଚି ଯାଇଛନ୍ତି । ଏବେ ସେ ୭୯୮ରେଟିଂ ସହ ଚତୁର୍ଥ ସ୍ଥାନରେ ଅଛନ୍ତି । ଅୟର ଟପ୍-୫ରେ ସାମିଲ ହୋଇଥିବା ତୃତୀୟ ଭାରତୀୟ ହୋଇଛନ୍ତି। ଏହା ପୂର୍ବରୁ ଇଶାନ କିଶନ ଏବଂ ଅଭିଷେକ ଶର୍ମା ପ୍ରଥମରୁ ଅଛନ୍ତି । ଇଶାନ କିଶନ ୯୦୪ରେଟିଂ ସହ ପ୍ରଥମ ସ୍ଥାନରେ ଅଛନ୍ତି । ଅଭିଷେକ ଶର୍ମା ୮୯୧ରେଟିଂ ସହ ଦ୍ୱିତୀୟ ନମ୍ବରରେ ଅଛନ୍ତି । ପାକିସ୍ତାନର ସାହିବଜାଦା ଫରହାନ ୮୮୩ରେଟିଂ ସହ ତୃତୀୟ ସ୍ଥାନରେ ଅଛନ୍ତି । ଅୟର ଚତୁର୍ଥ ନମ୍ବରରେ ଅଛନ୍ତି । ଇଂଲଣ୍ଡର ହ୍ୟାରୀ ବ୍ରୁକ ୭୯୩ରେଟିଂ ସହ ୫ମ ସ୍ଥାନକୁ ଖସି ଯାଇଛନ୍ତି ।



ୱେଷ୍ଟଇଣ୍ଡିଜ ବିପକ୍ଷ ଖେଳାଯାଉଥିବା ୫ମ୍ୟାଚର ଟି-୨୦ ସିରିଜରେ ଅୟରଙ୍କ ବ୍ୟାଟ୍ ଧୁଆଁଧାର ଚାଲିଛି । ଲକ୍ଷ୍ନୌରେ ଖେଳାଯାଇଥିବା ପ୍ରଥମ ଟି-୨୦ରେ ସେ ନଟଆଉଟ ୧୦୨ରନର ପାଳି ଖେଳିଥିଲେ । ଏହା ଅୟରଙ୍କ ଟି-୨୦ ଅନ୍ତର୍ଜାତୀୟ କ୍ୟାରିୟରର ପ୍ରଥମ ଶତକ ଥିଲା । ରାଞ୍ଚିରେ ହୋଇଥିବା ଦ୍ୱିତୀୟ ଟି-୨୦ରେ ଅୟର ୪୦ରନ୍ ସ୍କୋର କରିଥିଲେ । ମାତ୍ର ଇନ୍ଦୋରରେ ସେ କେବଳ ୧ରନ୍ ହିଁ କରିପାରିଥିଲେ ।

ଯଦି ଆମେ ନଜର ପକାଇବା ଅୟରଙ୍କ ଟି-୨୦ ଅନ୍ତର୍ଜାତୀୟ କ୍ୟାରିୟର ଉପରେ ତେବେ ଏବେ ପର୍ଯ୍ୟନ୍ତ ସେ ୭୦ମ୍ୟାଚ୍ ଖେଳି ସାରିଛନ୍ତି । ଏହି ମ୍ୟାଚରୁ ୬୬ପାଳିରେ ବୋଲିଂ କରି ଅୟର ୩୨.୪୭ ପ୍ରତିଶତ ଏବଂ ୧୪୧.୧୭ଷ୍ଟ୍ରାଇକ ରେଟରେ ୧୬୫୬ରନ୍ କରିଥିଲେ । ଏହି ସମୟରେ ସେ ୧ଶତକ ଏବଂ ୧୦ଅର୍ଦ୍ଧଶତକ କରିଛନ୍ତି।

ବାମ ହାତୀର ଭାରତୀୟ ବ୍ୟାଟର ତିଲକ ବର୍ମା ଗୋଟିଏ ସ୍ଥାନ ଉପରକୁ ଆସି ୯ମ ନମ୍ବରରେ ଆସିଯାଇଛନ୍ତି । ତିଲକଙ୍କ ପାଖରେ ୭୯୩ର ରେଟିଂ ଅଛି । ଏହିଭଳି ଭାବେ ଟପ୍-୫ରେ ପ୍ରାୟ ୪ଭାରତୀୟ ବ୍ୟାଟର ଅଛନ୍ତି । ଟି-୨୦ର ବୋଲିଂ ରେଟିଂରେ ଆଫଗାନିସ୍ତାନର ରଶିଦ ଖାନ ୭୨୦ରେଟିଂ ସହ ପ୍ରଥମ ନମ୍ବରରେ ଅଛନ୍ତି । ଟପ୍-୫ରେ କୌଣସି ଭାରତୀୟ ନାହାନ୍ତି । ଟପ-୧୦ରେ କେବଳ ଜଣେ ଭାରତୀୟ ବୋଲର ଅକ୍ଷର ପଟେଲ ଅଛନ୍ତି । ଅକ୍ଷର ୨ ସ୍ଥାନ ଖସି ୬୪୯ରେଟିଂ ସହ ୯ମ ସ୍ଥାନରେ ପହଞ୍ଚିଛନ୍ତି ।

# ଇଂଲଣ୍ଡ ଦଳ ଘୋଷଣା

ଲଣ୍ଡନ,୧୪।୧୦: ଇଂଲଣ୍ଡ ଏଣ୍ଡ ଓ୍ୱେଲ୍ସ କ୍ରିକେଟ ବୋର୍ଡ଼ଅଷ୍ଟ୍ରେଲିଆ ଗସ୍ତରେ ଖେଳାଯିବାକୁ ଥିବା ତିନି ମ୍ୟାଚର ୱାନଡେ ସିରିଜ ଏବଂ ପାଞ୍ଚ ମ୍ୟାଚର ଟି-୨୦ ସିରିଜ ଲାଗି ଇଂଲଣ୍ଡ ଟିମର ଘୋଷଣା କରାଯାଇଛି। ଇଂଲଣ୍ଡର ଟିମ୍ ଆଗାମୀ ମାସ ଅଷ୍ଟ୍ରେଲିଆ ଯିବ । ଯେଉଁଠାରେ ୧୨ ନଭେମ୍ବର ପୂର୍ବରୁ ତିନି ମ୍ୟାଚର ୱାନଡେ ସିରିଜ ଖେଳିବ। ଏହାପରେ ୨୧ନଭେମ୍ବରରୁ ୨ ଡିସେମ୍ବର ମଧ୍ୟରେ ପାଞ୍ଚ ମ୍ୟାଚର ଟି-୨୦ ସିରିଜ ଖେଳିବ। ଇଂଲଣ୍ଡ ୱାନଡେ ସିରିଜ ଲାଗି ୧୬ ସଦସ୍ୟ ଟିମର ଘୋଷଣା କରିଛି । ଆଘାତ ଥିବା ଜୋସ ବଟଲର ଏହି ସିରିଜର ଭାଗିଦାରୀ ନାହାନ୍ତି । ସେହିଭଳି ଫିଲ ସାଲ୍ଟଙ୍କୁ ବି ଚୟନ କରାଯାଇନାହିଁ । ହେନେରୀ କ୍ରୋକୋମ୍ବୋ ପ୍ରଥମ ଥର ଇଂଲଣ୍ଡର ୱାନଡେ ଟିମରେ ଚୟନ ହୋଇଛନ୍ତି। ଇଂଲଣ୍ଡ ଦ୍ରୁତ ବୋଲିଂରେ ଜୋଫ୍ରା ଆର୍‌ଚର, ଗସ ଏଣ୍ଟିକିଂସନ, ସୋନୀ ବେକର, ଜେମୀ ଓବରଟନ, ସ୍ୟାମ କରନ, ଜୋଶ ଟଂଗ ଏବଂ ହେନରୀ କ୍ରୋକୋମ୍ବୋଙ୍କୁ ଚୟନ କରାଯାଇଛି। ବ୍ୟାଟିଂରେ ଅଧିନାୟକ ହ୍ୟାରି ବ୍ରୁକଙ୍କ ବ୍ୟତୀତ ବରିଷ୍ଠ ବ୍ୟାଟର ଜୋ ରୁଟ, ଟମ୍ ବ୍ୟାଣ୍ଟନ, ଜ୍ୟାକବ ବେଥେଲ, ଜାର୍ଡ଼ନ, ବେନ ଡକେଟ ଏବଂ ବିଲ ଜ୍ୟାକ୍ସ ଅଛନ୍ତି ।

# ଅବସର ପୂର୍ବରୁ କୋହଲିଙ୍କ 'ବିରାଟ' ପରୀକ୍ଷା

ନୂଆଦିଲ୍ଲୀ,୧୪/୧୦; ଅନ୍ତର୍ଜାତୀୟ କ୍ରିକେଟ୍‌ରେ ସର୍ବାଧିକ ଶତକ ରେକର୍ଡ କିମ୍ବଦନ୍ତୀ ବ୍ୟାଟର ସଚିନ ତେନ୍ଦୁଲକରଙ୍କ ନାମରେ ରହିଛି । ସେ ମୋଟ୍ ୧୦୦ଟି ଶତକ ଅର୍ଜନ କରିଛନ୍ତି । ଏହି ତାଲିକାରେ ଦ୍ୱିତୀୟ ସ୍ଥାନ ଦଖଲ କରିଛନ୍ତି ବିରାଟ କୋହଲି । ୨୦୨୭ ଦିନକିଆ ବିଶ୍ୱକପ୍ ଖେଳି ଅବସର ନେବାକୁ ଲକ୍ଷ୍ୟ ରଖିଥିବା କୋହଲିଙ୍କ ନିକଟରେ ସଚିନ୍‌ଙ୍କ ୧୦୦ ଶତକ ଭାଙ୍ଗିବାର ସୁଯୋଗ ରହିଛି । ଭାରତ ୨୦୨୭ ବିଶ୍ୱକପ୍ ଫାଇନାଲ୍ ପର୍ଯ୍ୟନ୍ତ ମୋଟ୍ ୪୫ଟି ଦିନକିଆ ଖେଳିବାକୁ ଯାଉଛି । ସଚିନ୍‌ଙ୍କ ଦିନକିଆ ଶତକକୁ ଚେଜ୍ କରୁଛନ୍ତି କିଙ୍ଗ୍ ବିରାଟ୍ କୋହଲି । ଦିନକିଆ ବିଶ୍ୱକପ ୨୦୨୭ ପୂର୍ବରୁ ଏହି ସଫଳତା ହାସଲ କରୁଛନ୍ତି କି ନାହିଁ ତାହା ଉପରେ ସମସ୍ତଙ୍କ ଲକ୍ଷ୍ୟ ରହିଛି ।



ଚଳିତ ମାସରେ ଭାରତୀୟ ଦଳ ନ୍ୟୁଜିଲାଣ୍ଡ ଯାତ୍ରା କରି ୫ଟି ଦିନକିଆ ଖେଳିବ । ଏହାପରେ ଶ୍ରୀଲଙ୍କା ଦଳ ଭାରତ ଗସ୍ତରେ ଆସି ୩ ମ୍ୟାଚ ବିଶିଷ୍ଟ ଦିନକିଆ ସିରିଜ ଖେଳିବାର କାର୍ଯ୍ୟକ୍ରମ ରହିଛି । ଜିମ୍ବାୱେ ଦଳ ମଧ୍ୟ ଭାରତ ଗସ୍ତରେ ଆସି ୩ଟି ଦିନକିଆ ଖେଳିବ। ଏହାପରେ ଭାରତୀୟ ଦଳ ଯଥାକ୍ରମେ ୱେଷ୍ଟଇଣ୍ଡିଜ ଓ ବାଂଲାଦେଶ ଯାତ୍ରା କରି ୩ଟି ଲେଖାଏଁ ଦିନକିଆ ଖେଳିବାର କାର୍ଯ୍ୟକ୍ରମ ରହିଛି । ଅବଶ୍ୟ ବାଂଲାଦେଶ ଗସ୍ତକୁ ନେଇ ଚୂଡାନ୍ତ କ୍ରୀଡାସୂଚୀ ଘୋଷଣା କରାଯାଇ ନାହିଁ । ଜୁଲାଇ ଓ ଅଗଷ୍ଟରେ ଭାରତୀୟ ଦଳ ୱେଷ୍ଟ ଇଣ୍ଡିଜ ଯାତ୍ରା କରି ୩ଟି ଧାକ ଫର୍ମାଟ୍ ବିଶିଷ୍ଟ ସିରିଜ ଖେଳିବାର କାର୍ଯ୍ୟକ୍ରମ ରହିଛି । ଏହାପରେ ଅଷ୍ଟ୍ରେଲିଆ ଦଳ ଭାରତ ଗସ୍ତରେ ଆସି ୩ଟି ଦିନକିଆ ଖେଳିବ ।

ବିଶ୍ୱକପ୍ ପୂର୍ବରୁ ଭାରତୀୟ ଦଳ ଦକ୍ଷିଣ ଆଫ୍ରିକା ଯାତ୍ରା କରି ୬ଟି ଦିନକିଆ ଖେଳିବାର ସୂଚୀ ରହିଛି । ଆସନ୍ତା ବର୍ଷ ସେପ୍ଟେମ୍ବର ମାସରେ ଏହି ସିରିଜ ଖେଳାଯିବ । ଏହା ବ୍ୟତୀତ ଆସନ୍ତା ବର୍ଷ ଏସିଆ କପ୍ ଦିନକିଆ ଟୁର୍ଣ୍ଣାମେଣ୍ଟ ରହିଛି । ଏହି ଟୁର୍ଣ୍ଣାମେଣ୍ଟର ଫାଇନାଲ୍‌ରେ ପ୍ରବେଶ କଲେ ଭାରତ ୬ଟି ଦିନକିଆ ଖେଳି ପାରିବ । ସେହିପରି ଦିନକିଆ ବିଶ୍ୱକପ୍‌ରେ ଫାଇନାଲ୍‌କୁ ଉନ୍ନୀତ ହେଲେ ଭାରତ ୧୩ଟି ମ୍ୟାଚ ଖେଳିବ । ମୋଟ୍ ଉପରେ ଦେଖିବାକୁ ଗଲେ ଦ୍ୱିପାକ୍ଷିକ ସିରିଜ ଜରିଆରେ ଭାରତ ୨୬ଟି ଦିନକିଆ ଓ ଏସିସି ଓ ଆଇସିସି ଟୁର୍ଣ୍ଣାମେଣ୍ଟ ଜରିଆରେ ୧୯ଟି ମ୍ୟାଚ ଖେଳି ପାରିବ ।ବିଶ୍ୱକପ୍ ଖେଳି ଅବସର ନେବାକୁ ଲକ୍ଷ୍ୟ ରଖିଥିବା ଦୁଇ ମହାନ ବ୍ୟାଟର ବିରାଟ କୋହଲି ଓ ରୋହିତ ଶର୍ମାଙ୍କ ନିକଟରେ ଅନେକ ରେକର୍ଡ ଭାଙ୍ଗିବାର ସୁଯୋଗ ରହିଛି । ବିରାଟ କୋହଲି ଇତି ମଧ୍ୟରେ ମୋଟ୍ ୮୬ଟି ଶତକ ଅର୍ଜନ କରି ସାରିଛନ୍ତି । ସେ ଆଉ ୧୪ଟି ଶତକ ଅର୍ଜନ କଲେ ସଚିନଙ୍କ ୧୦୦ ରେକର୍ଡ ସହ ସମକକ୍ଷ ହୋଇ ପାରିବେ । କୋହଲି କେବଳ ଦିନକିଆରେ ସର୍ବାଧିକ ୫୫ଟି ଶତକ ଅର୍ଜନ କରିସାରିଛନ୍ତି । ଦିନକିଆରେ ରୋହିତ ୩୫ଟି ଶତକ ଅର୍ଜନ କରିସାରିଛନ୍ତି । ଶତକରେ ଅର୍ଦ୍ଧଶତକ ପୂରଣ କରିବାକୁ ସେ ଆଉ ୧୫ଟି ଶତକ ଆବଶ୍ୟକ କରୁଛନ୍ତି ।

# ଅଭିଷେକଙ୍କ ରେକର୍ଡ ଭାଙ୍ଗିଲେ ଫରହାନ

ଦୁବାଇ,୧୫।୧୦:: ଭାରତୀୟ ଓପନର୍ ଅଭିଷେକ ଶର୍ମାଙ୍କ ଏକ ଟ୍ୱେଣ୍ଟି-୨୦ ରେକର୍ଡକୁ ପାକିସ୍ତାନ ଅଧିନାୟକ ସାହିବଜାଦା ଫରହାନ ମଙ୍ଗଳବାର ଭାଙ୍ଗିଛନ୍ତି। ଆଇସିସି ୱେବସାଇଟ୍‌ରେ ପ୍ରକାଶିତ ଏକ ତଥ୍ୟ ଅନୁଯାୟୀ ସାହିବଜାଦା ଦୁଇ ପୂର୍ଣ୍ଣକାଳୀନ ସଦସ୍ୟ ଦେଶ ମଧ୍ୟରେ ଖେଳାଯାଇଥିବା ଏକ ତିନି ମ୍ୟାଚ୍ ବିଶିଷ୍ଟ ଦ୍ୱିପାକ୍ଷିକ ପୁରୁଷ ଟ୍ୱେଣ୍ଟି-୨୦ ଶୃଙ୍ଖଳାରେ ସର୍ବାଧିକ ରନ୍ କରିବାରେ ଅଭିଷେକଙ୍କ ରେକର୍ଡକୁ ପାର୍ କରିଛନ୍ତି। ସେ ଶ୍ରୀଲଙ୍କା ବିପକ୍ଷ ୩ ମ୍ୟାଚ୍ ବିଶିଷ୍ଟ ଟ୍ୱେଣ୍ଟି-୨୦ ଶୃଙ୍ଖଳାରେ ୩ ଅର୍ଦ୍ଧଶତକ ସହ ୨୩୮ ରନ୍ କରିଛନ୍ତି। ଅଭିଷେକ ନିକଟରେ ଆଫଗାନିସ୍ତାନ ବିପକ୍ଷରେ ୨୨୯ ରନ୍ କରି ଏହି ରେକର୍ଡର ଅଧିକାରୀ ଥିଲେ। ତୃତୀୟ ଓ ଚତୁର୍ଥ ସ୍ଥାନରେ ଯଥାକ୍ରମେ ନ୍ୟୁଜିଲାଣ୍ଡର କଲିନ ମୁନ୍‌ରୋ (୨୨୩, ୱେଷ୍ଟଇଣ୍ଡିଜ୍ ବିପକ୍ଷ ୨୦୨୩-୨୪ ଶୃଙ୍ଖଳା) ଓ ଅଷ୍ଟ୍ରେଲିଆର ଡେଭିଡ୍ ୱାର୍ନର (୨୧୭, ଶ୍ରୀଲଙ୍କା ବିପକ୍ଷ ୨୦୧୯) ରହିଛନ୍ତି। ମଙ୍ଗଳବାର ଶ୍ରୀଲଙ୍କା ବିପକ୍ଷ ତୃତୀୟ ତଥା ଶୃଙ୍ଖଳାର ଶେଷ ମ୍ୟାଚ୍‌ରେ ଫରହାନ୍‌ଙ୍କ ୭୬ ରନ୍ ସତ୍ତ୍ୱେ ପାକିସ୍ତାନ ୮ ୱିକେଟ୍‌ରେ ପରାଜିତ ହୋଇଥିଲା। ହେଲେ ପ୍ରଥମ ୨ ଟ୍ୱେଣ୍ଟି-୨୦ ଜିତିଥିବାରୁ ପାକିସ୍ତାନର ଶୃଙ୍ଖଳା କବ୍ଜା କରିଥିଲା।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office, Dist - Khordha (Odisha) , Email : odishamahabharata@gmail.com, orissamahabharat@rediffmail.com
Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର